READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୯ | ସଂଖ୍ୟା-୬ | ୧୭ - ୨୩ ଫେବୃଆରୀ, ୨୦୨୫ | ଭୁବନେଶ୍ୱର | Monday Weekly | VOL-9 | ISSUE-6 | 17th - 23rd FEBRUARY, 2025 | BHUBANESWAR | ₹ 5/- (8 Pages)

### ମୁଡ୍ ଅଫ୍ ଦି ନେସନ୍ ସର୍ବେକ୍ଷଣ ରିପୋର୍ଟ

## ଜନତାଙ୍କ ପସନ୍ଦ ବିଜେପି

**ନୂଆଦିଲ୍ଲୀ :** ଏବେ ଯଦି ସରା ଦେଶରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହୁଏ ତେବେ ବିଜେପି ଓ ଏହି ଦଳର ନେତୃତ୍ୱାଧୀନ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ ବା ଏନଡିଏ ପୂର୍ବାପେକ୍ଷା ଅଧିକ ଆସନ ପାଇବ। ମେଣ୍ଟର ଆସନ ସଂଖ୍ୟା ୩୪୩ ଛୁଇଁବ। ଏକା ବିଜେପି ୨୮୧ ଆସନ ପାଇବାର ସମ୍ଭାବନା ଅଛି। ଅନ୍ୟପକ୍ଷରେ କଂଗ୍ରେସ ଓ ଏହାର ଇଣ୍ଡିଆ ମେଣ୍ଟର ଆସନ ସଂଖ୍ୟା ଯଥେଷ୍ଟ କମିଯିବ। କଂଗ୍ରେସର ଆସନ ସଂଖ୍ୟା ୯୯ରୁ ୭୮କୁ ଖସି ଆସିବ ଓ ଇଣ୍ଡିଆ ମେଣ୍ଟର ଆସନ ସଂଖ୍ୟା ୨୩୨ରୁ ୧୮୮କୁ ଖସିବ। ଏବେ ଦେଶର ମତିଗତି କ'ଣ ବା ମୁଡ୍ ଅଫ୍ ଦି ନେସନ୍ ସର୍ବେକ୍ଷଣ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ଦେଶର ଏକ ପ୍ରତିଷ୍ଠିତ ଗଣମାଧ୍ୟମ ସଂସ୍ଥା ଇଣ୍ଡିଆ ଟୁଡେ ଏହି ସର୍ବେକ୍ଷଣ କରିଛି। ଚଳିତ ବର୍ଷ ଜାନୁଆରୀ ୨ ତାରିଖ ଓ ଫେବୃଆରୀ ୯ ତାରିଖ ମଧ୍ୟରେ ଏହି ସର୍ବେକ୍ଷଣ କରାଯାଇଥିଲା। ଦେଶର ୧,୨୫,୧୨୩ ଲୋକଙ୍କଠାରୁ ମତ ସଂଗ୍ରହ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁସାରେ ଦେଶର ଲୋକମାନେ ପୁଣି ଥରେ କଂଗ୍ରେସ ଆଡୁ ମୁହଁ ଫେରାଇଲେଣି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଓ ଅନ୍ୟ କେତେକ ଦଳ ଏକଜୁଟ୍ ହୋଇ ବିଜେପି ଓ ଏହାର ନେତୃତ୍ୱାଧୀନ ଏନଡିଏ ବିରୋଧରେ ଲଢ଼ିବାରୁ ସେମାନଙ୍କର ଆସନ ସଂଖ୍ୟା ବୃଦ୍ଧି ପାଇଥିଲା। ମାତ୍ର, ଏହା ପରଠାରୁ ଏହି ତଥାକଥିତ ମେଣ୍ଟର କୌଣସି ବୈଠକ ବସି ନାହିଁ। ଏହା କିଭଳି ବିକଳ୍ପ ଇସ୍ତାହାର ଦେବ ତାହା ସ୍ଥିର ହୋଇନାହିଁ। ଅଧିକନ୍ତୁ ଲୋକସଭା ନିର୍ବାଚନ ପରେ କଂଗ୍ରେସ ଓ ଏହାର ସହଯୋଗୀ ଦଳଙ୍କ ମଧ୍ୟରେ ମତଭେଦ ବୃଦ୍ଧି ପାଇବାରେ ଲାଗିଛି। କେତେକ ରାଜ୍ୟ ନିର୍ବାଚନରେ ସହଯୋଗୀ ଦଳଗୁଡ଼ିକୁ ସାଙ୍ଗରେ ନନେଇ କଂଗ୍ରେସ ଏକା ନିର୍ବାଚନ ଲଢ଼ିବାରୁ ମେଣ୍ଟ ଆଉ ନାହିଁ କହିଲେ ଚଳେ। ଏକଥା ମରାଠା ନେତା ଶରଦ ପାୱାର କହି ସାରିଲେଣି। ଇଣ୍ଡିଆ ମେଣ୍ଟର ଅନେକ ସଦସ୍ୟ ମମତା ବାନାର୍ଜୀଙ୍କୁ ମେଣ୍ଟର ଆବାହକ କରିବାକୁ ପ୍ରସ୍ତାବ ଦେଲେଣି। ଉଦ୍ଧବ ଠାକରେଙ୍କ ଶିବ ସେନା, ଶରଦ ପାୱାରଙ୍କ ଏନସିପି, ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ଓ ଅରବିନ୍ଦ କେଜ୍ରିୱାଲଙ୍କ ଆମ ଆଦମୀ ପାର୍ଟି କଂଗ୍ରେସଠାରୁ ଦୂରେଇ ଗଲେଣି। କାରଣ କଂଗ୍ରେସ ସେମାନଙ୍କୁ ସହ କୌଣସି ପରାମର୍ଶ କରୁନାହିଁ କିମ୍ବା ସେମାନଙ୍କ ସାଙ୍ଗରେ ଚାଲିବା ପାଇଁ କୌଣସି ଉଦ୍ୟମ କରୁନାହିଁ। ପ୍ରଚଳିତ କଂଗ୍ରେସ ନେତୃତ୍ୱର ଅନ୍ୟ ଏକ ଦୁର୍ବଳତା ହେଲା ଏହି ଦଳ ରାଷ୍ଟ୍ରୀୟ ସ୍ତରରେ ମୋଦି ଶାସନଠାରୁ କିଭଳି ଅଲଗା ଅର୍ଥନୀତି ପ୍ରଚଳନ କରିବ, ରାଷ୍ଟ୍ରୀୟ ସଂପଦର କିଭଳି ସ୍ୱତନ୍ତ୍ର ପରିଚାଳନା କରିବ, ବେକାରୀ ଦୂର କରିବାକୁ କି ଅଲଗା ଯୋଜନା ଓ ଅଭିଯାନ ଚଳେଇବ, ଦରବୃଦ୍ଧି ନିୟନ୍ତ୍ରଣ କରିବାକୁ କି ପ୍ରକାର ବଜାର ନୀତି ପ୍ରଚଳନ କରିବ, ➤ ପୃ-୬




## ରଣବୋଝ ୧୭୧ ଲକ୍ଷ ୭୮ ହଜାର କୋଟି



**ନୂଆଦିଲ୍ଲୀ :** ରଣରେ ବୁଡ଼ିଲାଣି ଦେଶ। ଏ କଥା ସଂସଦରେ ସ୍ୱୀକାର କରିଛନ୍ତି କେନ୍ଦ୍ର ସରକାର। ୨୦୧୯-୨୦ରୁ ୨୦୨୩-୨୪ ଭିତରେ ଦେଶର ମୋଟ ରଣ ପରିମାଣ ୧୭୧ ଲକ୍ଷ କୋଟି ବୋଲି କେନ୍ଦ୍ର ସରକାର ମାନିଛନ୍ତି। ବିଶେଷଜ୍ଞଙ୍କ କହିବା କଥା, ରଣ କରିବାରେ ଅସୁବିଧା ନାହିଁ। କିନ୍ତୁ ଯଦି ରଣ ପରିଶୋଧ ପରିମାଣ ବେଶୀ ହେବ, ତାହେଲେ ବିକାଶମୂଳକ କାମ ପାଇଁ ଅର୍ଥର ଅଭାବ ଦେଖାଦେବ। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ, ଏବେ ମାସିକ ରଣ ବାବଦ ସୁଧ ଗଣିବାରେ ଯାଉଛି ୧୦ ଲକ୍ଷ କୋଟିରୁ ଅଧିକ। ସ୍ଥିତି ଏମିତି ହେଲାଣି ଯେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଧୀରେ ଧୀରେ ରାଜସ୍ୱ ନିଅଣ୍ଟ ଆଡ଼କୁ ମୁହାଁଇଲେଣି। ଧୀରେ ଧୀରେ ମାନ୍ଦାବସ୍ଥା ଆଡ଼କୁ ଗଲାଣି ଦେଶ। ରଣବୋଝ ବଢ଼ି ୧୭୧ ଲକ୍ଷ ୭୮ ହଜାର କୋଟିରେ ପହଞ୍ଚିଲାଣି। ସଂସଦରେ ଏଭଳି ତଥ୍ୟ ରଖିଛନ୍ତି ଖୋଦ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ। ଏପଟେ କେନ୍ଦ୍ର ରଣ ବାବଦରେ ମାସିକ ସୁଧ ଗଣୁଛି ୧୦ ଲକ୍ଷ ୬୪ ହଜାର କୋଟି। ଭିତ୍ତିଭୂମି ବିକାଶ ପାଇଁ ରଣ କରିବା ଖରାପ ନୁହେଁ। କିନ୍ତୁ ପରିଶୋଧ ପରିମାଣ ଯଦି ଅଧିକ ହେବ, ତାହେଲେ ଏହା ଅର୍ଥନୀତି ପ୍ରତି ବିପଦ ଆଣିବ। ବିଶେଷଜ୍ଞଙ୍କ ଅଭିଯୋଗ, ସଂସଦରେ ତଥ୍ୟ ରଖିବା ବେଳେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ୨୦୨୪-୨୫ର ତଥ୍ୟ ରଖିନାହାନ୍ତି। ଚଳିତ ଆର୍ଥିକ ବର୍ଷକୁ ମିଶାଇଲେ ଏହି ରଣ ପରିମାଣ ୨୦୦ ଲକ୍ଷ କୋଟି ଟପିବ। ଯାହାକି ଏଫ୍ଆରବିଏମ୍ ଆଇନର ଉଲ୍ଲଂଘନ। ➤ ପୃ-୬

## ଭୟଭୀତ ନବୀନ !

**ଭୁବନେଶ୍ୱର :** ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇଛି। ରାଜ୍ୟପାଳଙ୍କ ଅଭିଭାଷଣରୁ ଏହି ଅଧିବେଶନ ଆରମ୍ଭ ହୋଇଛି। ତେବେ ଅଧିବେଶନର ପ୍ରଥମ ଦିନରେ ଗୃହ ବାହାରେ ଦେଖିବାକୁ ମିଳିଥିଲା ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଭିନ୍ନ ରୂପ। ସମସ୍ତଙ୍କ ସମ୍ମୁଖରେ ନିଜ ଦଳର ବରିଷ୍ଠ ବିଧାୟକ ସନାତନ ମହାକୁଡ଼ଙ୍କୁ ନବୀନ ମାରିଥିଲେ ତେରଛା ବାଣ, ଯାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ତା'ସହିତ ନବୀନ ଭୟଭୀତ କି ବୋଲି ଉଠିଛି ପ୍ରଶ୍ନ। ନବୀନ ପଟ୍ଟନାୟକଙ୍କୁ ବିଧାନସଭା ଗୃହକୁ ପାଛୋଟି ନେବାକୁ ଅପେକ୍ଷା କରିଥିଲେ ବିଜେଡିର କିଛି ବିଧାୟକ। ସେମାନଙ୍କ ମଧ୍ୟରେ ଥିଲେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼। ନବୀନ କାରରୁ ଓହ୍ଲାଇ ଗୃହ ଭିତରକୁ ଯାଉଥିବା ବେଳେ ତାଙ୍କ ନଜର ପଡ଼ିଥିଲା ସନାତନଙ୍କ ଉପରେ। ତାଙ୍କୁ ଦେଖି ନବୀନ ତାଗିଦ କରିବା ଶୈଳୀରେ ପଚାରିଥିଲେ ଯେ ସେ କାହିଁକି ବିଜେଡି ବିଧାୟକ ଦଳ ବୈଠକକୁ ଆସି ନଥିଲେ। ଉତ୍ତରରେ ଅସୁସ୍ଥ ଥିଲେ ବୋଲି କହିଥିଲେ ସନାତନ ମହାକୁଡ଼। ତାଙ୍କର ଏହି ଉତ୍ତରରେ ନବୀନ ସନ୍ତୁଷ୍ଟ ହେଲା ଭଳି ଲାଗି ନଥିଲେ। ଏହା ପରେ ଆଗକୁ ବଢୁଥିବା ବେଳେ ନବୀନ ପୁଣି ଅଟକି ଯାଇ 'ବିଜେପି ଆଡ଼କୁ ଯାଉଛନ୍ତି କି' ବୋଲି ସନାତନଙ୍କୁ ପଚାରିଥିଲେ। ନବୀନ ତାଙ୍କୁ ଏହି ପ୍ରଶ୍ନ କଲା ବେଳେ ସେଠାରେ କିଛି ବିଜେଡି ବିଧାୟକଙ୍କ ସହିତ ସୁରକ୍ଷାକର୍ମୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସାଧାରଣ ନିର୍ବାଚନ ପରଠାରୁ ବିଜେଡି ଭାଙ୍ଗି ଯିବ ବୋଲି ଆଲୋଚନା ହେଉଛି। ବିଭିନ୍ନ ସମୟରେ କିଛି ବିଜେଡି ବିଧାୟକ ଓ ରାଜ୍ୟସଭା ସାଂସଦ ବିଜେପିରେ ମିଶିବା ନେଇ ଚର୍ଚ୍ଚା ହୋଇଛି। ଅନେକ ସମୟରେ ଅନେକ ବିଜେପି ନେତା କହିଛନ୍ତି ଯେ ବିଜେଡି ଭାଙ୍ଗିବ ଓ ତାଙ୍କ ନେତାମାନେ ବିଜେପିରେ ମିଶିବାକୁ ପ୍ରସ୍ତୁତ ହୋଇ ବସିଛନ୍ତି। ଅନେକ ସମୟରେ ବିଭିନ୍ନ ସ୍ଥାନରେ ବିଜେଡି ନେତାଙ୍କ ମେଳି ଏଭଳି ➤ ପୃ-୬



### ରାଜ୍ୟରେ ସ୍କୁଲ ଶିକ୍ଷାର ଦୟନୀୟ ଚିତ୍ର

## ଅଷ୍ଟମ ପିଲା ଜାଣି ନାହାନ୍ତି ଫେଡାଣ, ହରଣ

**ଭୁବନେଶ୍ୱର :** ବିଧାନସଭାରେ ଗଣଶିକ୍ଷାମନ୍ତ୍ରୀଙ୍କ ଲିଖିତ ଉତ୍ତର ଖୋଲିଦେଲା ରାଜ୍ୟରେ ସ୍କୁଲ ଶିକ୍ଷାର ଦୟନୀୟ ସ୍ଥିତିର ଗୁମର। ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯେଉଁ ତଥ୍ୟ ଦେଇଛନ୍ତି ତାହା ସ୍କୁଲ ଶିକ୍ଷାର ମାନ ଉପରେ ଲଗାଇଛି ବଡ଼ ପ୍ରଶ୍ନ ଚିହ୍ନ। ମନ୍ତ୍ରୀ ରଖିଥିବା ତଥ୍ୟ ଅନୁଯାୟୀ ଅଷ୍ଟମ ଶ୍ରେଣୀ ପିଲା ଜାଣି ନାହାନ୍ତି ଫେଡାଣ ହରଣ। ୬୯.୫ ପ୍ରତିଶତ ପିଲା ଫେଡାଣ ଜାଣି ନଥିବା ବେଳେ ୪୫.୮ ପ୍ରତିଶତ ପିଲା ଜାଣନ୍ତିନି ହରଣ। ଆଉ ଉଦବେଗର କଥା ହେଉଛି ଏହି ସଂଖ୍ୟା ପ୍ରତିବର୍ଷ ବଢି ବଢି ଚାଲିଛି। ୨୦୧୪ ରେ ୬୩.୪ ପ୍ରତିଶତ ପିଲା ଫେଡାଣ ଜାଣି ନଥିଲେ। ୨୦୨୪ ରେ ଏହି ହାର ୬୯.୫ ପ୍ରତିଶତରେ ପହଞ୍ଚିଛି। ସେହିପରି ୨୦୧୪ରେ ୩୭.୯ ପ୍ରତିଶତ ପିଲା ହରଣ ଜାଣି ନଥିଲେ। ➤ ପୃ-୬



### 'ଲକ୍ଷପତି ଦିଦି ସହାୟିକା' ଯୋଜନା ଆରମ୍ଭ

## ଉପକୃତ ହେବେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍

**ଭୁବନେଶ୍ୱର :** ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଓଡିଶା ଜୀବିକା ମିଶନ ୨୦୧୨ ମସିହା ଅପ୍ରେଲ ୧ ତାରିଖରୁ କାର୍ଯ୍ୟକାରୀ ହେଉଅଛି। ଏହି ଯୋଜନାର ଆଭିମୁଖ୍ୟ ଅନୁଯାୟୀ ଗ୍ରାମୀଣ ପରିବାରମାନଙ୍କର ଜୀବନ ଜୀବିକାରେ ଉନ୍ନତି ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ପରିବାରର ମହିଳାମାନଙ୍କୁ ସାମିଲ କରାଯାଉଛି। ପୁନର୍ବାର ଏହି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବିଭିନ୍ନ ସାମାଜିକ ତଥା ଅର୍ଥନୈତିକ ସହାୟତା ପ୍ରଦାନ କରିବା ପାଇଁ ସେମାନଙ୍କୁ ଗ୍ରାମ ଓ ପଞ୍ଚାୟତସ୍ତରରେ ସଂଗଠିତ କରାଯାଉଅଛି। ଏହି ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି), ଆଞ୍ଚଳିକ ମଞ୍ଚ (ସିଏଲଏଫ) ଏବଂ ଗ୍ରାମ ପଞ୍ଚାୟତ ସଂଘ (ଜିପିଏଲଏଫ) ଗୁଡିକୁ ସୁଦୃଢ ଓ ସଶକ୍ତ କରିବା ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କୁ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ଦ୍ୱାରା ନିଯୁକ୍ତି ଦିଆଯାଇଥିଲା। କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କ ମଧ୍ୟରେ କମ୍ୟୁନିଟି ରିସୋର୍ସ ପର୍ସନ ଫର କମ୍ୟୁନିଟି ମୋବିଲାଇଜେସନ(ସିଆରପି-ସିଏମ, ମାଷ୍ଟର ବୁକ କିପର(ଏମବିକେ), ବ୍ୟାଙ୍କ ମିତ୍ର ଓ ପ୍ରାଣୀ ମିତ୍ର ଅନ୍ତର୍ଭୁକ୍ତ ଅଟନ୍ତି। ରାଜ୍ୟରେ ମୋଟ ୬୨,୩୪୧ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନିଯୁକ୍ତ କରାଯାଇଥିଲା। ଓଡିଶା ଜୀବିକା ମିଶନର ପତ୍ର ସଂଖ୍ୟା ୫୭୪, ତାରିଖ ୨୫.୦୨.୨୦୧୯ରେ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଜାରି କରଯାଇଥିଲା। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ବାବଦକୁ ଗ୍ରାମ ପଞ୍ଚାୟତସ୍ତରୀୟ ସଂଘମାନଙ୍କୁ ୨୦୧୯ ଏପ୍ରିଲ ୧ ତାରିଖଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ହାରରେ ପାଣ୍ଠି ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଥିଲା। ନିଯୁକ୍ତିର ପ୍ରଥମ ତିନି ବର୍ଷ ୧୦୦ ପ୍ରତିଶତ, ଚତୁର୍ଥ ବର୍ଷରେ ୭୫ ପ୍ରତିଶତ ଓ ପଞ୍ଚମ ବର୍ଷରେ ୫୦ ପ୍ରତିଶତ ହିସାବରେ ପାଣ୍ଠି ➤ ପୃ-୬

## ଭକ୍ତଙ୍କ ପାଇଁ ବଡ ଆହ୍ୱାନ

**ଭୁବନେଶ୍ୱର :** ଓଡ଼ିଶା ପ୍ରଦେଶ କଂଗ୍ରେସର ନବନିଯୁକ୍ତ ସଭାପତି ଭକ୍ତଚରଣ ଦାସଙ୍କ 'ମାଷ୍ଟରଷ୍ଟ୍ରୋକ'କୁ ନେଇ ରାଜନୀତିକ ମହଲରେ ହଟଚମଟ ଆରମ୍ଭ ହୋଇଛି। ପିସିସି ସଭାପତି ଭାବେ ନିଯୁକ୍ତି ପାଇବା ପରେ ଭକ୍ତ ଦାସଙ୍କ ଦସ୍ତଖତରେ ପ୍ରେସ୍ ରିଲିଜ୍ ଜାରି ହୋଇଛି। ଯାହାକି ରାଜ୍ୟରେ କଂଗ୍ରେସକୁ ପୁଣିଥରେ ସୁଦୃଢ଼ କରିବା ଦିଗରେ ସଞ୍ଜିବନୀ ଭଳି କାର୍ଯ୍ୟ କରିବ ବୋଲି ଆକଳନ କରାଯାଉଛି। ଏହାସହିତ ଭକ୍ତଙ୍କ ଏଭଳି ଆଭିମୁଖ୍ୟ ସୁଦୃଢ଼ ବିରୋଧୀ ଦଳର ଅଭାବକୁ ପୂରଣ କରିବାରେ ସହାୟକ ହେବ ବୋଲି ଚର୍ଚ୍ଚା ଜୋର ଧରିଛି। ଏହି ପ୍ରେସ୍ ରିଲିଜ୍ ମାଧ୍ୟମରେ ଶ୍ରୀ ଦାସ କଂଗ୍ରେସର ପୁରୁଣା କର୍ମୀ ଓ ନେତାମାନଙ୍କୁ ପୁଣିଥରେ ଦଳରେ ସ୍ୱାଗତ କରିଛନ୍ତି। ଯେଉଁମାନଙ୍କୁ କୌଣସି ନା କୌଣସି ପରିସ୍ଥିତିରେ ଦଳରୁ ନିଲମ୍ବନ ଓ ବହିଷ୍କାର କରାଯାଇଥିଲା, ତାକୁ ପ୍ରତ୍ୟାହାର କରି ଦିଆଗଲା। ବିଭିନ୍ନ ସମୟରେ କୌଣସି ନାକୌଣସି କାରଣରୁ ଯେଉଁମାନେ କଂଗ୍ରେସ ଛାଡ଼ି ଚାଲି ଯାଇଛନ୍ତି ସେମାନେ ପୁଣିଥରେ କଂଗ୍ରେସକୁ ଫେରି ଆସିବାକୁ ଆମେ ନିବେଦନ କରୁଛୁ। ଯଦି ସେମାନେ କଂଗ୍ରେସ ଦଳର ନୀତି ଓ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ଯୋଗଦାନ କରିବାକୁ ଇଚ୍ଛୁକ, ସେମାନଙ୍କୁ କଂଗ୍ରେସ ଦଳ ତରଫରୁ ସମ୍ମାନର ସହ ସ୍ୱାଗତ କରାଯିବ। ରାଜନୀତିକ ବିଶ୍ଳେଷକଙ୍କ ମତରେ, ଭକ୍ତଙ୍କ ଏହି ଗୋଟିଏ ନିର୍ଦ୍ଦେଶନାମାରେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିବା ସମସ୍ତ କର୍ମୀ ଓ ନେତାଙ୍କ ଉପରୁ ନିଲମ୍ବନ ଓ ବହିଷ୍କାର ପ୍ରତ୍ୟାହାର କରି କଂଗ୍ରେସର ଲକ୍ଷ ଲକ୍ଷ କର୍ମୀମାନଙ୍କ ମନରେ ସଂଗଠନକୁ ସୁଦୃଢ଼ କରାଇ ନେବା ଦିଗରେ ଆଶା ସଂଚାର କରିବାରେ ସକ୍ଷମ ହୋଇଛନ୍ତି। ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ବିଜେଡି ଏବେ ➤ ପୃ-୬



## ବକ୍ରବାଣୀ



ମନ୍ଦିର ଗାତ୍ରର ସଙ୍ଗମ ଲୀଳା
ଆମ ପାଇଁ ପରା ଉତ୍କୃଷ୍ଟ କଳା
ସେଇ କଳା ଯେବେ ମଞ୍ଚରେ ହୁଏ
ମନଟା ଆନନ୍ଦେ କୁରୁଳୁ ଥାଏ
ଉପର ଦେଖାରେ ନାକକୁ ଟେକୁ
ଝୁରୁଥାଉ କିନ୍ତୁ ପରମ୍ପରାକୁ
ସୁରା ସାକୀ ଆଉ ଉଲଗ୍ନ ନୃତ୍ୟ
ଥିଲା ପରା ଆମ ଦେବଙ୍କ କୃତ୍ୟ
ଗୋବର ଆମର ପେଟରେ ପେଟେ
ମୁହେଁ ଗୋଟେ କଥା ପେଟରେ ଗୋଟେ।

—— ଟୁଟୁ

## '୫ ବର୍ଷରେ ୧.୫ଲକ୍ଷ ସରକାରୀ ଚାକିରି ଦେବେ ମୋହନ ସରକାର'

**ଭୁବନେଶ୍ୱର :** ବିଧାନସଭା ବଜେଟ୍ ଅଧିବେଶନ ରାଜ୍ୟପାଳ ଡଃ ହରିବାବୁଙ୍କ ଅଭିଭାଷଣରୁ ଆରମ୍ଭ ହୋଇଛି। ବଜେଟ ଅଭିଭାଷଣ ମାଧ୍ୟମରେ ରାଜ୍ୟର ବିଜେପି ସରକାରଙ୍କ ବିଗତ ୮ମାସର ବିଭିନ୍ନ କାର୍ଯ୍ୟ ଓ ଭବିଷ୍ୟତ ପାଇଁ ରହିଥିବା କାର୍ଯ୍ୟର ଏକ ରୂପରେଖ ଉପସ୍ଥାପନ କରିଥିଲେ। ରାଜ୍ୟବାସୀଙ୍କ ପାଇଁ ଏକ ଉଜ୍ଜ୍ୱଳ, ଅଧିକ ସମୃଦ୍ଧ ଭବିଷ୍ୟତ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ସ୍ଥାପନ କରୁଛି ବୋଲି ରାଜ୍ୟପାଳ କହିଛନ୍ତି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ମୋ ସରକାରଙ୍କ ବିସ୍ତୃତ ଯୋଜନା ରହିଛି, ଯେଉଁଥିରେ ଭାରତର ଅର୍ଥନୀତିକୁ ଓଡ଼ିଶାର ୧.୫ ଟ୍ରିଲିୟନ ଡଲାର ଯୋଗଦାନର ଆଭିମୁଖ୍ୟ ରହିଛି ବୋଲି ରାଜ୍ୟପାଳ କହିବା ସହ ଏହି ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ବର୍ତ୍ତମାନର 'ଅମୃତ କାଳ'ର ସର୍ବୋତ୍ତମ ଉପଯୋଗ କରି ପ୍ରତ୍ୟେକ ବ୍ୟକ୍ତି, ସଂଗଠନ ଓ ସମଗ୍ର ରାଜ୍ୟକୁ ସକ୍ରିୟ ଭାବେ ଅଭିନବତ୍ୱ ପ୍ରତିପାଦନ ପୂର୍ବକ ପ୍ରଗତିଶୀଳ ଚିନ୍ତାଧାରା ସହ କାର୍ଯ୍ୟ କରିବାକୁ ହେବ ବୋଲି ରାଜ୍ୟପାଳ କହିଛନ୍ତି। ସରକାର ଆସିବାର ୮ମାସ ବିତିଛି। ଏହା ମଧ୍ୟରେ ମୋ' ସରକାର ବିଭିନ୍ନ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଅନେକ ଯୋଜନା ପ୍ରଣୟନ କରିଛନ୍ତି। ରାଜ୍ୟ ତଥା ଦେଶର ସ୍ୱାର୍ଥ ପାଇଁ ଅନେକ କାର୍ଯ୍ୟକ୍ରମମାନ ଆୟୋଜନ ହୋଇଛି। ପ୍ରାୟ ଏକ କୋଟି ମହିଳାଙ୍କୁ ନିଜର ପ୍ରମୁଖ ଯୋଜନା 'ସୁଭଦ୍ରା'ରେ ସାମିଲ କରିବା, ଧାନ ପାଇଁ ଏମଏସପି ଉପରେ କ୍ୱିଣ୍ଟାଲ ପିଛା ଅଧିକ ୮୦୦ଟଙ୍କା ଇନପୁଟ ସହାୟତା ପ୍ରଦାନ, ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାର ଖୋଲିବା ଓ ଓଡ଼ିଆ ଅସ୍ମିତାକୁ ପୁନର୍ଜୀବିତ କରିବାକୁ ଅନେକ ପଦକ୍ଷେପ ନେଇଛନ୍ତି। ୨୦୨୪ ନଭେମ୍ବରରେ ପୁଲିସ ଡିଜି ସମ୍ମିଳନୀ, ୨୦୨୫ ଜାନୁୟାରୀ ମାସରେ ସିଙ୍ଗାପୁରର ରାଷ୍ଟ୍ରପତିଙ୍କ ଗସ୍ତ, ୧୮ତମ ପ୍ରବାସୀ ଭାରତୀୟ ଦିବସ, ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଆୟୋଜନ ପାଇଁ ମୋ' ସରକାରଙ୍କ ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ ବୋଲି ରାଜ୍ୟପାଳ କହିଥିଲେ। ବୈଦେଶିକ ବାଣିଜ୍ୟ, ସମୃଦ୍ଧ ଖଣିଜ ଭଣ୍ଡାର ଓ ପ୍ରଚୁର ମାନବ ସମ୍ବଳର ସମୃଦ୍ଧ କେନ୍ଦ୍ର ଭାବେ ଗୌରବମୟ ଅତୀତ ସତ୍ତ୍ୱେ ସ୍ୱାଧୀନତା ପରବର୍ତ୍ତୀ ଅନେକ ବର୍ଷ ଧରି ଓଡ଼ିଶା ଏହାର ବିପୁଳ ସମ୍ଭାବନାକୁ ବାସ୍ତବତାରେ ପରିଣତ କରିବା ପାଇଁ ସଂଘର୍ଷ କରିଥିଲା। ରାଜ୍ୟର ପ୍ରତିଶ୍ରୁତି ଅନେକ ସମୟରେ ପୂରଣ ହୋଇପାରିନଥିଲା ବୋଲି ରାଜ୍ୟପାଳଙ୍କ ମୁହଁରେ ରାଜ୍ୟର ବିଜେପି ସରକାର କୁହାଇ ପୂର୍ବ ସରକାରମାନଙ୍କୁ ଟାର୍ଗେଟ୍ କରିଛନ୍ତି। ମୋ' ସରକାର ପ୍ରଗତି ଓ ସମୃଦ୍ଧି ଦିଗରେ ଆମର ଯାତ୍ରାରେ କାହାକୁ ପଛରେ ନପକାଇ ଓଡ଼ିଶାର ସାମଗ୍ରିକ ବିକାଶ ଓ ଏହାର ସମସ୍ତ ବର୍ଗର ଲୋକଙ୍କ ସଶକ୍ତିକରଣ ପାଇଁ ଦୃଢ଼ ଭାବେ ➤ ପୃ-୬



## ଲୋକପ୍ରିୟତାରେ ଯୋଗୀ ୧ ନମ୍ବର

**ନୂଆଦିଲ୍ଲୀ :** ମୁଡ ଅଫ ଦି ନେସନ (ଏମଓଟିଏନ)ସର୍ଭେରେ ଜନତା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କୁ ଦେଶର ସବୁଠୁ ପସନ୍ଦର ମୁଖ୍ୟମନ୍ତ୍ରୀ ମାନିଛନ୍ତି। ସର୍ଭେ ଅନୁସାରେ ୩୫.୩ ପ୍ରତିଶତ ଲୋକେ ଯୋଗୀ ଆଦିତ୍ୟନାଥଙ୍କ ସପକ୍ଷରେ ଭୋଟ କରିଛନ୍ତି, ଏଣୁ ଲୋକପ୍ରିୟତା ସୂଚୀରେ ଯୋଗୀଙ୍କୁ ୧ ନମ୍ବର ସ୍ଥାନ ମିଳିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ସୂଚୀର ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସର୍ଭେ ଅନୁସାରେ ୧୦.୬ ପ୍ରତିଶତ ଲୋକେ ମମତା ବାନାର୍ଜୀଙ୍କୁ ଦେଶର ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ବାଛିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନ୫.୨ ପ୍ରତିଶତ ଭୋଟରେ ଲୋକପ୍ରିୟତାରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ସର୍ଭେ ଦକ୍ଷିଣ ଭାରତରେ ଷ୍ଟାଲିନଙ୍କ ଲୋକପ୍ରିୟତାକୁ ପୁଣି ଥରେ ପ୍ରମାଣିତ କରିଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ.ଚନ୍ଦ୍ରବାବୁ ନାୟଡୁଙ୍କୁ ଲୋକେ ୫.୧ ପ୍ରତିଶତ ଭୋଟ କରିଛନ୍ତି। ଏଣୁ ଲୋକପ୍ରିୟତାର ଚତୁର୍ଥ ସ୍ଥାନରେ ଅଛନ୍ତି ଚନ୍ଦ୍ରବାବୁ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀଶଙ୍କୁ ୪ ପ୍ରତିଶତ ଭୋଟ ମିଳିଛି ଓ ➤ ପୃ-୬



# ୧୦ ହଜାର ଟଙ୍କାରେ ମିଳିବ କ୍ୟାନ୍ସର ଟିକା !

## ରାଜସ୍ଥାନରେ ଦେଶୀ ଉପାୟରେ କ୍ୟାନ୍ସର ଟିକା ଚାଲିଛି ପ୍ରସ୍ତୁତି

**ଜୟପୁର :** ରାଜସ୍ଥାନରେ ପ୍ରଥମ ଥର ପାଇଁ ଦେଶୀ ଉପାୟରେ କ୍ୟାନ୍ସର ଟିକା ପ୍ରସ୍ତୁତ କରାଯାଉଛି। ଦୀର୍ଘ ୨୭ ବର୍ଷର ଗବେଷଣା ପରେ ଏହା ସଫଳ ହେବାକୁ ଯାଉଛି । ଯଦି ଟିକା ପ୍ରସ୍ତୁତି ସମ୍ପୂର୍ଣ୍ଣ ସଫଳ ହୁଏ, ତେବେ ଏହାର ମୂଲ୍ୟ ୧୦ ହଜାର ଟଙ୍କା ରହିବ। ଜୟପୁରସ୍ଥିତ ମହାତ୍ମା ଗାନ୍ଧୀ ମେଡିକାଲ କଲେଜକୁ 'ଡେଣ୍ଡ୍ରିଟିକ୍ ସେଲ୍' ଟିକା ପ୍ରସ୍ତୁତି ପାଇଁ ଡିସିଜିଆଇର ଅନୁମତି ମିଳିଛି। ଏହି ଟିକା ଦ୍ୱାରା ୫ ପ୍ରକାର କ୍ୟାନ୍ସରର ଚିକିତ୍ସା ସମ୍ଭବ ହେବ। ଏହା ଦେଶର ପ୍ରଥମ ସ୍ୱଦେଶୀ କ୍ୟାନ୍ସର ଟିକା ବୋଲି ଦାବି କରାଯାଉଛି। ବଡ଼ କଥା ହେଉଛି ଆମେରିକାରେ କ୍ୟାନ୍ସର ଟିକାର ଦାମ ୨୫ରୁ ୫୦ ଲକ୍ଷ ଟଙ୍କା ରହିଥିବା ବେଳେ ଭାରତରେ କ୍ୟାନ୍ସରର ପ୍ରକାର ଆଧାରରେ ୧୦ ହଜାରରୁ ୫୦ ହଜାର ଟଙ୍କା ଖର୍ଚ୍ଚରେ ଟିକା ପ୍ରସ୍ତୁତ ହେବ। ଏହି ଟିକା ଉପରେ ଗବେଷଣା କରୁଥିବା ମହାତ୍ମା ଗାନ୍ଧୀ ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନସ୍ସେ ଆଣ୍ଡ ଟେକ୍ନୋଲୋଜିର ସେଣ୍ଟର ଫର୍ କ୍ୟାନ୍ସର ଇମ୍ୟୁନୋଥେରାପି ନିର୍ଦ୍ଦେଶକ ଡା. ଅନିଲ ସୁରୀ କହିଛନ୍ତି, ଏହି 'ଡେଣ୍ଡ୍ରିଟିକ ସେଲ୍ ଭାକ୍ସିନ୍' ଏକ ଇମ୍ୟୁନୋଥେରାପି ଆଧାରିତ ଟିକା। ଏହା ଶରୀରର ରୋଗ ପ୍ରତିରୋଧକ କ୍ଷମତାକୁ କ୍ୟାନ୍ସର କୋଷିକାକୁ ଚିହ୍ନିବା ଏବଂ ନଷ୍ଟ କରିବା ଲାଗି ପ୍ରଭାବୀ କରିଥାଏ। ଏହି ଭଳିର ଟିକା ଦ୍ୱାରା ପିତ୍ତ କୋଷ, ମୁଣ୍ଡ ଓ ଗଳା ଏବଂ ଗର୍ଭାଶୟ କ୍ୟାନ୍ସରର ଚିକିତ୍ସା କରାଯାଇ ପାରିବ। ଏଥିରେ ପ୍ରଭାବୀ ଫଳ ମିଳିବା ଆଶା କରାଯାଉଛି। ମହାତ୍ମା ଗାନ୍ଧୀ ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନସ୍ସେରେ ଫେବ୍ରୁଆରୀ ୧୦ରୁ ଆରମ୍ଭ ହୋଇଥିବା ଡବ୍ଲ୍ୟୁସିଟିସିଆରଆଇ-୨୦୨୫' ସମ୍ମିଳନୀରେ ଏହି ଟିକା ବାବଦରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ଦେଶବିଦେଶର କ୍ୟାନ୍ସର ସ୍ପେସାଲିଷ୍ଟ ଯୋଗଦେଇଛନ୍ତି। ଟିକା କିଭଳି କାମ କରେ, ସେ ବାବଦରେ ଡା. ଅନିଲ ସୁରୀ କହିଛନ୍ତି, ଏଥିରେ ରୋଗୀର ଶରୀରରୁ ଡେଣ୍ଡ୍ରିଟିକ କୋଷିକାକୁ ବାହାର କରାଯାଏ। ଡେଣ୍ଡ୍ରିଟିକ ସେଲ୍ ହେଉଛି ପ୍ରତିରୋଧକ ବ୍ୟବସ୍ଥାରେ ଥିବା ଶ୍ୱେତ ରକ୍ତ କଣିକା (ହ୍ୱାଇଟ ବ୍ଲଡ୍ ସେଲ୍)ର ଏକ ପ୍ରକାର। ଏହା ରୋଗ ପ୍ରତିରୋଧକ ବ୍ୟବସ୍ଥାକୁ ସକ୍ରିୟ କରିବାରେ ସହାୟକ ହୋଇଥାଏ। ଟିକା ବନାଇବା ଲାଗି ରୋଗୀର ରକ୍ତରୁ ଡେଣ୍ଡ୍ରିଟିକ ସେଲ୍ ବାହାର



କରାଯାଏ। ପ୍ରଥମ ପର୍ଯ୍ୟାୟରେ ଏହି କୋଷିକାଗୁଡ଼ିକୁ ଲ୍ୟାବରେ କ୍ୟାନ୍ସର କୋଷିକା ସହ ସମ୍ପର୍କ କରାଯାଇ ତାହାକୁ କ୍ୟାନ୍ସର ଚିହ୍ନିବା ଲାଗି ଶିଖାଯାଏ। ଏଗୁଡ଼ିକୁ ଟ୍ୟୁମର ଆଣ୍ଟିଜେନ ସହ ତାଲିମ ପ୍ରଦାନ କରାଯାଏ, ଯଦ୍ଦ୍ୱାରା ଏହା ଶରୀର ମଧ୍ୟକୁ ଯାଇ କ୍ୟାନ୍ସର କୋଷିକାକୁ ଚିହ୍ନଟ କରିବାକୁ ସମର୍ଥ ହୁଏ। ଏହାପରେ ତାଲିମ ଦିଆଯାଇଥିବା ଡେଣ୍ଡ୍ରିଟିକ ସେଲ୍କୁ ଶରୀରରେ ପୁନଃ ନିଃକ୍ଷେପ କରାଯାଏ। ଏହା ଟି-ସେଲ୍ (ରୋଗ ପ୍ରତିରୋଧକ କୋଷ)କୁ ସକ୍ରିୟ କରିଦେଇଥାଏ, ଯାହା ସିଧାସଳଖ ଭାବେ କ୍ୟାନ୍ସର କୋଷିକାଗୁଡ଼ିକ ଉପରେ ଆକ୍ରମଣ କରି ସେଗୁଡ଼ିକୁ ନଷ୍ଟ କରିଦିଏ। ଡା. ସୁରୀ କହିଛନ୍ତି, ୧୯୯୮ରେ ଏହି କ୍ୟାନ୍ସର ଟିକାର ସନ୍ଧାନ ହୋଇଥିଲା ଏବଂ ବିଗତ ୨୭ ବର୍ଷ ହେଲା ଏହା ଉପରେ ଅଧିକ ଗବେଷଣା ଚାଲିଛି। ସମସ୍ତ ଗବେଷଣା ପ୍ୟାଟେଣ୍ଟ ଆମ ପାଖରେ ରହିଛି। ୨୦୨୭ ସୁଦ୍ଧା ଏହି ଟିକା ବଜାରକୁ ଆସିବା ସମ୍ଭାବନା ରହିଛି। ବର୍ତ୍ତମାନ ଏହା ଦ୍ୱିତୀୟ ପର୍ଯ୍ୟାୟରେ ଅଛି। ପ୍ରଥମ ପର୍ଯ୍ୟାୟରେ ସୁରକ୍ଷା ମାନକ ଯାଞ୍ଚ ହୋଇଥିଲା। ଏହାର ପ୍ରଭାବ କିଭଳି ତାହା ଉପରେ ଗବେଷଣା ଚାଲିଛି। ଯେଉଁମାନଙ୍କର କେମୋଥେରାପି, ରେଡିଓଗ୍ରାଫି, ଟୁ-ଲାଇନ ଅଫ୍ ଟ୍ରିଟମେଣ୍ଟ କୋର୍ସ ପୂରା ହୋଇସାରିଛି ଏବଂ କୌଣସି ଆଶା ନାହିଁ, ସେମାନଙ୍କ କ୍ଷେତ୍ରରେ ଏହି ଟିକା ପ୍ରଭାବୀ ହେବ। ଅର୍ଥାତ ଯେଉଁମାନଙ୍କ କ୍ୟାନ୍ସରର ପାରମ୍ପରିକ ଚିକିତ୍ସା ଶେଷ ହୋଇଛି, ସେମାନଙ୍କ ପାଇଁ ଏହି ଟିକା ପ୍ରସ୍ତୁତ ହେଉଛି।

## ୧୭ ବର୍ଷ ପରେ ଲାଭରେ ବିଏସଏନଏଲ୍

**ନୂଆଦିଲ୍ଲୀ:** ଏକ ସମୟ ଥିଲା ଯେତେବେଳେ କୁହାଯାଇଥିଲା ଯେ ବିଏସଏନଏଲ ଏବେ ତିଷ୍ଠିବା କଷ୍ଟ। ଏହି କମ୍ପାନି କ୍ରମାଗତ ଭାବେ କ୍ଷତି ସହ ତିଷ୍ଠି ରହିବାକୁ ସଂଘର୍ଷ କରୁଥିଲା। ତାହା ମଧ୍ୟ ୧-୨ ବର୍ଷ ନୁହେଁ ବରଂ ୨୦୦୭ ରୁ ଏପର୍ଯ୍ୟନ୍ତ ପ୍ରାୟ ୧୭ ବର୍ଷ ଧରି ବିଏସଏନଏଲ କ୍ଷତିରେ ଚାଲୁଥିଲା। ଏପରିକି ଏହାକୁ ଘରୋଇକରଣ କରାଯିବ ବୋଲି ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। କିନ୍ତୁ ଚଳିତ ଆର୍ଥିକ ବର୍ଷର ଡିସେମ୍ବର ତ୍ରୟମାସ ପାଇଁ କଂପାନି ପକ୍ଷରୁ ପ୍ରକାଶିତ ତଥ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସଏନଏଲ୍) ପ୍ରାୟ ୧୭ ବର୍ଷ ପରେ ଲାଭ ହାସଲ କରିଛି। ଡିସେମ୍ବର ତ୍ରୟମାସରେ କମ୍ପାନୀ ୨୬୨ କୋଟି ଟଙ୍କାର ନିଟ୍ ଲାଭ ହାସଲ କରିଛି ଏବଂ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହାକୁ ବିଏସଏନଏଲ ପାଇଁ ଏକ 'ଟର୍ଣ୍ଣିଂ ପଏଣ୍ଟ' ବୋଲି କହିଛନ୍ତି ଏବଂ ଏହା କମ୍ପାନୀର ସମ୍ପ୍ରସାରଣ ଏବଂ ସେବା ଉନ୍ନତିର ପରିଣାମ ବୋଲି କହିଛନ୍ତି। ବିଏସଏନଏଲର ଗତିଶୀଳତା, ଫାଇବର-ଟୁ-ହୋମ୍ (ଏଫ୍ଟିଟିଏଚ୍) ଏବଂ ଲିଜ୍ ଲାଇନ୍ ସେବାରେ ୧୪-୧୮% ଅଭିବୃଦ୍ଧି ରେକର୍ଡ କରାଯାଇଛି। ସିନ୍ଧିଆଙ୍କ କହିବା ଅନୁଯାୟୀ, ଜୁନ୍ ରେ କଂପାନିର ଗ୍ରାହକ ସଂଖ୍ୟା ୮.୪ କୋଟି ଥିବା ବେଳେ ଡିସେମ୍ବରରେ ଏହା ୯ କୋଟିକୁ ବୃଦ୍ଧି ପାଇଛି। ସେ କହିଛନ୍ତି, ବିଏସଏନଏଲ ୧୭ ବର୍ଷ ପରେ ତ୍ରୈମାସିକ ଭିତ୍ତିରେ ଲାଭ ହାସଲ କରିଛି। ଶେଷ ଥର ପାଇଁ କମ୍ପାନୀ ୨୦୦୭ରେ ତ୍ରୈମାସିକ ଲାଭ କରିଥିଲା।

*ସଡ଼କ ପରିବହନ ମନ୍ତ୍ରଣାଳୟର ନୂଆ ନିୟମ*

## ୨୦ ବର୍ଷ ପୁରୁଣା ଗାଡ଼ି ଥିଲେ ଦେବାକୁ ପଡ଼ିବ ମୋଟା ଅଙ୍କର ଟଙ୍କା

**ନୂଆଦିଲ୍ଲୀ :** ଯଦି ଆପଣ ମଧ୍ୟ ୨୦ ବର୍ଷ ପୁରୁଣା ମୋଟରସାଇକେଲ କିମ୍ବା କାର୍ର ମାଲିକ, ତେବେ ଏହି ଖବର କେବଳ ଆପଣଙ୍କ ପାଇଁ। ପ୍ରକୃତରେ, ସରକାର ଏପରି ଯାନବାହନକୁ ନିୟନ୍ତ୍ରଣ କରିବା ପାଇଁ ଏକ ନୂତନ ଡ୍ରାଫ୍ଟ ପ୍ରସ୍ତୁତ କରିଛନ୍ତି। ଏହା ଅଧୀନରେ ଆପଣଙ୍କୁ ପୁରୁଣା ଯାନଗୁଡ଼ିକୁ ପୁନଃପଞ୍ଜିକରଣ କରିବା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ସଡ଼କ ପରିବହନ ମନ୍ତ୍ରଣାଳୟ ଦ୍ୱାରା ଡ୍ରାଫ୍ଟ ବିଜ୍ଞପ୍ତି ଜାରି କରାଯାଇଛି। ସଡ଼କ ପରିବହନ ମନ୍ତ୍ରଣାଳୟର ଯୋଜନା ଅନୁଯାୟୀ, ଯଦି ଆପଣଙ୍କର ୨୦ ବର୍ଷରୁ ଅଧିକ ପୁରୁଣା ଦୁଇଚକିଆ ଗାଡ଼ି ଅଛି, ତେବେ ଆପଣଙ୍କୁ



ଏହାର ନୂଆ ପଞ୍ଜିକରଣ ପାଇଁ ୨୦୦୦ ଟଙ୍କା ଏବଂ ୨୦ ବର୍ଷରୁ ପୁରୁଣା କାର ପାଇଁ ୧୦,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ସେହି ସମୟରେ ତିନି ଚକିଆ ଯାନ ପାଇଁ ୫୦୦୦ ଟଙ୍କା ଦେୟ ଦେବାକୁ ପଡିବ। ପୁରୁଣା ବାଣିଜ୍ୟିକ ଯାନବାହନକୁ ନିୟନ୍ତ୍ରଣ କରିବା ପାଇଁ ସରକାର ମଧ୍ୟ ବ୍ୟବସ୍ଥା କରିଛନ୍ତି। ଏହି ଡ୍ରାଫ୍ଟ ଅନୁଯାୟୀ, ୧୫ ବର୍ଷରୁ ପୁରୁଣା ମଧ୍ୟମ ଏବଂ ଭାରୀ ବାଣିଜ୍ୟିକ ଯାନବାହନ ସଂଖ୍ୟା ହ୍ରାସ କରିବା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି। ଯଦି ବାଣିଜ୍ୟିକ ଯାନ ୧୫ ବର୍ଷ ପୁରୁଣା ତେବେ ମଧ୍ୟମ ଯାନ ପାଇଁ ୧୨,୦୦୦ ଟଙ୍କା ଏବଂ ଭାରୀ ଯାନ ପାଇଁ ୧୮,୦୦୦ ଟଙ୍କା ଦେବାକୁ ପଡିବ। ସେହିପରି ଯଦି ଆପଣ ୨୦ ବର୍ଷ ପରେ ପଞ୍ଜିକରଣ ନବୀକରଣ କରିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଦୁଇଗୁଣ ଖର୍ଚ୍ଚ କରିବାକୁ ପଡିବ। ଅର୍ଥାତ୍ ଏକ ମଧ୍ୟମ ବାଣିଜ୍ୟିକ ଯାନ ପାଇଁ ୨୪୦୦୦ ଟଙ୍କା ଏବଂ ଏକ ଭାରୀ ଯାନ ପାଇଁ ୩୬,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡିବ।

## ସଂସଦରେ ନୂଆ ଆୟକର ବିଧେୟକ ଆଗତ

**ନୂଆଦିଲ୍ଲୀ :** ସଂସଦ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟର ଶେଷ ଦିନରେ ଲୋକସଭାରେ ଆଗତ ହୋଇଛି ନୂଆ ଆୟକର ବିଲ୍। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୃହରେ ଏହି ବିଲ୍ ଆଗତ କରିଛନ୍ତି। ବିରୋଧୀଙ୍କ ହୋହଲ୍ଲା, ବିରୋଧ ସତ୍ତ୍ୱେ ଅର୍ଥମନ୍ତ୍ରୀ ଏହାକୁ ଉପସ୍ଥାପନ କରିବା ସହ ବିଲକୁ ସିଲେକ୍ଟ କମିଟିକୁ ପଠାଇବାକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଅନୁରୋଧ କରିଥିଲେ। ଗତ ୧ ତାରିଖରେ ବଜେଟ୍ ଅଭିଭାଷଣରେ ଏହି ନୂଆ ବିଲ୍ ନେଇ ସୂଚନା ଦେଇଥିଲେ ସୀତାରମଣ। ଏହାପରେ ଗତ ୭ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ବିଲକୁ ଅନୁମୋଦନ ଦେଇଥିଲା। ୬ ଦଶନ୍ଧି ପୁରୁଣା ଆୟକର ଆଇନ ୧୯୬୧ର ସ୍ଥାନ ନେଉଥିବା ନୂଆ ଆୟକର ବିଲ୍ ପ୍ରତ୍ୟକ୍ଷ ଟିକସ ଆଇନକୁ ପଢ଼ିବା, ବୁଝିବା, ଅସ୍ପଷ୍ଟତା ଦୂର କରିବା ସହ ମାମଲାକୁ ହ୍ରାସ କରିବାରେ ସହଜ କରିବ। ଏବେ ନଜର ପକାନ୍ତୁ ପୁରୁଣା ବିଲ ଠାରୁ କଣ ଅଲଗା ରହିଛି ନୂଆ ଇନ୍କମ୍ ଟ୍ୟାକ୍ସ ବିଲ୍ରେ। ନୂତନ ଆୟକର ବିଲ୍ରେ ସାଧାରଣ ଲୋକଙ୍କ ପାଇଁ ଇନ୍କମ୍ ଟ୍ୟାକ୍ସ ସହ ଜଡ଼ିତ ନିୟମକୁ ଅଧିକ ସରଳ ଏବଂ ସୁଲଭ କରାଯାଇଛି। କଠିନ ଶବ୍ଦ ଏବଂ ଆବଶ୍ୟକ ନଥିବା ଆଇନକୁ ହଟାଇ ଛୋଟ ଏବଂ ସରଳ କରାଯାଇଛି। ଆୟକର ବିଲ୍ ୧୯୬୧ରେ ମୋଟ ୮୮୦ ପୃଷ୍ଠା ଥିଲା ବେଳେ ନୂଆ ଇନ୍କମ୍ ଟ୍ୟାକ୍ସ ବିଲ୍ରେ ମୋଟ ୬୨୨ ପୃଷ୍ଠା ବିଶିଷ୍ଟ ରହିଛି। ନୂଆ ଇନକମ ଟାକ୍ସ ବିଲରେ ୫୩୬ ଧାରା, ୨୩ ଚାପ୍ଟର ଏବଂ ୧୬ ଅନୁସୂଚୀ ସାମିଲ ରହିଛି।

## ମଣିପୁରରେ ରାଷ୍ଟ୍ରପତି ଶାସନ

**ନୂଆଦିଲ୍ଲୀ :** ମଣିପୁରରେ ଲାଗୁ ହୋଇଛି ରାଷ୍ଟ୍ରପତି ଶାସନ। ଏନ୍ ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାର ୪ ଦିନ ପରେ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି। ଏହା ସହିତ ୧୯୫୧ରୁ ଏପର୍ଯ୍ୟନ୍ତ ମଣିପୁରରେ ଏକାଦଶ ଥର ପାଇଁ ଜାରି ହୋଇଛି ରାଷ୍ଟ୍ରପତି ଶାସନ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ରାଜ୍ୟପାଳଙ୍କ ପାଖରୁ ଏକ ରିପୋର୍ଟ ପାଇବା ପରେ ଏବଂ ମୋ ଦ୍ୱାରା ପ୍ରାପ୍ତ ରିପୋର୍ଟ ଓ ଅନ୍ୟାନ୍ୟ ସୂଚନାକୁ ବିଚାର କରିବା ପରେ ମୁଁ ସନ୍ତୁଷ୍ଟ ହେଲି ଯେ ଏପରି ଏକ ସ୍ଥିତି ସୃଷ୍ଟି ହେଉଛି ଯେଉଁଥିରେ ସେହି ରାଜ୍ୟର ସରକାର ଭାରତର ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଚାଲିପାରିବ ନାହିଁ। ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ନେଇ ବିଜେପି ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ନପାଇବାରୁ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିବା ଜଣାପଡ଼ିଛି। ମଣିପୁରର ପ୍ରଭାରୀ ଦାୟିତ୍ୱରେ ଥିବା ସାଂସଦ ସମ୍ବିତ ପାତ୍ରଙ୍କ ନେତୃତ୍ୱରେ ଇମ୍ଫାଲରେ ବିଜେପି ବିଧାୟକମାନଙ୍କ ବୈଠକ ବସିଥିବା ବେଳେ ଏଥିରେ ମୁଖ୍ୟମନ୍ତ୍ରୀ ଚୟନ ନେଇ କୌଣସି ନିଷ୍ପତ୍ତି ହୋଇପାରି ନଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରୁ ଫେରିବା ପରେ ମଣିପୁର ପାଇଁ ମୁଖ୍ୟମନ୍ତ୍ରୀ ଚୟନ କରାଯିବ ବୋଲି ସୂଚନା ମିଳିଛି। କିନ୍ତୁ ତା' ଭିତରେ ଏକ ସାମ୍ବିଧାନିକ ସଙ୍କଟ ଦେଖାଯାଇଥିଲା। ସେଥିପାଇଁ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି। ସମ୍ବିଧାନର ଧାରା ୧୭୪ (୧)ରେ କୁହାଯାଇଛି ବିଧାନସଭାର ଗୋଟିଏ ଅଧିବେଶନ ଶେଷ ହେବାର ୬ ମାସ ମଧ୍ୟରେ ଆଉ ଏକ ଅଧିବେଶନ ନିଶ୍ଚିତ ବସିବ। ମଣିପୁର ବିଧାନସଭାର ଶେଷ ଅଧିବେଶନ ୨୦୨୪ ଅଗଷ୍ଟ ୧୨ ତାରିଖରେ ବସିଥିବା ବେଳେ ବୁଧବାର (ଗତକାଲି) ଭିତରେ ନୂଆ ଅଧିବେଶନ ବସିବା କଥା। ଗତ ସୋମବାରଠାରୁ ମଣିପୁର ବିଧାନସଭାର ବଜେଟ୍ ଅଧିବେଶନ ବସିବାକୁ ସ୍ଥିର କରାଯାଇଥିବା ବେଳେ ଗତ ରବିବାର ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାରୁ ରାଜ୍ୟପାଳ ଏହାକୁ ସ୍ଥଗିତ କରି ଦେଇଥିଲେ। ବିଧାନସଭା ଅଧିବେଶନ ବସିବାର ସମୟ ସୀମା ପାର ହୋଇଯିବାରୁ ଆଜି ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି।

ମାଗଣା ରାସନ ପ୍ରସଙ୍ଗରେ ବର୍ଷିଲେ ସୁପ୍ରିମ୍କୋର୍ଟ

## 'ଲୋକଙ୍କୁ ପଙ୍ଗୁ କରିଛି ଫ୍ରିବିଜ୍'

**ନୂଆଦିଲ୍ଲୀ :** ଫ୍ରି ବିଜ୍ ବା ମାଗଣା ରାସନ ପ୍ରସଙ୍ଗରେ ବର୍ଷିଲେ ସୁପ୍ରିମକୋର୍ଟ। ସରକାରଙ୍କ ଦ୍ୱାରା ମିଳୁଥିବା ମାଗଣା ସୁବିଧା ସୁଯୋଗ ନେଇ କଡା ଭର୍ତ୍ସନା କରିଛନ୍ତି ସୁପ୍ରିମକୋର୍ଟ। ସର୍ବୋଚ୍ଚ ନ୍ୟାୟାଳୟ ମାଗଣା ସିଷ୍ଟମକୁ କରିଛନ୍ତି ତୀବ୍ର ନିନ୍ଦା। କୋର୍ଟ କହିଛନ୍ତି ଯେ ଲୋକେ ମାଗଣା ରାସନ ଏବଂ ଟଙ୍କା ପାଉଥିବାରୁ କାମ କରିବାକୁ ଇଚ୍ଛୁକ ନୁହଁନ୍ତି। ଜଷ୍ଟିସ୍ ବି.ଆର. ଗବାଇ ଏବଂ ଜଷ୍ଟିସ୍ ଅଗଷ୍ଟିନ ଜର୍ଜ ମସିହଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏପରି ମନ୍ତବ୍ୟ ଦେଇଛନ୍ତି। ଖଣ୍ଡପୀଠ ସହରରେ ରହୁଥିବା ବାସହୀନ ବ୍ୟକ୍ତିଙ୍କ ଆଶ୍ରୟ ଅଧିକାର ସହିତ ଜଡିତ ମାମଲାର ଶୁଣାଣି କରି ଏପରି କହିଛନ୍ତି। ଜଷ୍ଟିସ୍ ଗବାଇ କହିଛନ୍ତି ଯେ ଦୁର୍ଭାଗ୍ୟବଶତଃ, ଏହି ମାଗଣା ସୁବିଧା ଯୋଗୁଁ ଲୋକମାନେ କାମ କରିବାକୁ ପ୍ରସ୍ତୁତ ନୁହଁନ୍ତି। ସେମାନଙ୍କୁ ମାଗଣା ରାସନ ମିଳୁଛି। ସେମାନେ କୌଣସି କାମ ନକରି ଟଙ୍କା ପାଉଛନ୍ତି। ସେହଭଳି



ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣି ଖଣ୍ଡପୀଠକୁ କହିଥିଲେ ଯେ, କେନ୍ଦ୍ର ସରକାର ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମିଶନକୁ ଚୂଡ଼ାନ୍ତ କରିବା ପ୍ରକ୍ରିୟାରେ ଅଛନ୍ତି। ଯାହା ଅଧୀନରେ ସହରାଞ୍ଚଳରେ ବାସହୀନଙ୍କୁ ଆଶ୍ରୟ ପ୍ରଦାନ କରିବା ସମେତ ବିଭିନ୍ନ ପ୍ରସଙ୍ଗର ସମାଧାନ କରାଯିବ। ଏହାର ଜବାବରେ, ଖଣ୍ଡପୀଠ ମିଶନର କାର୍ଯ୍ୟାନ୍ୱୟନ ପାଇଁ ସମୟସୀମା ନିଶ୍ଚିତ କରିବାକୁ ଆଟର୍ଣ୍ଣି ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ପରବର୍ତ୍ତୀ ଶୁଣାଣି ଛଅ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ରହିଛି। ଏହା ପ୍ରଥମ ଥର ନୁହେଁ ଯେ ସର୍ବୋଚ୍ଚ ନ୍ୟାୟାଳୟ ମାଗଣା ଉପହାର ଉପରେ କେନ୍ଦ୍ରକୁ ସମାଲୋଚନା କରିଛନ୍ତି। ଗତ ବର୍ଷ, ଏହା କେନ୍ଦ୍ର ଏବଂ ନିର୍ବାଚନ କମିଶନ (ଇସି)କୁ ନିର୍ବାଚନ ପ୍ରଚାର ସମୟରେ ରାଜନୈତିକ ଦଳଗୁଡ଼ିକର ମାଗଣା ଉପହାର ପ୍ରଦାନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ଏକ ଆବେଦନର ଉତ୍ତର ରଖିବାକୁ କହିଥିଲେ। କାରଣ ରାଜନୈତିକ ଦଳଗୁଡ଼ିକ ଭୋଟ ପାଇବା ପାଇଁ ମାଗଣା-କେନ୍ଦ୍ରିକ ଯୋଜନା ଉପରେ ବହୁଳ ଭାବରେ ନିର୍ଭର କରିଛନ୍ତି। ଯାହାର ସଦ୍ୟ ଉଦାହରଣ ଦିଲ୍ଲୀ ବିଧାନସଭା ନିର୍ବାଚନରେ ସ୍ପଷ୍ଟ ହୋଇଛି।

ବିଶ୍ୱର ସବୁଠୁ ଭ୍ରଷ୍ଟ ଦେଶଙ୍କ ସୂଚୀ ଜାରି

## ସବୁଠୁ ସଚ୍ଚୋଟ ଡେନମାର୍କ, ସବୁଠୁ ଭ୍ରଷ୍ଟ ସୁଦାନ

**ବର୍ଲିନ :** ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ କରପସନ ପରସେପସନ ଇଣ୍ଡେକ୍ସ (ସିପିଆଇ)୨୦୨୪ ରାଙ୍କିଙ୍ଗ ଜାରି କରିଛନ୍ତି। ଏହି ସୂଚକାଙ୍କରେ ବିଶ୍ୱର ସବୁଠୁ ଭ୍ରଷ୍ଟ ଓ ସବୁଠୁ ସଚ୍ଚୋଟ ଦେଶଙ୍କ ରାଙ୍କିଙ୍ଗ କରାଯାଏ। ସିପିଆଇ ୧୮୦ ଦେଶ ଓ କ୍ଷେତ୍ରଙ୍କ ସାର୍ବଜନିକ ଅନୁଷ୍ଠାନରେ ଭ୍ରଷ୍ଟାଚାରର କଥିତ ସ୍ତରର ଆଧାରରେ ରାଙ୍କିଙ୍ଗ କରିଥାଏ। ଦେଶମାନଙ୍କୁ ଶୁନରୁ ୧୦୦ ପର୍ଯ୍ୟନ୍ତ ନମ୍ବର ଦିଆଯାଏ। ଏଣୁ ସବୁଠୁ ଅଧିକ ପଏଣ୍ଟ ପାଇଥିବା ଦେଶଙ୍କୁ ଅଧିକ ସଚ୍ଚୋଟ ଓ କମ୍ ପଏଣ୍ଟ ପାଇଥିବା ଦେଶଙ୍କୁ ସବୁଠୁ ଭ୍ରଷ୍ଟ ଘୋଷଣା କରିଥାଏ। ଏହି ରିପୋର୍ଟକୁ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ବର୍ଲିନ ଜାରି କରିଛନ୍ତି। ସିପିଆଇ ରିପୋର୍ଟ ଅନୁସାରେ ବିଶ୍ୱରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଚିନ୍ତାଜନକ ରୂପେ ଉଚ୍ଚସ୍ତରରେ ରହିଛି। ଦୁଇ ତୃତୀୟାଂଶରୁ ଅଧିକ ଦେଶଙ୍କ ସ୍କୋର ୫୦ରୁ ବି ତଳେ ରହିଛି। ପାଖାପାଖି ୬.୮ ବିଲିୟନ ଲୋକେ ସେହିସବୁ ଦେଶରେ ବସବାସ କରନ୍ତି ଯେଉଁଠି ଦୁର୍ନୀତିର ସ୍କୋର ୫୦ ପ୍ରତିଶତରୁ ବି କମ ରହିଛି। ଯାହା ବିଶ୍ୱରେ ମୋଟ ଜନସଂଖ୍ୟାର ୮୫ ପ୍ରତିଶତ ପାଖାପାଖି। ସବୁଠୁ କମ୍ ଦୁର୍ନୀତିର ଦେଶମାନଙ୍କ ମଧ୍ୟରେ ଡେନମାର୍କ ଲଗାତାର ସପ୍ତମ ବର୍ଷ ମଧ୍ୟ ଶୀର୍ଷରେ ରହିଛି। ଡେନମାର୍କକୁ ସଚ୍ଚୋଟତା ପାଇଁ ୯୦ ପଏଣ୍ଟ ମିଳିଛି। ତା ପଛକୁ ୮୮ ପଏଣ୍ଟ ପାଇ ଫିନଲ୍ୟାଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ୮୪ ପଏଣ୍ଟ ପାଇ ସିଙ୍ଗାପୁର ସଚ୍ଚୋଟ




ଦେଶଙ୍କ ତୃତୀୟ ସ୍ଥାନରେ ରହିଛି। ୮୩ ପଏଣ୍ଟ ପାଇ ନ୍ୟୁଜିଲ୍ୟାଣ୍ଡ ଚତୁର୍ଥ ସ୍ଥାନରେ ଥିବା ବେଳେ ୮୧ ପଏଣ୍ଟ ପାଇ ଲଗଜମବର୍ଗ ପଞ୍ଚମ ସ୍ଥାନରେ ରହିଛି। ଟପ ରାଙ୍କିଙ୍ଗ ଦେଶଙ୍କ ସୂଚୀରେ ନରୱେ ଓ ସ୍ୱିଜରଲ୍ୟାଣ୍ଡକୁ ୮୧ ପଏଣ୍ଟ ମିଳିଛି। ସ୍ୱିଡେନକୁ ୮୦ ପଏଣ୍ଟ ମିଳିଛି। ବିଶ୍ୱର ସବୁଠୁ ଭ୍ରଷ୍ଟ ଦେଶଙ୍କ ସୂଚୀରେ ଦକ୍ଷିଣ ସୁଦାନ ଶୀର୍ଷରେ ରହିଛି। ଇଣ୍ଡେକ୍ସ ଅନୁସାରେ ଦକ୍ଷିଣ ସୁଦାନକୁ ମାତ୍ର ୮ ପଏଣ୍ଟ ମିଳିଛି ଓ ଏହାକୁ ସବୁଠୁ ତଳେ ୧୮୦ ନମ୍ବରରେ ରଖା ଯାଇଛି, ଯାହା ଏହାକୁ ବିଶ୍ୱର ସବୁଠୁ ଦୁର୍ନୀତିଗ୍ରସ୍ତ ଭ୍ରଷ୍ଟ ଦେଶ ରୂପେ ପରିଚିତ କରାଉଛି। ଏହା ପଛକୁ ସୋମାଲିଆ ୧୭୯ ନମ୍ବର ସ୍ଥାନରେ ଥିବା ବେଳେ ଭେନେଜୁଏଲା ୧୭୮ତମ ସ୍ଥାନରେ, ସିରିଆ ୧୭୭ତମ ସ୍ଥାନରେ, ୟେମେନ, ଲିବ୍ୟା, ଇରିଟ୍ରିଆ ଓ ଇକ୍ୱାଟୋରିୟଲ ଗିନି ୧୩ ଅଙ୍କ ସହିତ ୧୭୩ତମ ସ୍ଥାନରେ ଅଛନ୍ତି। ନିକାର ଗୁଆ ୧୪ ପଏଣ୍ଟ ପାଇ ୧୭୨ତମ ରାଙ୍କରେ ରହିଛି। ଭ୍ରଷ୍ଟ ଓ ଦୁର୍ନୀତିଗ୍ରସ୍ତ ଦେଶଙ୍କ ରାଙ୍କିଙ୍ଗର ୧୩୫ତମ ସ୍ଥାନରେ ରହିଛି ପାକିସ୍ତାନ। ୨୦୨୩ ତୁଳନାରେ ପାକିସ୍ତାନ ଭ୍ରଷ୍ଟାଚାରରେ ଆଉ ଦୁଇ ପାହାଚ ତଳକୁ ଖସିଛି। ଦୁର୍ନୀତି ଓ ଭ୍ରଷ୍ଟାଚାର ପାଇଁ ୨୭ ପଏଣ୍ଟ ପାଇଥିବା ପାକିସ୍ତାନ ରାଙ୍କିଙ୍ଗରେ ମାଲି, ଲାଇବେରିଆ ଓ ଗବୋନ ଭଳି ଦେଶଙ୍କ ସାଙ୍ଗରେ ସ୍ଥାନ ପାଇଛି। ତେବେ କରପସନ ରାଙ୍କିଙ୍ଗରେ ପାକିସ୍ତାନ ଠାରୁ ଭାରତ ବେଶ ଭଲ ସ୍ଥାନରେ ରହିଛି। ପାକିସ୍ତାନଠୁ ଢେର ଉପରେ ରହିଛି। ଯଦିଓ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଭାରତର ଛବି ଏତେଟା ସଫାସୁତୁରା ନାହିଁ ଓ ୨୦୨୩ ତୁଳନରେ ଗୋଟିଏ ପାହାଚ ତଳକୁ ଖସିଛି ତଥାପି ୩୮ ପଏଣ୍ଟ ପାଇ ୯୬ତମ ସ୍ଥାନରେ ରହିଛି। ସେହିପରି ପଡୋଶୀ ଚୀନ୍ ୪୨ ପଏଣ୍ଟ ସହିତ ରାଙ୍କିଙ୍ଗର ୭୬ତମ ସ୍ଥାନରେ ରହିଛି।

## କେମିତି କଟିବ ଏ ସପ୍ତାହ

**ମେଷ** — ବ୍ୟବସାୟରେ ସ୍ଥିତି ଅନୁକୂଳ ରହିବ। କାର୍ଯ୍ୟକ୍ଷେତ୍ରରେ ନିଜ ଉପରେ ବିଶ୍ୱାସ ରଖନ୍ତୁ। ଜମି ଓ ଗାଡି କିଣିବା ପାଇଁ ସମୟ ଅନୁକୂଳ। ଛାତ୍ରମାନେ କଠିନ ପରିଶ୍ରମ କରିବା ଦରକାର। ପ୍ରତିକାର : ହନୁମାନଙ୍କୁ ଲାଲ୍ ଫୁଲମାଳ ଅର୍ପଣ କରନ୍ତୁ।

**ବୃଷ** — ମନ ଚଞ୍ଚଳ ରହିବ। ଦୀର୍ଘକାଳୀନ ବ୍ୟବସାୟ ପାଇଁ ସମୟ ଅନୁକୂଳ। କାର୍ଯ୍ୟକ୍ଷେତ୍ରରେ କନିଷ୍ଠ କର୍ମଚାରୀଙ୍କୁ ବ୍ୟବହାର ଠିକ କରନ୍ତୁ। ପ୍ରତିଷ୍ଠାରେ ବୃଦ୍ଧି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପ୍ରତିକାର : ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ୱେତପୁଷ୍ପ ଅର୍ପଣ କରନ୍ତୁ।

**ମିଥୁନ** — ଧନଲାଭ ଯୋଗ ଅଛି। କ୍ରୋଧରେ ନିୟନ୍ତ୍ରଣ ରଖନ୍ତୁ। ନୂଆ ସୁଯୋଗ ମିଳିବ। ନୂଆ ଜିନିଷ କିଣିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବିବାଦ ହୋଇପାରେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**କର୍କଟ** — ଆୟରେ ବୃଦ୍ଧି ହେବ। ପରିବାରର ସହଯୋଗ ପାଇବେ। ସଞ୍ଚୟ ଖର୍ଚ୍ଚ ହେବ। ବାଣୀରେ ଲଗାମ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ସଂଯମ ରଖନ୍ତୁ। ପ୍ରତିକାର : ଭଗବାନଙ୍କୁ ବେଲପତ୍ର ଚଢ଼ାନ୍ତୁ।

**ସିଂହ** — ନୂତନ ବ୍ୟବସାୟରୁ ଲାଭ ମିଳିବ। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠଙ୍କ ସହ ସଂବାଦ କଲା ବେଳେ ସତର୍କ ରହନ୍ତୁ। ଦାମ୍ପତ୍ୟ ଜୀବନରେ ତର୍କ ବିତର୍କରୁ ଦୂରେଇ ରହନ୍ତୁ। ପ୍ରତିକାର : ଭଗବାନ ବିଷ୍ଣୁଙ୍କ ଘିଅ ଦୀପ ଦାନ କରନ୍ତୁ।

**କନ୍ୟା** — ହାଡ ସମ୍ବନ୍ଧୀୟ ରୋଗର ଶିକାର ହୋଇପାରନ୍ତି। ଆୟରେ ବୃଦ୍ଧି ହେବ। ବନ୍ଦ ଥିବା କାର୍ଯ୍ୟ ପୂର୍ଣ୍ଣ ହୋଇପାରେ। ଧନ ଉଧାର ନିଅନ୍ତୁ ନାହିଁ। ପ୍ରେମୀମାନେ ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ। ପ୍ରତିକାର : ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ତୁଳା** — ଧର୍ମ ଓ ପରୋପକାରୀ କାମ କରିପାରନ୍ତି। ପାରିବାରିକ ବିବାଦରେ ପଡି ପାରନ୍ତି। କାମନାର ପୂର୍ଣ୍ଣ ହେବା ସମ୍ଭାବନା ଅଛି। ସନ୍ତାନ ସମ୍ବନ୍ଧୀୟ ଶୁଭ ଖବର ପାଇବେ। ପ୍ରତିକାର : ନିର୍ଧନଙ୍କୁ ଖାଦ୍ୟ ସାମଗ୍ରୀ ଦାନ କରନ୍ତୁ।

**ବିଛା** — ଆଶାତୀତ ଅର୍ଥ ମିଳିବ। କାର୍ଯ୍ୟ କ୍ଷେତ୍ରରେ ନୂଆ ଦାୟିତ୍ୱ ମିଳିପାରେ। ଅଳସୁଆ ହୋଇପାରନ୍ତି। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ଠିକ୍ ନିର୍ଣ୍ଣୟ ନିଅନ୍ତୁ। ପ୍ରତିକାର : ରୂପାପାତ୍ରରେ ଭଗବାନ ଶିବଙ୍କୁ ଜଳ ଚଢ଼ାନ୍ତୁ।

**ଧନୁ** — ଧନର ସଠିକ ଖର୍ଚ୍ଚ କରନ୍ତୁ। ବନ୍ଧୁମାନଙ୍କୁ ସହଯୋଗ ମିଳିବ। ଚାକିରି କ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ଧନ ନେଣଦେଣ ପାଇଁ ସତର୍କ ରହନ୍ତୁ। ପ୍ରତିକାର : ସୂର୍ଯ୍ୟଦେବ ଜଳ ଅର୍ପଣ କରନ୍ତୁ।

**ମକର** — କାର୍ଯ୍ୟରେ ସଫଳତା ପାଇବେ। ଆୟ ଓ ବ୍ୟୟ ବଢ଼ିବ। ଅଳସୁଆ ହୁଅନ୍ତୁ ନାହିଁ। ଅଦରକାରୀ କାର୍ଯ୍ୟରେ ଯୋଗ ଦିଅନ୍ତୁ ନାହିଁ। ନିଜ ଉପରେ ବ୍ୟବସାୟ କରନ୍ତୁ। ପ୍ରତିକାର : ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**କୁମ୍ଭ** — ପରିବାରରେ ସହଯୋଗରୁ ସଫଳତା ମିଳିବ। ଯାତ୍ରା କରନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ଏକାଗ୍ରତା ରଖନ୍ତୁ। ବ୍ୟବସାୟରେ ଗ୍ରାହକ ସଂଖ୍ୟା ବଢ଼ିପାରେ। ଗୁରୁଜନଙ୍କ ସହଯୋଗ ପାଇବେ। ପ୍ରତିକାର : ବୁଢ଼ା ସାଧୁଙ୍କୁ ସାହାଯ୍ୟ କରନ୍ତୁ।

**ମୀନ** — ସଫଳତା ପାଇ ନୂଆ ନୀତି କରନ୍ତୁ। ଶତ୍ରୁମାନେ ପ୍ରତିବନ୍ଧକ ହେବେ। ଆୟ ଓ ବ୍ୟୟରେ ସନ୍ତୁଳନ ରକ୍ଷା କରନ୍ତୁ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ପାଇବେ। ବ୍ୟବସାୟୀମାନେ ଲାଭପାଇବେ। ପ୍ରତିକାର : ଗଙ୍ଗାଜଳ ମିଶ୍ରିତ ଜଳରେ ଶିବଲିଙ୍ଗ ଅଭିଷେକ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## ବଢ଼ିଲା କନିଷ୍ଠ ଶିକ୍ଷକଙ୍କ ଦରମା

**ଭୁବନେଶ୍ୱର :** ରାଜ୍ୟର କନିଷ୍ଠ ଶିକ୍ଷକ (ସ୍କେମାଟିକ)ଙ୍କ ଦରମା ବଢ଼ିଲା। ମାସିକ ଦରମା ୧୧ ହଜାରରୁ ୧୬ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଏଣିକି ମାସକୁ ୧୬ ହଜାର ଟଙ୍କା ଦରମା ମିଳିବ। ସମଗ୍ର ଶିକ୍ଷା ସ୍କିମ୍ ଅନୁସାରେ ଆଜିଠାରୁ ଦରମା ବୃଦ୍ଧି ହୋଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## ବିଶ୍ୱର କ୍ଷୁଦ୍ରତମ କୁଜଥିବା ଗୋ ପ୍ରଜାତି 'ପୁଙ୍ଗାନୁର' ଗାଈ



**ଭୁବନେଶ୍ୱର :** ଯଦି ଆପଣଙ୍କୁ କୁହାଯାଏ ଯେ ଏକ ଗୋ ପ୍ରଜାତି ଯାହାର ଶରୀର କ୍ଷୁଦ୍ରତମ କିନ୍ତୁ ଏହାର କ୍ଷୀରର ସ୍ୱାଦ କ୍ରିମ୍ ଠାରୁ ବି ଅଧିକ ମିଠା, ଆପଣ ବିଶ୍ୱାସ କରିବେ ? କିନ୍ତୁ ଏହା ସତ। ଆମ ଭାରତରେ ହିଁ ରହିଛି ଏଭଳି ପ୍ରଜାତି। ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲ୍ଲାରୁ ଆସି ଚଳିତବର୍ଷ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶାର ପହଞ୍ଚିଛି ବିଶ୍ୱର କ୍ଷୁଦ୍ରତମ କୁଜ ଥିବା ଗାଈ- ପୁଙ୍ଗାନୁର। ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆଠାରେ ଆରମ୍ଭ ହୋଇଯାଇଛି ତିନି ଦିବସୀୟ ମତ୍ସ୍ୟ-ପ୍ରାଣୀ ସମାବେଶ। ଏହି ସମାବେଶର ଅନ୍ୟତମ ଆକର୍ଷଣ ସାଜିଛି ବିଶ୍ୱର ସବୁଠାରୁ କ୍ଷୁଦ୍ରତମ କୁଜ ଥିବା ଗୋ ପ୍ରଜାତି- 'ପୁଙ୍ଗାନୁର'। ଏହା ଏକ ଛୋଟ ପ୍ରଜାତିର ଗୃହପାଳିତ ଗାଈ ଭାବେ ଘରେ ଘରେ ଖ୍ୟାତି ଅର୍ଜନ କରିଛି।

## ସୁଦୃଢ଼ ଗ୍ରାମପଞ୍ଚାୟତ ହେଉଛି ବିକଶିତ ଓଡ଼ିଶାର ମୂଳପିଣ୍ଡ: ମନ୍ତ୍ରୀ



**ଭୁବନେଶ୍ୱର:** ପଞ୍ଚାୟତିରାଜ ମନ୍ତ୍ରୀ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର ରାଜ୍ୟସ୍ତରୀୟ 'ବିକଶିତ ପଞ୍ଚାୟତ ପାଇଁ ଦକ୍ଷତା ବିକାଶ' ଶୀର୍ଷକ କର୍ମଶାଳାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ସୁଦୃଢ଼ ଗ୍ରାମପଞ୍ଚାୟତ ହେଉଛି ବିକଶିତ ଓଡ଼ିଶାର ମୂଳପିଣ୍ଡ। ତେଣୁ ବିକଶିତ ପଞ୍ଚାୟତ ଗଠନ ଦ୍ୱାରା ହିଁ ବିକଶିତ ଓଡ଼ିଶା ଗଠନ ସମ୍ଭବ ବୋଲି ଏହି ଅବସରରେ ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୫ ତାରିଖରେ ଖୋର୍ଦ୍ଧାର ଜଙ୍କିଆ ମିନିଷ୍ଟାଡିୟମଠାରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲ। ଏହି ଅବସରରେ ସେ କହିଥିଲେ, ଓଡ଼ିଶା ବିକାଶ ଦିଗରେ ଏକ ଐତିହାସିକ ଦିନ। ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାର ପ୍ରତି ଗାଁକୁ ବିକଶିତ କରାଯିବ।ଦରିଦ୍ରତା ଓ ଅନଗ୍ରସରତା ବିରୁଦ୍ଧରେ ଲଢ଼େଇ ଜାରି ରହିବ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂହ ଓ ଜିଲ୍ଲାପାଳ ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଓଡ଼ିଶା ସରକାରଙ୍କ ପକ୍ଷରୁ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାପାଳ ଓ ବିଡିଓଙ୍କୁ ଏହି ମାର୍ଗଦର୍ଶିକା ପଠାଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି।

## ନବମ ଓ ଦଶମ ପିଲାଙ୍କୁ ମଧ୍ୟାହ୍ନ ଭୋଜନ



**ଭୁବନେଶ୍ୱର :** ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମଧ ମିଳିବ ମଧ୍ୟାହ୍ନ ଭୋଜନ। କଟକରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏନେଇ ଘୋଷଣା କରିଛନ୍ତି। ଏଣିକି ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମଧ ମଧ୍ୟାହ୍ନ ଭୋଜନ ମିଳିବ। ପୂର୍ବରୁ ବିଦ୍ୟାଳୟରେ କେବଳ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ମିଳୁଥିଲା। ଛାତ୍ରଛାତ୍ରୀମାନେ ଯେଭଳି ପାଠରେ ଧ୍ୟାନ ଦେଇପାରିବ ଏବଂ କେହି ମଧ ଭୋକରେ ରହିବେନି ସେନେଇ ଏହି ବ୍ୟବସ୍ଥା କରାଯାଉଛି। ଅର୍ଥାତ୍ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାର ଲାଭ ମିଳିପାରିବ।

### ସମ୍ପତ୍ତି ତାଲିକା ଦେଉନାହାନ୍ତି ସରକାରୀ କର୍ମଚାରୀ

# ଫେବୃଆରୀ ୨୮ ଶେଷ ସୁଯୋଗ

**ଭୁବନେଶ୍ୱର :** ରାଜ୍ୟର ସରକାରୀ କର୍ମଚାରୀ ନିଜର ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରୁନାହାନ୍ତି। ପ୍ରତିବର୍ଷ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ ହେଉନି ସମ୍ପତ୍ତି ତାଲିକା। ବାରମ୍ବାର ସରକାର ବଢ଼ାଉଛନ୍ତି ଅବଧି। ଅନୁରୂପ ଭାବେ ଏଥର ମଧ୍ୟ ପୁଣି ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ସମୟ ବଢ଼ାଇଛନ୍ତି। ଏହି ଅବଧି କର୍ମଚାରୀମାନେ ସମ୍ପତ୍ତି ତାଲିକା ଦାଖଲ ପାଇଁ ଶେଷ ସୁଯୋଗ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ପ୍ରଥମରୁ ଚତୁର୍ଥଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ନିଜର ବାର୍ଷିକ ସମ୍ପତ୍ତି ତାଲିକାକୁ ପ୍ରତିବର୍ଷ ଜାନୁଆରୀ ୩୧ ତାରିଖ ପୂର୍ବରୁ ଅନଲାଇନ ମାଧ୍ୟମରେ ଓଡ଼ିଶା ସରକାରଙ୍କ ଏଚଆରଏମଏସ୍ ପୋର୍ଟାଲରେ ଅପଲୋଡ୍ କରିବା ନିୟମ ରହିଛି। ଏଥିପାଇଁ ରାଜ୍ୟ ସରକାର କ୍ୟାବିନେଟରେ ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ (ସଂଶୋଧନ) ନିୟମାବଳୀ-୨୦୨୧କୁ ଅନୁମୋଦନ କରାଇବା ସହ ପ୍ରତ୍ୟେକ ରାଜ୍ୟ ସରକାରୀ କର୍ମଚାରୀଙ୍କ ନିମନ୍ତେ ବାର୍ଷିକ ସମ୍ପତ୍ତି ତାଲିକା ଦାଖଲକୁ ବାଧ୍ୟତାମୂଳକ କରିଥିଲେ। ହେଲେ ପ୍ରତିବର୍ଷ ଏହି ସମୟସୀମା ମଧ୍ୟରେ ଅଧିକାଂଶ କର୍ମଚାରୀ ତାଲିକା ଦାଖଲ



କରୁନାହାନ୍ତି। ଏହିକ୍ରମେ ୨୦୨୪ ମସିହାର ସମ୍ପତ୍ତି ତାଲିକା ଗତ ଜାନୁଆରୀ ୩୧ ସୁଦ୍ଧା ବହୁ କର୍ମଚାରୀ ଦେଇନାହାନ୍ତି। ଏଥିପାଇଁ ରାଜ୍ୟ ସରକାର ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଏହି ଅବଧି ବୃଦ୍ଧି କରିଛନ୍ତି। ତାଲିକା ଦେଇ ନ ଥିବା ଖିଲାପି କର୍ମଚାରୀଙ୍କ ପାଇଁ ଏହା ଶେଷ ସୁଯୋଗ ବୋଲି ଚେତାଇ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପତ୍ର ମାଧ୍ୟମରେ ଏନେଇ ସବୁ ବିଭାଗ, ଆରଡିସି, ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ସୂଚନା ଅନୁସାରେ, ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲକୁ ସରକାରୀ କର୍ମଚାରୀଙ୍କ ପଦୋନ୍ନତି ପାଇଁ ଆବଶ୍ୟକ ପ୍ରାକ୍ ଯୋଗ୍ୟତା ଭାବେ ବିବେଚନା କରାଯାଇଥାଏ। ୨୦୨୪ ଜାନୁଆରୀ ୧ରୁ ଡିସେମ୍ବର ୩୧ ଅବଧି ନିମନ୍ତେ ସମ୍ପତ୍ତି ବିବରଣୀ ୨୦୨୫ ଜାନୁଆରୀ ୩୧ ସୁଦ୍ଧା ଦାଖଲ କରିବାକୁ ରାଜ୍ୟ ସରକାର ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏନେଇ ୨୦୨୪ ଡିସେମ୍ବର ୩୦ ତାରିଖରେ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ଉକ୍ତ ସମୟସୀମା ମଧ୍ୟରେ ବହୁସଂଖ୍ୟକ କର୍ମଚାରୀ ସମ୍ପତ୍ତି ବିବରଣୀ ଦାଖଲ କରିନାହାନ୍ତି। ସରକାରଙ୍କ ଦୃଷ୍ଟିକୁ ଏହା ଆସିବା ପରେ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ଅବଧି ବଢ଼ାଇ ଦିଆଯାଇଛି। ୨୦୨୪ ବର୍ଷ ପାଇଁ ଏହା ଶେଷ ସୁଯୋଗ ହୋଇଥିବାରୁ ଅବଧି ସରିବା ପର୍ଯ୍ୟନ୍ତ ଅପେକ୍ଷା ନକରି ତା' ପୂର୍ବରୁ ସମ୍ପତ୍ତି ବିବରଣୀ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି।

## ଓଡ଼ିଶାରେ ଖୋଲିବ ମା' କୋର୍ଟ

**ଭୁବନେଶ୍ୱର :** ଓଡିଶାରେ ଛାଡପତ୍ରର ସଂଖ୍ୟାକୁ ରୋକିବା ଉଦ୍ଦେଶ୍ୟରେ ଦମ୍ପତିଙ୍କ ପାଇଁ ବୈବାହିକ ପରାମର୍ଶ ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ଶୀଘ୍ର ମାନସିକ ସ୍ୱାସ୍ଥ୍ୟ ପରାମର୍ଶ କେନ୍ଦ୍ର ପ୍ରତିଷ୍ଠା କରିବେ। ଏହି କେନ୍ଦ୍ରଗୁଡ଼ିକର ନାମ 'ମା ର ଛାତ' କିମ୍ବା ମାତୃ କୋର୍ଟ ହେବ ଏବଂ ଛାଡପତ୍ରକୁ ରୋକିବା ଦିଗରେ କାର୍ଯ୍ୟ କରିବା ସହିତ ମାନସିକ ସୁସ୍ଥତା ଉପରେ ଧ୍ୟାନ ଦେବେ ବୋଲି ପ୍ରଭାତୀ କହିଛନ୍ତି। ପରାମର୍ଶ କେନ୍ଦ୍ର ଦମ୍ପତିମାନଙ୍କୁ ବିବାହକୁ ଭଲ



ଭାବରେ ବୁଝାଇବାରେ ସାହାଯ୍ୟ କରିବ ଏବଂ ସେମାନଙ୍କୁ ଦାମ୍ପତ୍ୟ ଜୀବନ ପାଇଁ ପ୍ରସ୍ତୁତ କରିବ। ସୁସ୍ଥ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏବଂ ବୈବାହିକ ପୃଥକତାର ଭାବପ୍ରବଣ ତଥା ସାମାଜିକ ପ୍ରଭାବକୁ ହ୍ରାସ କରିବା ଏହି ପଦକ୍ଷେପ ନିଆଯିବ।

### ଆପାର୍ଟମେଣ୍ଟ ପଞ୍ଜିକରଣ ବିଜ୍ଞପ୍ତି

## ଲାଗୁ ହେବନି ନୂତନ ରେରା ଆଇନ୍

**କଟକ :** ଆପାର୍ଟମେଣ୍ଟ ପଞ୍ଜିକରଣ ସମ୍ପର୍କିତ ବିଜ୍ଞପ୍ତି ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଗୃହ ଓ ନଗର ନିର୍ମାଣ ବିଭାଗ ଦ୍ୱାରା ଅଣାଯାଇଥିବା ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ପକ୍ଷରୁ ରହିତାଦେଶ ଜାରି ହୋଇଛି। ଗତ ଫେବ୍ରୁଆରି ପହିଲାରେ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ଜାରି କରାଯାଇଥିଲା। ବିଜ୍ଞପ୍ତି ଅନୁସାରେ ୨୦୧୭ ମସିହା ପୂର୍ବରୁ ନିର୍ମାଣ ସରିଥିବା ଆପାର୍ଟମେଣ୍ଟ ଗୁଡ଼ିକର ପଞ୍ଜିକରଣ ହେବ। ବିନା ଆପାର୍ଟମେଣ୍ଟ ଆଇନ୍ ଅନୁଯାୟୀ ଏହା କରିହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। କିନ୍ତୁ ରେରା ଆଇନ୍ ଆସିବା ପୂର୍ବରୁ ଶେଷ ହୋଇଥିବା ଆପାର୍ଟମେଣ୍ଟ ମଧ୍ୟ ରେରା ଆଇନ୍ ପରିସରଭୁକ୍ତ ହେବାର ଆବଶ୍ୟକତା ଅଛି ବୋଲି ଆବେଦନକାରୀ ବିମଳେନ୍ଦୁ ପ୍ରଧାନଙ୍କ ପକ୍ଷରୁ ହାଇକୋର୍ଟଙ୍କ ସମ୍ମୁଖରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଏହାକୁ ହାଇକୋର୍ଟଙ୍କ ଖଣ୍ଡପୀଠ ଗ୍ରହଣ କରିବା ସହିତ ସରକାରୀ ବିଜ୍ଞପ୍ତି ଉପରେ ରୋକ ଲାଗୁ କରିଛନ୍ତି। ଏହା ସହିତ ଆସନ୍ତା ବୁଧବାର ସୁଦ୍ଧା ଜବାବ ରଖିବା ଲାଗି ନଗର ଉନ୍ନୟନ ବିଭାଗକୁ ହାଇକୋର୍ଟଙ୍କ ଖଣ୍ଡପୀଠଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ଆସନ୍ତା ବୁଧବାର ଫେବ୍ରୁଆରି ୧୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି।

### ଏଣିକି ଜୈବିକ ଚାଉଳରେ ଶ୍ରୀମନ୍ଦିର କୋଠଭୋଗ

## 'ଅମୃତ ଅନ୍ନ' ନାମରେ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ପ୍ରସ୍ତାବ

**ଭୁବନେଶ୍ୱର :** ଶ୍ରୀମହାପ୍ରସାଦ ପ୍ରସ୍ତୁତିରେ ଜୈବିକ ଚାଉଳର ବ୍ୟବହାର ନେଇ ଏକ ପରାମର୍ଶ ବୈଠକ କୃଷି ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଚାଉଳର ବ୍ୟବହାର ନେଇ ଆଲୋଚନା ହୋଇଥିଲା। ମହାପ୍ରସାଦକୁ ରସାୟନମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଶ୍ରୀମନ୍ଦିରର ମହାପ୍ରସାଦରେ ଜୈବିକ ଚାଉଳ ଏବଂ ପନିପରିବାର ବ୍ୟବହାର ନିଷ୍ପତ୍ତିକୁ ସୁଆର-ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସର୍ବଦା ଜୈବିକ କୃଷିକୁ ସମର୍ଥନ ଦେଇ



ଆସିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀମନ୍ଦିର କୋଠଭୋଗରେ ଏହି ଜୈବିକ ଚାଉଳର ବ୍ୟବହାର କରାଯିବ। ଏଥି ସହ ଶ୍ରୀଗୁଣ୍ଡିଚା ସମୟରେ ସମ୍ପୂର୍ଣ୍ଣ ଲାଗି ହେଉଥିବା ଭୋଗରେ ଜୈବିକ ଚାଉଳ ଓ ପନିପରିବା ବ୍ୟବହାର ହେବା ପାଇଁ ପ୍ରସ୍ତାବ ରହିଛି। 'ଅମୃତ ଅନ୍ନ' ନାମରେ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଜୈବିକ ଅନ୍ନରୁ ପ୍ରସ୍ତୁତ ମହାପ୍ରସାଦ ଆନନ୍ଦବଜାରରେ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ। ଏଥି ପାଇଁ ଆନନ୍ଦବଜାରରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବାର ପ୍ରସ୍ତାବ ରହିଛି। ପ୍ରାରମ୍ଭିକ ଭାବେ ରାଜ୍ୟରେ ଉତ୍ପାଦିତ ହେଉଥିବା କଳାଜୀରା, ପିମ୍ପୁଡ଼ିବାସ, ଯୁବରାଜ ଆଦି ଜୈବିକ ଚାଉଳ ଦେଶୀୟ ପ୍ରଜାତିର ଜୈବିକ ଧାନ ଏହି 'ଅମୃତ ଅନ୍ନ' ମହାପ୍ରସାଦରେ ବ୍ୟବହୃତ ହେବ। ଏଥି ମଧ୍ୟରୁ କଳାଜୀରା ଧାନ ଜିଆଇ ଟ୍ୟାଗ୍ (ଭୌଗୋଳିକ ସୂଚକାଙ୍କ)ରେ ସ୍ଥାନିତ ହୋଇସାରିଛି। ସଂପ୍ରତି ଓଡ଼ିଶା ଚାଉଳ ଉତ୍ପାଦକତାରେ ଜାତୀୟ ହାରଠାରୁ ଆଗରେ ରହିଛି। ଚଳିତ ବର୍ଷ କୋରାପୁଟର ୧୩୬୫ ଏକର ଜମିରେ କଳାଜୀରା ଚାଉଳ ଚାଷ ହୋଇଛି ଏବଂ କୋଟପାଡ଼ଠାରେ ପ୍ରଥମ ଥର ପାଇଁ କଳାଜୀରା ଧାନର ମଣ୍ଡି ଖୋଲାଯାଇଛି।

## 'ଚାକିରି କ୍ଷମତା ଥିବା ପତ୍ନୀ ଭରଣପୋଷଣ ଦାବି କରିପାରିବେନି'

**କଟକ:** ଚାକିରି ସୁଯୋଗ ଥିବା ବା କୌଣସି କ୍ଷେତ୍ରରେ ଅଭିଜ୍ଞତା ଥିବା ଶିକ୍ଷିତ ପତ୍ନୀ ଖାଲିଟାରେ ବସିରହି ଭରଣପୋଷଣ ଦାବି କରିପାରିବେ ନାହିଁ। ଛାଡ଼ପତ୍ର ମାମଲାରେ ପତ୍ନୀଙ୍କୁ ଭରଣପୋଷଣ ଦେବା ଆଇନ୍ରେ ବ୍ୟବସ୍ଥା ରହିଛି। ମାତ୍ର ଉଚ୍ଚ ଶିକ୍ଷିତା ତଥା ରୋଜଗାର କ୍ଷମତା ରଖୁଥିବା ପତ୍ନୀ ଏ କ୍ଷେତ୍ରରେ ଭରଣପୋଷଣ ମାଗିପାରିବେ ନାହିଁ ବୋଲି ଏକ ଛାଡ଼ପତ୍ର ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ଏହି ରାୟ ଦେଇଛନ୍ତି । ଯେଉଁ ପତ୍ନୀ ନିଜର ରକ୍ଷଣାବେକ୍ଷଣ ଲାଗି ନିଜେ ଅସମର୍ଥ ଓ ରୋଜଗାର କରିବାର କ୍ଷମତା ନାହିଁ ସେମାନଙ୍କ ଲାଗି ସ୍ୱାମୀଙ୍କ ଠାରୁ ଭରଣପୋଷଣ ନେବା ଆଇନ୍ରେ ବ୍ୟବସ୍ଥା ରହିଛି। ମାତ୍ର ସଶକ୍ତ ଓ ରୋଜଗାରକ୍ଷମ ହୋଇଥିବାସ୍ଥଳେ କୌଣସି ଚାକିରି ବା କର୍ମନିଯୁକ୍ତିରୁ ନିଜକୁ ନିଷ୍କ୍ରିୟ ରଖି ଖାଲିରେ ବସି ରହି ସ୍ୱାମୀ ଠାରୁ ଭରଣପୋଷଣ ଦାବି କରିବା ଉଚିତ ନୁହେଁ ବୋଲି ଅଦାଲତ କହିଛନ୍ତି। ଏକ ପରିବାର ଅଦାଲତ ଏହି ମାମଲାରେ ମାସିକ ଭରଣପୋଷଣ ଲାଗି ୮ହଜାର ଟଙ୍କା ନିର୍ଦ୍ଦେଶ ଦେଇଥିବାବେଳେ



ଏହି ପରିମାଣକୁ ହାଇକୋର୍ଟ ପ୍ରତିମାସ ୫,୦୦୦ଟଙ୍କାକୁ ହ୍ରାସ କରିଛନ୍ତି। ମାମଲାର ବିବରଣୀ ମୁତାବକ, ଛାଡ଼ପତ୍ର ମାମଲାରେ ପରିବାର ଅଦାଲତଙ୍କ ମାସିକ ୮୦୦୦ ଟଙ୍କାର ଭରଣପୋଷଣ ନିର୍ଦ୍ଦେଶକୁ ବିରୋଧ କରି ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ପତ୍ନୀ ସାମ୍ବାଦିକତା ଏବଂ ଗଣ ଯୋଗାଯୋଗରେ ସ୍ନାତକୋତ୍ତର ଡିପ୍ଲୋମା ସହିତ ବିଜ୍ଞାନରେ ସ୍ନାତକ ହାସଲ କରିଛନ୍ତି। ସେ ଜଣେ ସୁଶିକ୍ଷିତ ମହିଳା ଓ ପୂର୍ବରୁ କିଛି ଗଣମାଧ୍ୟମ ସଂସ୍ଥାରେ କାମ କରୁଥିଲେ। ତାଙ୍କର ପ୍ରତିପୋଷଣ ପାଇଁ କାମ କରିବା ଏବଂ ରୋଜଗାର କରିବାର ସମ୍ଭାବନା ରହିଛି।

## ଖୁବ୍‌ଶୀଘ୍ର ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର

**ଭୁବନେଶ୍ୱର :** ଭୁବନେଶ୍ୱରର ଜୟଦେବ ବିହାରରୁ ନନ୍ଦନକାନନକୁ ସଂଯୋଗ କରୁଥିବା 'ବ୍ୟସ୍ତବହୁଳ' ରୁଟ୍ ଉପରେ ପ୍ରସ୍ତାବିତ ଫ୍ଲାଏଓଭର ଖୁବ୍‌ଶୀଘ୍ର ନିର୍ମାଣ କରାଯିବ ବୋଲି ମଙ୍ଗଳବାର ଓଡ଼ିଶା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ପ୍ରକଳ୍ପକୁ ଅନୁମୋଦନ କରିବା ପରେ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏହି ପ୍ରକଳ୍ପର ବୈଷୟିକ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି। ପ୍ରକଳ୍ପ ବିଷୟରେ ବିସ୍ତୃତ ଭାବରେ କହି ସେ କହିଛନ୍ତି ଯେ ଜୟଦେବ ବିହାରରେ ଜାତୀୟ ରାଜପଥ (ଏନ୍‌ଏଚ୍)-୧୬ ଉପରେ ଥିବା ଫ୍ଲାଏଓଭରକୁ ସଂଯୋଗ କରୁଥିବା ନନ୍ଦନକାନନ ରୋଡ୍ ଉପରେ ଏକ ନୂତନ ଫ୍ଲାଏଓଭର ନିର୍ମାଣ କରାଯିବ। ପ୍ରମୁଖ ଜଙ୍କସନରେ ବାହାରକୁ ଯିବାକୁ ରାସ୍ତା ରହିବ ଯାହା ଦ୍ୱାରା ଫ୍ଲାଏଓଭରରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ



ସର୍ଭିସ୍ ରୋଡ୍ ନେବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସବୁକିଛିକୁ ଦୃଷ୍ଟିରେ ରଖି ଯୋଜନା ଡିଜାଇନ୍ କରାଯାଇଛି। ପୂର୍ବରୁ ଥିବା ରାସ୍ତା ଉପରେ ଚାରି ଲେନ୍ ରାସ୍ତା ନିର୍ମାଣ କରାଯିବ। ଆଗାମୀ ଦିନରେ ନୂତନ ଫ୍ଲାଏଓଭର ଭୁବନେଶ୍ୱରର ଜୀବନରେଖା ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ୨୦୨୭-୨୮ ଆର୍ଥିକ ବର୍ଷ ସୁଦ୍ଧା ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର ପ୍ରକଳ୍ପର ପ୍ରମୁଖ ଅଂଶ ସମାପ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

### ମମତାରେ ମିଶିବ ପ୍ରଧାନମନ୍ତ୍ରୀ ମାତୃବନ୍ଦନା

## କନ୍ୟା ସନ୍ତାନ ହେଲେ ୧୨ ହଜାର, ପୁଅ ଜନ୍ମ ହେଲେ ୧୦ ହଜାର

**ଭୁବନେଶ୍ୱର :** ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମମତା ଯୋଜନା ସହିତ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ କରାଯିବ। ଏଥିରେ କନ୍ୟା ସନ୍ତାନ ଜନ୍ମ ପାଇଁ ଗର୍ଭବତୀମାନଙ୍କୁ ବର୍ଷକୁ ଅଧିକ ୨ ହଜାର ଟଙ୍କା ପ୍ରଦାନ କରାଯିବ। ଗର୍ଭବତୀ, ପ୍ରସୂତି ମହିଳା ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ତଥା କନ୍ୟା ସନ୍ତାନ ଜନ୍ମକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ଯୋଜନାରେ ପୁତ୍ର ସନ୍ତାନ ଜନ୍ମ କ୍ଷେତ୍ରରେ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ତେବେ କନ୍ୟା ସନ୍ତାନ ପାଇଁ ପୂର୍ବରୁ ୧୦ ହଜାର ଟଙ୍କା ଦିଆଯାଉଥିବା ବେଳେ ମିଳିତ ଯୋଜନାରେ ୧୨ ହଜାର ଟଙ୍କା ଦିଆଯିବ। ସର୍ବାଧିକ ଦୁଇଟି ସନ୍ତାନ ଜନ୍ମ କ୍ଷେତ୍ରରେ ଏହି ସହାୟତା ମିଳିବ। ତେବେ ପିଭିଟିଜି ମାନଙ୍କ କ୍ଷେତ୍ରରେ ଦୁଇଟି ସନ୍ତାନ ସୀମା ଲାଗୁ ହେବ ନାହିଁ। ଏଥିରେ ସହାୟତା କରୁଥିବା ଅଙ୍ଗନବାଡ଼ି କର୍ମୀମାନଙ୍କୁ ୨୦୦ ଟଙ୍କା ବଦଳରେ ୨୫୦ ଟଙ୍କା, ଏବଂ ଅଙ୍ଗନବାଡ଼ି ସହାୟକମାନଙ୍କୁ ୫୦ ଟଙ୍କା ପରିବର୍ତ୍ତେ ୧୫୦ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ଏହି ଉଭୟ ଯୋଜନାର





ସମ୍ମିଳିତ କାର୍ଯ୍ୟକାରିତା ପାଇଁ ଆସନ୍ତା ଆର୍ଥିକ ବର୍ଷରେ ପ୍ରାୟ ୫୧୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏଥିପାଇଁ କେନ୍ଦ୍ର ସରକାର ୧୧୫.୯୭ କୋଟି ଟଙ୍କା ପ୍ରଦାନ କରିବାବେଳେ ରାଜ୍ୟ ସରକାର ୩୯୫.୭୫ କୋଟି ଟଙ୍କା ଯୋଗାଇ ଦେବେ। ଏହାଦ୍ୱାରା ପ୍ରାୟ ୪ ଲକ୍ଷ ୫୦ ହଜାର ଗର୍ଭବତୀ ଓ ପ୍ରସୂତି ମହିଳା ଉପକୃତ ହେବାର ସମ୍ଭାବନା ରହିଛି।

# ଗୁଣବତ୍ତା ଶିକ୍ଷା ପ୍ରଦାନ କରିବା ଆମର ପ୍ରାଥମିକ ଲକ୍ଷ୍ୟ : ମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟର ୯୦ ଗୋଟି ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର (ଏଡ଼େଡ଼ କେଲଜ) ଭିତ୍ତିଭୂମି ବିକାଶ ପ୍ରକଳ୍ପ ନିମନ୍ତେ ସରକାରଙ୍କ ତରଫରୁ ୧୦୪ କୋଟି ଟଙ୍କା ଅର୍ଥରାଶି ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପରେ ରାଜ୍ୟର ୯୦ଟି ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟ କରାଯିବ। ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଛାତ୍ରାବାସ, କଲେଜରେ ଅତିରିକ୍ତ ଶ୍ରେଣୀ ଗୃହ, କମନ ରୁମ୍, ଲାଇବ୍ରେରୀ, ଲାବ୍ରୋଟୋରୀ, କମ୍ପ୍ୟୁଟର ଲବ୍ରୋଟୋରୀ, ମଲ୍ଟି ପରପସ୍ ହଲ୍, ଆଡମିନିଷ୍ଟ୍ରେଟିଭ ବିଲଡ଼ିଙ୍ଗ, ଶୌଚାଳୟ ଆଦିର ନିର୍ମାଣ, ମରାମତି ବା ପୁନରୁଦ୍ଧାର କାର୍ଯ୍ୟ କରିବା ନିମନ୍ତେ ଏହି ଅର୍ଥରାଶିକୁ ବିନିଯୋଗ କରାଯିବ। ମିଳିଥିବା ସୂଚନା ଅନୁଯାୟୀ, ପ୍ରକଳ୍ପ ପାଇଁ ଅନୁମୋଦିତ ହୋଇଥିବା ସର୍ବମୋଟ ଧନରାଶିକୁ ପର୍ଯ୍ୟାୟକ୍ରମ ଭାବେ ମହାବିଦ୍ୟାଳୟ ଗୁଡ଼ିକୁ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ସର୍ବମୋଟ ଅର୍ଥରାଶିର ଶତକଡ଼ା ୩୩ ପ୍ରତିଶତ ପ୍ରଦାନ କରାଯିବ। ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଏହି ପ୍ରଥମ ପର୍ଯ୍ୟାୟ ଅର୍ଥରାଶି ପାଇବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟ ନିର୍ବାହୀ ସଂସ୍ଥା ବା କେନ୍ଦ୍ର ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା କାର୍ଯ୍ୟ



ଆରମ୍ଭ କରିବା ସହ ମିଳିଥିବା ଅର୍ଥରାଶିର ବିନିଯୋଗ ପତ୍ର (ୟୁଟିଲାଇଜେସନ ସାର୍ଟିଫିକେଟ) ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବେ। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ଏକ ଆଭାସୀ ବୈଠକରେ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ମହାବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ଗୁଣବତ୍ତା ଶିକ୍ଷା ପ୍ରଦାନ କରିବା ହେଉଛି ଆମର ପ୍ରାଥମିକ ଲକ୍ଷ୍ୟ। ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ସହ ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ବିଭିନ୍ନ ପଦକ୍ଷେପମାନ ନିଆଯାଉଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ନିଶ୍ଚିତ ଭାବରେ ରାଜ୍ୟର ବେସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ଭିତ୍ତିଭୂମି ଆହୁରି ସୁଦୃଢ଼ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ। ଆଜି ବୈଠକରେ ମନ୍ତ୍ରୀ ଶ୍ରୀ ସୂରଜ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଲାଭକରି ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟାର ଯେପରି ତ୍ୱରିତ ସମାଧନ କରାଯାଇପାରିବ ସେ ସମ୍ବନ୍ଧରେ ମଧ ଆଲୋଚନା କରିଥିଲେ।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୭ - ୨୩ ଫେବୃଆରୀ, ୨୦୨୫

# ବୁଝାମଣାରେ ସମାଧାନ

ସମୟର ଉଠାଣି ଗଡ଼ାଣି ରାସ୍ତାରେ ଜୀବନର ମଙ୍ଗ ସଳଖି ଆଗକୁ ଚାଲିବାର ଅନୁଭବ ପ୍ରତ୍ୟେକ ମଣିଷ ଜୀବନରେ ରହିଛି । ସୁଖଦ ଅନୁଭବରେ ରୋମାଂଚିତ ମଣିଷ ଗର୍ବରେ ଫାଟି ପଡୁଥିଲା ବେଳେ ଦୁଃଖରେ ରହୁଥିବା ମଣିଷଟା ମନ ମାରି ରହିବାକୁ ବାଧ ହୋଇଥାଏ । ତେଣୁ ଜୀବନରେ ସୁଖ ଦୁଃଖର ସଠିକ ସଜ୍ଞା ନିରୂପଣ କରିବା ଆଦୌ ସହଜ ହୋଇନଥାଏ । ତେଣୁ ଖୁସିରେ ଅଧିର କିମ୍ବା ଦୁଃଖରେ ଆତୁର ନହୋଇ ନିଜର କର୍ତ୍ତବ୍ୟ କରିବାଠାରୁ ଅଧିକ କିଛି ଭାବିବା ବେଳେ ବେଳେ ଖୁବ ଅନୁଚିତ ହୁଏ । ପରିବର୍ତ୍ତିତ ସମୟରେ ଜୀବନର ଗତିପଥକୁ ନିୟନ୍ତ୍ରିତ ରଖି ଏକ ସୁସ୍ଥ ଜୀବନ ଅତିବାହିତ କରିବାର ଇଚ୍ଛା ସମସ୍ତଙ୍କ ମନରେ ଉଦ୍ରେକ ହେଉଥିଲେ ବି ପରିସ୍ଥିତିର ତାଡ଼ନାରେ ଏହା କାହାପାଇଁ ସତ ହେଉଥିଲା ବେଳେ ଅନେକଙ୍କ ପାଇଁ ମରୀଚିକା ପାଲଟି ଯାଏ । ବାସ୍ତବ ଜୀବନର ଏଭଳି ରହସ୍ୟ ଖୋଜିଲେ ସମୟ ସରିଯାଏ ସିନା ରହସ୍ୟର ଶେଷ ବିନ୍ଦୁ ନିକଟରେ ପହଞ୍ଚି ପରିବା ବୋଧେ ଗୋଟିଏ ଜନ୍ମରେ ସମ୍ଭବ ହୋଇନଥାଏ । ଜନ୍ମ-ମୃତ୍ୟୁର ଗୋଲକ ଧନ୍ଦାରେ ପେଷି ହେଉଥିବା ମଣିଷ ଆରମ୍ଭରୁ ବଡ଼ ବଡ଼ ସ୍ୱପ୍ନ ଦେଖେ । ସ୍ୱପ୍ନକୁ ସାକାର କରିବା ପାଇଁ ତମାମ ଜୀବନ ଅକ୍ଳାନ୍ତ ପରିଶ୍ରମ କରିଚାଲେ । ହେଲେ ଜୀବନ ସଫଳ ହେଲା କି ପ୍ରଶ୍ନରେ କେହି କେବେ ସନ୍ତୋଷଜନକ ଉତ୍ତର ଦିଅନ୍ତି ନାହିଁ । ତେବେ ଏଥିରୁ ଆମେ କଣ ବୁଝିବା ? ବାସ୍ତବରେ ମଣିଷ କଣ ସଂସାରରେ ସନ୍ତୁଷ୍ଟ ନୁହେଁ ନା ଆଉ କିଛି କରିପାରିନଥିବାର ଦୁଃଖ ନିଜ ଛାତିରେ ଜମାଟ ବାନ୍ଧି ମଣିଷକୁ ଛଟପଟ କରିଚାଲିଛି ! ଜୀବନ ଏକ ଅସମାହିତ କାହାଣୀର ଗୋଟିଏ ଗୋଟିଏ ଚିତ୍ର ସଦୃଶ । ସେଥିରେ କେଉଁ ସମୟରେ କେଉଁ ରୂପ ଧାରଣ କରିବାକୁ ପଡିପାରେ ତାହା ପୂର୍ବରୁ ଚିନ୍ତା କରିନଥିବା ଏକ ବାସ୍ତବ କଥା । ତେଣୁ ଜୀବନକୁ ପଢିବା ଓ ବୁଝିବା କଣ ସହଜ କଥା ? ଜୀବନର ଗୂଢ଼ ତତ୍ତ୍ୱ ବିଷୟରେ ଅବତାରଣା କରିବା ହୁଏତ ମୁନି ଋଷି ମାନଙ୍କ ପକ୍ଷରେ ସମ୍ଭବ । କିନ୍ତୁ ରକ୍ତ ମାଂସ ଦେହଧାରୀ ସାଧାରଣ ମଣିଷ ପକ୍ଷରେ ଜୀବନକୁ ବୁଝିବା ଏତେ ସହଜ ନୁହେଁ । ଆମେ ଜିଂବା ପାଇଁ ଚେଷ୍ଟା କରୁଛେ । ସେଥିରେ ସୁଖ, ଦୁଃଖ ଓ ଅଭାବବୋଧର ଦୀର୍ଘ ତାଲିକା ଧରି ହିସାବ କରୁ କରୁ କେତେବେଳେ ପ୍ରାଣପକ୍ଷୀ ଆପଣାର ରାସ୍ତା ବାଛି ନେଉଛି । ପଛରେ ପଡି ରହୁଛି ଘର, ବଙ୍ଗଳା ଏବଂ ସଂଚିତ ଅର୍ଥ । ପିଲା ଛୁଆ ସଂସାର ସବୁକିଛି ଯେଉଁଠି ରହିଛି ସେଇଠି । ଦିନ ଆସିବ ସେମାନେ କେହି ନଥିବେ, ପୁଣି ପର ପିଢ଼ି ଆସି ତାଙ୍କର ନୂଆ ସଂସାର କରିବେ । ହୁଏତ କେବେ ପ୍ରକୃତିର ତାଣ୍ଡବ ଏସବୁ ଓଲଟ ପାଲଟ କରିଦେବ । ସବୁକିଛି ନିମିଷକ ମଧ୍ୟରେ ନିଶ୍ଚିହ୍ନ ହୋଇଯିବ । ବ୍ରହ୍ମାଣ୍ଡ ଭୂଗୋଳର ବିଚିତ୍ର ଗଣିତକୁ ନେଇ ମଣିଷ ନିଜ ନିଜର ଅସ୍ତିତ୍ୱ ଜାହିର କରୁଥିଲେ ବି ସବୁକିଛି କ୍ଷଣସ୍ଥାୟୀ ବୋଲି ବୁଝିବାକୁ ହେବ । ମୋହ ମାୟା ଅଛି ବୋଲି ମଣିଷ ସବୁକିଛିକୁ ମୋର ମୋର କହୁଛି । ବାସ୍ତବରେ ମଣିଷର କିଛି ବୋଲି ନୁହେଁ । ସବୁକିଛିକୁ ମିଛ ଆପଣାର ଭାବି ମଣିଷ ଯାହା କରିଚାଲିଛି ସେଥିରେ ନିଜର ଯେଉଁ ସାମୟିକ ଖୁସି ମିଳେ ତାଠାରୁ ଅଧିକ ଖୁସି, ଅଧିକ ଆତ୍ମସନ୍ତୋଷ ଦିବ୍ୟ ଚିନ୍ତନରେ ଥାଏ । ଭୌତିକ ଖୁସି ଅପେକ୍ଷା ଈଶ୍ୱର ଚିନ୍ତନ ମଣିଷକୁ ଅଧିକ ଆନନ୍ଦ ଦିଏ ବୋଲି ବୁଝିଲା ବେଳକୁ ସୂର୍ଯ୍ୟ ଅସ୍ତ ହୋଇଯାଆନ୍ତି । ତେଣୁ ଏଭଳି ସାମୟିକ ଆନନ୍ଦରେ ବିଭୋର ନହୋଇ ଦିବ୍ୟ ଜୀବନର ଅନ୍ତଃସ୍ରୋତ ପ୍ରତି ବ୍ରତୀ ହୋଇପାରିଲେ ଶରୀର ଓ ମନ ନିର୍ମଳ ହେବା ସହିତ ଆତ୍ମାକୁ ଶାନ୍ତି ମିଳିବ । ଏତେ ବାଦ ବିବାଦ ଭିତରକୁ ଯିବା ଅପେକ୍ଷା ପାରସ୍ପରିକ ବୁଝାମଣା ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟ ସମାପନ କଲେ ଅଜସ୍ର ଆନନ୍ଦ ପ୍ରାପ୍ତି ହୁଏ । କିନ୍ତୁ ଏହି ସାମାନ୍ୟ କଥାକୁ ବୁଝିବା ପାଇଁ ମଣିଷକୁ ଗୋଟିଏ ଜନ୍ମରେ ହୁଏତ ଆଉ ଗୋଟିଏ ଜନ୍ମ ଲାଗିପାରେ । ମାତ୍ର ବିଶେଷ କଥାଟି ହେଉଛି ନିଜକୁ ସ୍ୱଚ୍ଛ ରଖି ନିର୍ମଳ ଭାବନାର ସହିତ କାର୍ଯ୍ୟ ତୁଲାଇବା ମୂଳ କଥା । ଶରୀର ଅପବିତ୍ର ହେଲେ ଆତ୍ମାରେ ସୁଦ୍ଧତା ଆସନ୍ତା କୁଆଡୁ । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜର ଆଚାର, ବ୍ୟବହାର ଏବଂ ସୁଚିନ୍ତା ଦ୍ୱାରା ହିଁ ସମାଜର ମଙ୍ଗଳ କରିପାରିବେ ।

ସମ୍ପାଦକୀୟ

ତାରକ ମହାନ୍ତି



# ଆମେରିକାର ଆର୍ଥିକ ଯୁଦ୍ଧ ଆରମ୍ଭ



ସୌମେନ୍ଦ୍ର ଜେନା

ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ନିଜ ନିର୍ବାଚନ ପ୍ରଚାର ସମୟରେ ଶୁଳ୍କ ବୃଦ୍ଧି ପାଇଁ ଯେଉଁ ଘୋଷଣା କରିଥିଲେ ଏବେ ତଦନୁଯାୟୀ କାର୍ଯ୍ୟାରମ୍ଭ କରିଦେଇଛନ୍ତି । ଆମେରିକା ଏବଂ ଆମେରିକାବାସୀଙ୍କ ସ୍ୱାର୍ଥରେ କାମ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ଫଳସ୍ୱରୂପ କାନାଡା, ମେକ୍ସିକୋ ଏବଂ ଚୀନ ଉପରେ ଟ୍ରମ୍ପ ଲଗାମ କଷିବା ପାଇଁ ଆମଦାନୀ ଶୁଳ୍କ ବୃଦ୍ଧି କରିଛନ୍ତି । କାନାଡା ଉପରେ ୨୫ ପ୍ରତିଶତ, ମେକ୍ସିକୋ ଉପରେ ୨୫ ପ୍ରତିଶତ ଏବଂ ଚୀନ ଉପରେ ୧୦ ପ୍ରତିଶତ ଶୁଳ୍କ ଆମଦାନୀ ଉପରେ ବସାଇବାକୁ ସେ ଘୋଷଣା କରିଛନ୍ତି । ଏହି ଯୁଦ୍ଧ ଫେଣ୍ଟାନିଲ ନାମକ ନିଶା ବଟିକାକୁ କେନ୍ଦ୍ରକରି ଆରମ୍ଭ ହୋଇଛି । ଏବେ ଆମେରିକାରେ ପ୍ରତିଦିନ ଏହି ନିଶାବଟିକା ଖାଇ ପ୍ରାୟ ୨୦୦ଜଣ ଲୋକ ମୃତ୍ୟୁବରଣ କରୁଛନ୍ତି । ହିସାବରୁ କୁହାଯାଉଛି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ଆମେରିକା ଯୁଦ୍ଧଲଢି କୋରିଆ, ଭିଏତନାମରେ ଯେତେ ଲୋକଙ୍କୁ ହରାଇଥିଲା ଏବେ ପ୍ରତିବର୍ଷ ତାଠାରୁ ଅଧିକ ଲୋକ ନିଶାଦ୍ରବ୍ୟ ସେବନକରି ମୃତ୍ୟୁବରଣ କରୁଛନ୍ତି । କୋରିଆ ଯୁଦ୍ଧରେ ୩୬,୫୭୪ ଭିଏତନାମ ଯୁଦ୍ଧରେ ୫୮୨୨୦ ଲୋକଙ୍କୁ ଆମେରିକା ହରାଇଥିଲା ବେଳେ ଗତ ଦୁଇବର୍ଷରେ ଫେଣ୍ଟାନିଲ ପାଇଁ ପ୍ରାୟ ୨ଲକ୍ଷରୁ ଅଧିକ ଆମେରିକୀୟ ମୃତ୍ୟୁବରଣ କରିଛନ୍ତି । ଏହି ବଟିକା ଚୀନରୁ କାନାଡା ଓ ମେକ୍ସିକୋ ବାଟ ଦେଇ ଆମେରିକା ବଜାରରେ ପ୍ରବେଶ କରୁଛି । ଅଧିକ ଯନ୍ତ୍ରଣା ଭୋଗ କରୁଥିବା ରୋଗୀଙ୍କ କଷ୍ଟଲାଘବ ପାଇଁ ଏହି ଔଷଧ ସେବନ କରିବାର ଅନୁମତି ଥିଲେ ହେଁ ବଟିକାର ନିଶାଯୋଗୁ ତାହା ସାଧାରଣ ଲୋକେ ମଧ୍ୟ ବ୍ୟବହାର କରୁଛନ୍ତି । ବଟିକାର କଞ୍ଚାମାଲ ସାଧାରଣତଃ ଚୀନରେ ପ୍ରସ୍ତୁତ ହୋଇ କିଛି ସିଧାସଳଖ ଆମେରିକାକୁ ରପ୍ତାନୀ ହେବା ପରେ ଆଉ କିଛି ଅନ୍ୟ ଦେଶ ମାଧ୍ୟମରେ ରପ୍ତାନୀ ହେଉଛି ।

କାନାଡା ଓ ମେକ୍ସିକୋ ଆମେରିକାର ଦୁଇ ପଡୋଶୀ ରାଷ୍ଟ୍ର । ଯଥାକ୍ରମେ ଉତ୍ତର ଏବଂ ଦକ୍ଷିଣରେ ରହି ଏହି ଦୁଇ ଦେଶ ଅଧିକ ସୁବିଧା ବାଣିଜ୍ୟରୁ ପାଉଥିଲେ ମଧ୍ୟ ଆମେରିକାର ବୃହତ୍ତର ସ୍ୱାର୍ଥ ପ୍ରତି ଧ୍ୟାନ ଦେଉନଥିବା ଟ୍ରମ୍ପ ଅଭିଯୋଗ କରୁଛନ୍ତି । ଏହି ଦୁଇ ରାଷ୍ଟ୍ରର ସୀମା ଦେଇ ସଂଖ୍ୟାଧିକ ଲୋକ ଆମେରିକାରେ ପ୍ରବେଶ କରୁଥିବାରୁ ସେମାନଙ୍କୁ ଗିରଫ କରି ଗ୍ୱାଣ୍ଟୋନାମୋଠାରେ ଥିବା ନିକାଞ୍ଚନ ବନ୍ଦୀଶାଳାକୁ ପଠାଇବାକୁ ଟ୍ରମ୍ପ ଯୋଜନା ରଖିଛନ୍ତି । ଏହି ବନ୍ଦୀଶାଳାରେ ଆମେରିକା -ବିରୋଧୀ ସନ୍ତ୍ରାସବାଦୀ ଏବଂ ଅପରାଧୀମାନଙ୍କୁ ରଖାଯାଇଛି । ଟ୍ରମ୍ପ ନିଜ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଇତି ମଧ୍ୟରେ କେତେକଙ୍କୁ ସେନା ବିମାନରେ ଆମେରିକାରୁ ବାହାର କରି ପଠାଇଛନ୍ତି । ସେହି କ୍ରମରେ ପ୍ରାୟ ୨୦୦ ଭାରତୀୟଙ୍କୁ ଧରି ଏକ ବିମାନ ଅମୃତସରକୁ ଆସିଥିଲା ।

ଏବେ ଆର୍ଥିକ କ୍ଷେତ୍ରରେ ଆମେରିକା ସରକାର କଠୋର ନୀତି ଗ୍ରହଣ କରିବାକୁ ମନସ୍ଥ କରିଛନ୍ତି । ଇଣ୍ଟରନେସନାଲ ଇମରଜେନ୍ସୀ ଇକୋନୋମିକ ପାୱାର ଆକ୍ଟ ବଳରେ ଟ୍ରମ୍ପ ଆମଦାନୀ ଶୁଳ୍କ ତିନୋଟି ଦେଶ ଉପରେ ଲାଗୁ କରିଛନ୍ତି । କାରଣ ଏହି ତିନୋଟି ଦେଶ ଆମେରିକା ସହ ସର୍ବାଧିକ ବ୍ୟବସାୟ କରୁଥିବା ପ୍ରଥମ ତିନୋଟି ରାଷ୍ଟ୍ର । ଆମେରିକାର ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ଭାବେ ବିଲିଅନ ହିସାବରେ ଦେଖିଲେ ମେକ୍ସିକୋ -୪୮.୨୧, ଚୀନ -୩୬.୧୨,କାନାଡା-୩୫.୬୧,ଜର୍ମାନୀ-୧୩.୫୦, ଜାପାନ-୧୨.୪୫,ଦକ୍ଷିଣ କୋରିଆ -୯.୮୨, ଭିଏତନାମ -୯.୬୭, ତାଇୱାନ-୭.୪୨ ଏବଂ ଭାରତ ୭.୦୮ ବିଲିଅନ ଡଲାରର ବାଣିଜ୍ୟ ପ୍ରତିବର୍ଷ କରିଥାନ୍ତି । ଏଥିରେ ଅନେକଗୁଡିଏ ରାଷ୍ଟ୍ର ସହ ଆମେରିକାର ବାଣିଜ୍ୟିକ କ୍ଷତି ହେଉଛି । ଯେମିତି କାନାଡା ସହ ବାର୍ଷିକ ଆମେରିକାରୁ ରପ୍ତାନୀ ୨୯.୬ ବିଲିଅନ ଡଲାର ଥିଲାବେଳେ ଆମଦାନୀ ୩୫.୮ ବିଲିଅନ ଡଲାର ହେଉଛି, କ୍ଷତି ପରିମାଣ ୫.୮ ବିଲିଅନ ଡଲାର । ସେମିତି ଚୀନ ସହ ଆମେରିକାର ଦ୍ୱିପାକ୍ଷିକ ବାଣିଜ୍ୟ ୧୯୭୯ରୁ ଆରମ୍ଭ ହୋଇଥିଲା । ସେହିବର୍ଷ ଦୁଇଦେଶ ମଧ୍ୟରେ କୂଟନୀତିକ ସଂପର୍କ ସ୍ଥାପନ ହେବାପରେ ବାଣିଜ୍ୟିକ ବୁଝାମଣା ହୋଇଥିଲା । ଫଳତଃ ୪ ବିଲିଅନ ଡଲାର ମୂଲ୍ୟର ବାଣିଜ୍ୟ ସେହିବର୍ଷ ହୋଇଥିଲା, ଯାହା ୨୦୨୨ ବେଳକୁ ବଢି ୭୫୦ ବିଲିଅନ ଡଲାରରେ ପହଞ୍ଚିଥିଲା । ୨୦୦୧ରେ ଚୀନ ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟତା ଗ୍ରହଣ କରିବା ପରେ ଆମେରିକା ସହ ବାଣିଜ୍ୟ ବହୁଗୁଣରେ ବଢିଥିଲା । ୨୦୨୨ର ହିସାବକୁ ଦେଖିଲେ ଜଣାପଡିବ ଯେ ଆମେରିକା ଚୀନଠାରୁ ସର୍ବାଧିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କ୍ରୟ କରୁଥିଲାବେଳେ କ୍ରମାନ୍ୱୟରେ ଖେଳଣା, ପୋଷାକପତ୍ର, ରାସାୟନିକ ଦ୍ରବ୍ୟ, ଧାତବ ପଦାର୍ଥ, ପ୍ଲାଷ୍ଟିକ ଓ ରବର, ଆସବାବପତ୍ର, ପରିବହନ, ଜୋତା, ଟୋପି ଓ ସ୍କାର୍ଫ, ଉପକରଣ ଆଦି କିଣିଥାଏ । ତେବେ ଇଲେକଟ୍ରିକ୍ ଯାନବାହନ, ସୋଲାର ପ୍ୟାନେଲ ଅନ୍ୟ ପ୍ରଦୂଷଣମୁକ୍ତ ଟେକ୍‌ନୋଲୋଜୀକୁ ଚୀନ ଆମେରିକାକୁ ରପ୍ତାନୀ କରି ବେଶ୍ ଲାଭବାନ ହେଉଛି । ଚୀନର ଅନେକଗୁଡିଏ ସରକାରୀ କମ୍ପାନୀ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରିବା ବେଳେ ଅନେକ ସବ୍‌ସିଡି ଲାଭ କରିଥାନ୍ତି । ଯାହା କୌଣସି ବେସରକାରୀ କମ୍ପାନୀ କରିପାରିବ ନାହିଁ କି ପ୍ରତିଦ୍ୱନ୍ଦ୍ୱିତାରେ ରହିପାରିବ ନାହିଁ । ୨୦୦୧ରୁ ୨୦୧୨ ପର୍ଯ୍ୟନ୍ତ ଚୀନରୁ ଆମଦାନୀ ଉପରେ ଆମେରିକା ସରକାରଙ୍କ କିଛିଟା କଟକଣା ରହିଥିଲା ଯାହା ପରବର୍ତ୍ତୀ ସମୟରେ ହଟିବା ହେତୁ ଚୀନ ପାଇଁ ଆମେରିକାର ବଜାର ମୁକ୍ତ ହୋଇଥିଲା । ପରେ ଟ୍ରମ୍ପ ତାଙ୍କର ପ୍ରଥମ କାର୍ଯ୍ୟକାଳରେ ରାଷ୍ଟ୍ରପତି ଭାବେ ଚୀନ ଆମେରିକାଠୁ ଅଧିକ ୨୯ ବିଲିଅନ ଡଲାରର ବସ୍ତୁ କ୍ରୟ ପାଇଁ ଚାପ ପ୍ରୟୋଗ କରିଥିଲେ ମଧ୍ୟ ଫଳାଫଳ କିଛି ଲାଭଜନକ ହୋଇନଥିଲା ।

ମେକ୍ସିକୋ ସହ ଆମେରିକାର ବାଣିଜ୍ୟିକ ସଂପର୍କ ବେଶ୍ ସୁଦୃଢ ରହିଛି । ମେକ୍ସିକୋର ସବୁଠ ବଡ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ହେଉଛି ଆମେରିକା । ଯାନବାହନ, ଯନ୍ତ୍ରପାତି, ଇଲେକଟ୍ରୋନିକ୍ସ, ପେଟ୍ରୋଲିୟମ, ମେଡିକାଲ ଉପକରଣ, ଉଦ୍ୟାନକୃଷି ସାମଗ୍ରୀ ଆଦି ମେକ୍ସିକୋରୁ ଆମେରିକାକୁ ରପ୍ତାନୀ ହୋଇଥାଏ । ଦୁଇରାଷ୍ଟ୍ର ମଧ୍ୟରେ ଉତ୍ତର ଆମେରିକା ମୁକ୍ତ ବାଣିଜ୍ୟ ବୁଝାମଣା (ନାଫ୍‌ତା) ରହିଛି । ୧୯୭୨ରୁ ବିଜ୍ଞାନ ଓ ଟେକ୍‌ନୋଲୋଜୀ ବୁଝାମଣା ମଧ୍ୟ ଦୁଇରାଷ୍ଟ୍ର କରିସାରିଛନ୍ତି । ୨୦୨୨ରେ ଦୁଇରାଷ୍ଟ୍ର ମଧ୍ୟରେ ୮୫୫.୧ ବିଲିଅନ ଡଲାର ମୂଲ୍ୟର ବାଣିଜ୍ୟ ହୋଇଥିଲା । ସେଥିରେ ମେକ୍ସିକୋ ୩୬୨.୦ ବିଲିଅନ ଡଲାର ମୂଲ୍ୟର ଆମଦାନୀ କରିଥିଲାବେଳେ ୪୯୩.୧ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ କରିଥିଲା । ମେକ୍ସିକୋ ସହ ଆମେରିକାର ବାଣିଜ୍ୟିକ କ୍ଷତି ୧୩୧.୧ ବିଲିଅନ ଡଲାର ରହିଥିଲା । ୨୦୨୪ରେ ମେକ୍ସିକୋ ୪୬୦ରୁ ଅଧିକ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ କରି ଆମେରିକାର ସବୁଠୁ ବଡ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ହୋଇଛି । ଶସ୍ତାରେ ଜମି, ଜଳ, ବିଦ୍ୟୁତ ଏବଂ ଶ୍ରମିକ ଯୋଗାଇ ଦେଇ ମେକ୍ସିକୋ ଆମେରିକାର କମ୍ପାନୀଗୁଡିକ ପାଇଁ ଉତ୍ପାଦନର କେନ୍ଦ୍ର ହୋଇଆସିଛି । ୧୯୯୪ରେ ନାଫତା ବୁଝାମଣା ସ୍ୱାକ୍ଷରିତ ହେଲାପରେ ଦୁଇରାଷ୍ଟ୍ର ମଧ୍ୟରେ ବାଣିଜ୍ୟ ବହୁତ ବଢିଥିଲା । ୨୦୨୩ରେ ମେକ୍ସିକୋ ଦ୍ରବ୍ୟ ଓ ବସ୍ତୁ ଯୋଗାଣ କରି ଆମେରିକାର ସର୍ବବୃହତ ବାଣିଜ୍ୟ ସହଯୋଗୀ ହୋଇଥିଲା । ଆମେରିକା ଦୈନିକ ମେକ୍ସିକୋରୁ ୮୦୦ ମିଲିଅନ ଡଲାର ମୂଲ୍ୟର ଆମଦାନୀ କରିଥାଏ । ମେକ୍ସିକୋ ସେହିପରି ଦୈନିକ ୭ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ ଆମେରିକାକୁ ବିକ୍ରି କରିଆସିଛି । ଟ୍ରମ୍ପ ଆରମ୍ଭ କରିଥିବା ଶୁଳ୍କ ସଂଘର୍ଷ ଅଭିଯାନ ପ୍ରାଥମିକ ସ୍ତରରେ ଆମେରିକାକୁ ଲାଭଜନକ ହୋଇପାରିନାହିଁ । କାରଣ କାନାଡା ଏବଂ ମେକ୍ସିକୋ ଆମେରିକାର ନିଷ୍ପତ୍ତିକୁ ବିରୋଧ କରିଛନ୍ତି ।

କାନାଡା ମଧ୍ୟ ଆମେରିକାରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ସମାନ ଢଙ୍ଗରେ ଶୁଳ୍କ ବୃଦ୍ଧି କରିବାକୁ ଘୋଷଣା କରିବା ପରେ କାନାଡା ବଜାରରୁ ଆମେରିକାର ବସ୍ତୁ ହଟିବା ଆରମ୍ଭ କରିଛି । ଦୋକାନୀମାନେ ନିଜଆଡୁ ଥାକରୁ ଆମେରିକା ବସ୍ତୁ ହଟାଇ ସ୍ଥାନୀୟ ବସ୍ତୁର ବିକ୍ରି ଉପରେ ଜୋର ଦେଇଛନ୍ତି । କାନାଡା ବଜାରରେ "ଆମେରିକା ଆଉଟ" ସ୍ଲୋଗାନ ଶୁଣିବାକୁ ମିଳିଛି । ଲୋକେ ମଧ୍ୟ ନିଜ ଆଡୁ ଆମେରିକାର ବସ୍ତୁ ବର୍ଜନ କରିବା ପାଇଁ ଆହ୍ୱାନ ଦେଉଛନ୍ତି । ସୋସିଆଲ ମିଡିଆରେ ସାଧାରଣ ଲୋକେ ଏହି ପ୍ରଚାରରେ ସାମିଲ ହୋଇ ଅଭିଯାନକୁ ଜୋର୍ ସୋର୍ କରିଛନ୍ତି । ଫଳରେ ଆମେରିକା ରାଷ୍ଟ୍ରପତି ପଛକୁ ହଟି ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ତିରିଶ ଦିନ ଅଧିକ ସମୟ ନେଇଛନ୍ତି । ସୀମାନ୍ତରେ ଦୁଇ ବିଲିଅନ ଡଲାର ଖର୍ଚ୍ଚ କରି କାନାଡା ସୁରକ୍ଷା ବୃଦ୍ଧି କରିବା ସହିତ ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକିବାକୁ ପ୍ରୟାସ କରିବାକୁ ପ୍ରତିଶ୍ରୁତି ଦେଇଥିବା ବିଷୟ ଟ୍ରମ୍ପ ପ୍ରକାଶ କରିଛନ୍ତି । ଟ୍ରମ୍ପଙ୍କ ଏହି ତର୍କ ତାଙ୍କ ମୁହଁ ଲୁଚେଇବା ପାଇଁ ଉଦ୍ଦିଷ୍ଟ ବୋଲି ଜଣାପଡିଗଲାଣି ।

ସେମିତି ମେକ୍ସିକୋ ଉପରେ ଟ୍ରମ୍ପଙ୍କ କଟକଣା ପରେ ମେକ୍ସିକୋ ମଧ୍ୟ ଆମେରିକାର ବସ୍ତୁ ଉପରେ ଶୁଳ୍କ ବୃଦ୍ଧି କଟକଣା ଲଗାଇବାକୁ କହିଛି । ତାହା ହେଲେ ଆମେରିକାର କମ୍ପାନୀମାନଙ୍କର ଅଧିକ କ୍ଷତି ହେବ । ଆମେରିକାକୁ ୯୦ ପ୍ରତିଶତ କାର ମେକ୍ସିକୋରୁ ନିର୍ମିତ ହୋଇ ରପ୍ତାନୀ ହୋଇଥାଏ । ମେକ୍ସିକୋରେ ଥିବା ସଂଖ୍ୟାଧିକ କମ୍ପାନୀଗୁଡିକର ମୂଳମାଲିକ ଆମେରିକାବାସୀ ହୋଇଥିବା ହେତୁ ଟ୍ରମ୍ପଙ୍କ ଶୁଳକ୍ ବୃଦ୍ଧି ଯୋଗୁ ସେମାନେ କ୍ଷତିଗ୍ରସ୍ତ ହେବେ । ମେକ୍ସିକୋର ଅଧିକ ଲୋକେ ଆମେରିକା ଭିତରୁ ବାହାରି ଆସିଲେ ଆମେରିକାରେ ଶ୍ରମିକ ସଙ୍କଟ ଦେଖାଦେବ । କାରଣ ଘରୋଇ କାର୍ଯ୍ୟଠାରୁ ଆରମ୍ଭ କରି ଛୋଟମୋଟ କାର୍ଯ୍ୟରେ ଶସ୍ତା ଶ୍ରମିକଙ୍କ ଆବଶ୍ୟକ ହେଉଥିବା ସ୍ଥଳେ ଆମେରିକା ଲୋକେ ଘରୋଇ କାର୍ଯ୍ୟରେ ନିଯୁକ୍ତ ମହିଳା ଏବଂ ଶ୍ରମିକଙ୍କ ଅଭାବ ଅନୁଭବ କରିବେ । ଆମେରିକା ଭିତରୁ ପ୍ରାୟ ୪ କୋଟି ଲୋକଙ୍କୁ ବାହାର କରି ସେମାନଙ୍କ ମୂଳ ଦେଶକୁ ପଠାଇବାକୁ ନିଷ୍ପତ୍ତି ନେଇ ଟ୍ରମ୍ପ କାମ ଆରମ୍ଭ କରିଛନ୍ତି । ଏହା ଫଳରେ ଆମେରିକାର ଅନେକ ରାଜ୍ୟରେ ଶ୍ରମିକଙ୍କ ଅଭାବ ଯୋଗୁ ଉତ୍ପାଦନ ମଧ୍ୟ ମାନ୍ଦା ହେବ ଏଥିରେ ସନ୍ଦେହ ନାହିଁ । ଟ୍ରମ୍ପଙ୍କ ସମାଲୋଚକମାନେ ଆମେରିକା ମଧ୍ୟରେ ଆଗାମୀ ଦିନମାନଙ୍କରେ ହେବାକୁ ଥିବା କ୍ଷତି ସମ୍ବନ୍ଧରେ ଅଧିକ ଆଲୋଚନା କରୁଛନ୍ତି । ଏକଥା ସତ ଯେ ପ୍ରତିଟି କ୍ରିୟାର ପ୍ରତିକ୍ରିୟା ମଧ୍ୟ ରହିଥାଏ । ଆମେରିକାର ଘୋଷଣାକୁ ସବୁ ରାଷ୍ଟ୍ର ଆଖିବୁଜି ମାନି ନେବେ ବୋଲି ମନେ ମନେ ଧରିନେବା ଠିକ୍ ହେବ ନାହିଁ । ଆମେରିକାର ଓପନ ଏଆଇର ଚାଟ୍ ଜିପିଟି ହେଉ କିମ୍ବା ଏଆଇ କ୍ଷେତ୍ର ସବୁଠି ଏବେ ଚୀନର ଡିପ୍‌ସିକ୍ ଆହ୍ୱାନ ସୃଷ୍ଟି କରିଛି । ଏହି ସଂସ୍ଥା ଆମେରିକାର ୧ ଟ୍ରିଲିଅନ ଡଲାର କ୍ଷତି କରିଥିବା କୁହାଯାଉଛି । ତେଣୁ ଅତୀତରେ କମ୍ପାନୀର ସିଇଓ ସାମ୍ ଅଲଟମ୍ୟାନ ଚାଟ୍ ଜିପିଟିକୁ ନେଇ ଯେପରି ଅହଂକାର ପ୍ରକାଶ କରିଥିଲେ ତାହା ଆଉ କରିପାରିବେ ନାହିଁ । ଆମେରିକା ଛଡା ଅନ୍ୟ କେହି ଅତ୍ୟାଧୁନିକ ଜ୍ଞାନ କୌଶଳର ଅଧିକାରୀ ହେବା ସମ୍ଭବପର ନୁହେଁ ବୋଲି ତାଙ୍କର ଯେପରି ଭୁଲଧାରଣା ଥିଲା ତାହା ଏବେ ବଦଳିବାରେ ଲାଗିଛି । ଆମେରିକାର ନିର୍ମାଣ ଓ ଉତ୍ପାଦନ ବିଗତ ଦିନରେ ବାହାର ଦେଶକୁ ଯିବାପରେ ଆମେରିକାବାସୀଙ୍କ ହାତରେ କମ୍ ଉତ୍ପାଦିତ ବସ୍ତୁ ବଜାର ରହିଛି । ଚୀନ ମଧ୍ୟ ଅନ୍ୟ ଦେଶମାନଙ୍କ ପରି ଆମେରିକାରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ଅଧିକ ଶୁଳ୍କ ଲଗାଇବାକୁ ଘୋଷଣା କରିଛି । ଯଦି ଟ୍ରମ୍ପଙ୍କ କଟକଣା ଜାରିରହେ ତେବେ ଆମେରିକା ବଜାରରେ ଅନେକ ସାମଗ୍ରୀର ଅଭାବ ପରିଲକ୍ଷିତ ହେବ । ସାଧାରଣ ଲୋକେ ଅଧିକ କଷ୍ଟ ପାଇଲେ ସେମାନେ ସରକାରଙ୍କ ବିରୋଧୀ ହେବେ ଏଥିରେ ସନ୍ଦେହ ନାହିଁ । ଯେଉଁ ଲୋକ ଗତ ଅଳ୍ପଦିନ ତଳେ ଟ୍ରମ୍ପଙ୍କୁ ସମର୍ଥନ କରି ବିଜୟୀ କରାଇଥିଲେ ଖୁବ୍ କମ୍ ଦିନରେ ସେମାନେ ଟ୍ରମ୍ପଙ୍କ ନୀତି ପାଇଁ ବିରୋଧୀ ହେବାର ସମ୍ଭାବନା ଅଧିକ ରହିଛି । ସୁବିଧାରେ ଥିବା ଆମେରିକାର ଲୋକେ ଅସୁବିଧାକୁ ସାମ୍ନା କରିବା କଷ୍ଟକର ହେବ ।

ପୂର୍ବରୁ ଟ୍ରମ୍ପ ମନେମନେ ଭାବିନେଇଥିଲେ ଯେ ତାଙ୍କୁ କେହି ସମାଲୋଚନା କରିବେ ନାହିଁ କିମ୍ବା ଶତ୍ରୁ ମନେ କରିବେ ନାହିଁ । ହେଲେ ଗତ ଅଳ୍ପଦିନରେ ବାରମ୍ବାର ଟ୍ରମ୍ପଙ୍କ କଠୋର ମନୋଭାବ ଏବଂ ଘୋଷଣା ପୃଥିବୀର ଅନେକ ରାଷ୍ଟ୍ରଙ୍କୁ ଆମେରିକା ବିରୋଧୀ କରି ଛିଡା କରାଇଛି । ଟ୍ରମ୍ପଙ୍କ ଟାର୍ଗେଟରେ ଥିବା ଦେଶଗୁଡିକ ଆଗାମୀ ଦିନରେ ଟ୍ରମ୍ପ ବିରୋଧୀ ହେବା ସ୍ୱାଭାବିକ । ଏହି ଆର୍ଥିକ ଯୁଦ୍ଧ ଆମେରିକା ପାଇଁ ବିରୁଡି ବସାରେ ହାତ ମାରିବା ପରି ହୋଇଛି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ହୀରାଖଣ୍ଡର ହୀରା ବୀରସୁରେନ୍ଦ୍ର ସାଏ



ଅକ୍ଷୟ କୁମାର ରାଉତ

*(ପୂର୍ବପ୍ରକାଶ ଉତ୍ତାରୁ)*

ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମେ ଲଖନପୁରର ଜମିଦାର ବଳଭଦ୍ର ସିଂହଦାଓ ଆନ୍ଦୋଳନ ଆରମ୍ଭ କରିଦେଲେ ଓ ଏହାର ନେତୃତ୍ୱ ନେବାପାଇଁ ସୁରେନ୍ଦ୍ରସାଏଙ୍କୁ ପ୍ରବର୍ତ୍ତାଇଥିଲେ । ସୁରେନ୍ଦ୍ରସାଏ ତତ୍କାଳୀନ ଛୋଟାନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ । ୧୮୩୯ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା ତାର ନାମ ମିତ୍ରଭାନୁ ସାଏ, ପରେ ଏକ କନ୍ୟା ଜନ୍ମହୋଇଥିଲା ଏବଂ ତାଙ୍କ ଭଉଣୀଙ୍କ ପରି ଅବିବାହିତ ଥିଲା । ସୁରେନ୍ଦ୍ରସାଏଙ୍କ ସହଧର୍ମିଣୀ ସୁବର୍ଣ୍ଣ କୁମାରୀ ଜଣେ ଧର୍ମ ପରାୟଣ, ଆଦର୍ଶ, ଦୟାଳୁ ଓ ସ୍ନେହମୟୀ କ୍ଷତ୍ରିୟ ଗୃହିଣୀ ଥିଲେ । ସେ ସୁରେନ୍ଦ୍ରଙ୍କୁ ସାହାସୀ, ଧୈର୍ଯ୍ୟବାନ, ନିର୍ଭୀକ, ସଂଗ୍ରାମୀ ଓ ସ୍ୱାଧିନଚେତା ହେବା ପାଇଁ ପ୍ରେରଣା ଦେଉଥିଲେ । ଇଂରେଜମାନେ ରାଣୀ ମୋହନ କୁମାରୀଙ୍କୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇଥିଲେ । ଏହାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜିଉଠିଲା । ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲା । ବାରପାହାଡର ଡେବୀରଗଡ ଦୁର୍ଗ, ବାରବଖରା, ମଉଲା-ଭଣଞ୍ଜା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ । ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ । ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନଥିଲେ । ବଳଭଦ୍ର ସିଂହଦାଓ ନିହତହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ । ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟୀ ଆକ୍ରମଣ କରି ଜମିଦାର ଓ ତାଙ୍କ ପୁତ୍ରଙ୍କୁ ହତ୍ୟା କରି ରାଜବାଟି ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ । ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା ।

*(କ୍ରମଶଃ)*

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଗରିବ ଓ ମଧ୍ୟବିତ୍ତଙ୍କ ଆଖିରେ ଲୁହ



ଆଶୁତୋଷ ନାୟକ

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି । ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ । ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ । ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ । ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର । ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ । ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚି ଠୁ ଆରମ୍ଭ କରି ଫ୍ରିଜ ପର୍ଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତ । ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନ ରେ ଆମ ସରକାର ୧୨%ଜିଏସଟି ଆଦାୟ କରୁଛନ୍ତି । ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା 'ବୋଝ ଉପରେ ଲଳିତା ବିଡା ସଦୃଶ' । ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡ଼ିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ । ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ ।

ଆଇଏଲଓର ରିପୋର୍ଟ ଅନୁସାରେ ୨୦୦୦ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରୀଙ୍କ ସଂଖ୍ୟାରେ ଦୁଇଗୁଣା ବୃଦ୍ଧି ଘଟିଛି । ୨୦୦୦ ମସିହାରେ ଆମ ଦେଶରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ୩୫.୨%ଥିଲା କିନ୍ତୁ ୨୦୨୨ରେ ଏହା ୬୫.୭% ବୃଦ୍ଧି ଘଟିଛି । ସରକାର ବେକାରୀ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଆମ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡିଥିବା ପରି ପ୍ରତୀୟମାନ ହେଉଛି ।

ବଡ଼ ବଡ଼ ଅଟ୍ଟାଳିକ, ରାସ୍ତା ନିର୍ମାଣ ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷ ଲକ୍ଷ ଗଛଲତା ବଳି ପଡୁଛନ୍ତି । ସେଥିପାଇଁ ତାପମାତ୍ରା ଅହେତୁକ ବୃଦ୍ଧି ଘଟୁଛି । ଅନେକ ସ୍ଥାନରେ ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୮ଡିଗ୍ରୀ, ୪୯ଡିଗ୍ରୀ କେତେକ ସ୍ଥାନରେ ଏହା ୫୦ ଡିଗ୍ରୀରୁ ଅଧିକ ପ୍ରଚଣ୍ଡ ରୌଦ୍ର ତାପ ହେଉଛି । ପାଣିପାଗ ବିଶେସଜ୍ଞଙ୍କ ମତରେ ଆଗକୁ ପରିସ୍ଥିତି ଭୟଙ୍କର ହେବାକୁ ଯାଉଛି । ବିଶ୍ୱରେ ଅସ୍ୱାଭାବିକ ଭାବେ ବଦଳୁଛି ପାଣିପାଗ । ଜଳବାୟୁ ପରିବର୍ତ୍ତନ ପାଇଁ ବନ୍ୟପ୍ରାଣୀ, ଗଛଲତା, ମନୁଷ୍ୟ, ଜୀବଜନ୍ତୁ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଏହି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସେମାନେ ପ୍ରାଣତ୍ୟାଗ କରୁଛନ୍ତି । ବିଶ୍ୱର ଲଣ୍ଡନ, ପ୍ୟାରିସ ନ୍ୟୁୟର୍କ, ଟୋକିଓ ପରି ବଡ଼ବଡ଼ ସହର ଏବଂ ଆମ ଦେଶର ମେଟ୍ରୋସିଟି ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ଚେନ୍ନାଇରେ କ୍ରମାଗତ ଜନସଂଖ୍ୟା ଓ ଗାଡ଼ିମଟର, କଳକାରଖାନା ବୃଦ୍ଧି ପାଇଁ ବାୟୁମଣ୍ଡଳ ବିଷାକ୍ତ ହେବାରେ ଲାଗିଛି । ସ୍ପ୍ରେ, ଅତର ବହୁଳ ବ୍ୟବହାର ପାଇଁ ଆମ ଓଜୋନ ସ୍ତରରେ ରନ୍ଧ୍ର ହେବାରେ ଲାଗିଛି । ଏଥିପାଇଁ ଚର୍ମକର୍କଟ ପରି ଭୟଙ୍କର ସମସ୍ୟାରେ ଜର୍ଜରିତ ବିଶ୍ୱବାସୀ । ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏପରି ପରିସ୍ଥିତି ଲାଗିରହିଲେ ଆଗାମୀ କିଛି ବର୍ଷ ମଧ୍ୟରେ ବିଶ୍ୱର ୫୦%ରୁ ଅଧିକ ବ୍ୟକ୍ତି ବିଭିନ୍ନ ଶ୍ୱାସଜନିତ ରୋଗ ଯେପରି ଆଜମା, ଫୁସଫୁସ୍, ହାର୍ଟଷ୍ଟ୍ରୋକ, କ୍ୟାନସର ପରି ଭୟଙ୍କର ରୋଗରେ ଆକ୍ରାନ୍ତ ହେବେ ।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ୪କୋଟି ଶିଶୁ କ୍ଷୁଧା କବଳରେ ପଡ଼ିବେ ବୋଲି ଆକଳନ କରିଛି ବିଲ ଆଣ୍ଡ ମେଲିଣ୍ଡା ଗଟେସ ଫାଉଣ୍ଡସନ । ଏହି ରିପୋର୍ଟରେ କୁହାଯାଇଛି ଚାରିକୋଟି ଶିଶୁ ଖାଦ୍ୟ ପାଇଁ ସଙ୍ଘର୍ଷ କରିବେ । ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆନଗଲେ ଅପପୃଷ୍ଟି ସମସ୍ୟା ଆହୁରି ସାଙ୍ଘାତିକ ହେବ ।

କରୋନା ମହାମାରୀ ସମୟରେ ନିଜକୁ ସବୁଠାରୁ ବଳଶାଳୀ ମନେକରୁଥିବା ସମଗ୍ର ମାନବଜାତି ନିଜର ଅସ୍ତିତ୍ୱ ପାଇଁ ଗୃହବନ୍ଦୀ ହୋଇରହିଥିଲା । ସମଗ୍ର ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷିଆ, ଜାପାନ, ଚୀନ, ଫ୍ରାନ୍ସ, ଜର୍ମାନୀ ଇତ୍ୟାଦି କରୋନା ଭୂତାଣୁ ଆଗରେ ନତମସ୍ତକ ହୋଇପଡିଥିଲା । ସେମାନଙ୍କ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା, ଉନ୍ନତ ଜ୍ଞାନକୌଶଳ ସବୁକିଛି ବ୍ୟର୍ଥ ହୋଇଯାଇଥିଲା । ବିକଶିତ ରାଷ୍ଟ୍ର ମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡିଥିଲା । ଲକ୍ଷ ଲକ୍ଷ ଲୋକ ପୋକମାଛି ପରି ମୃତ୍ୟୁବରଣ କରୁଥିଲେ । ଅନେକ ବ୍ୟକ୍ତିଙ୍କ ଖାଦ୍ୟ ଅଭାବରୁ ସେ ସମୟରେ ଜୀବନ ପ୍ରଦୀପ ଲିଭିଯାଇଥିଲା । ପ୍ରାଣଘାତୀ ମାରାତ୍ମକ କରୋନା ଭୂତାଣୁ ପାଖରେ ସମଗ୍ର ବିଶ୍ୱ ଯେପରି ଅସହାୟ ଓ ନିରୁପାୟ ହୋଇପଡିଥିଲା ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସମ୍ପୂର୍ଣ୍ଣ ଅଛି । ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି ।

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ । ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଦାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ୍ୟ ହେଉଛନ୍ତି । ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା ।

ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନିୟମ, ନୈତିକତାର ଅଭାବ ପରିଲକ୍ଷିତ ହେଉଛି । ଧୀରେ ଧୀରେ ଆମ ଦେଶର ରାଜନୀତି କଳୁଷିତ ହେବାକୁ ଲାଗିଛି ଏହା ଅପ୍ରିୟ ସତ୍ୟ ।

*(କ୍ରମଶଃ)*

## ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

ପୁଷ୍ପାରାଣୀ ପଟେଲ



ଭାଗ-୫୩

**ପୂର୍ବାଭାଷ ସହ କିଛି ପାଦ ଆଗକୁ -**

*ଜୀବନରେ କେତେ ସମ୍ପର୍କ ଆସନ୍ତି, କେତେ ପୁଣି ଅବେଳରେ ହଜି ବି ଯାଆନ୍ତି ଓ ଆଉ କିଛି ସମ୍ପର୍କ ଆମେ ଜାଣିଶୁଣି ହଜାଇ ଦେବାକୁ ବାଧ ହେଉ। କିଛି ଆସନ୍ତି କେବଳ ସ୍ୱାର୍ଥ ସିଦ୍ଧି ପାଇଁ। କିଛି ପୁଣି ଆସନ୍ତି ନିଃସର୍ତ୍ତରେ ଭଲ ପାଇବା ଅଜାଡି ଦେଇ ଲୁଚି ଯିବା ପାଇଁ। ସମ୍ପର୍କର ଏଇ ଚକ୍ରବ୍ୟୁହରୁ, ବାହାରିଲି ... ବାହାରିଲି .... ଭାବି ବିତୁଥାଏ ମଣିଷର ଜୀବନ ...। ସରୁଥାଏ ଆୟୁଷ। ଫିଟୁଥାଏ ନିଜର କୋଣ ଅନୁକୋଣରେ ଲୁଚିଥିବା ସୂକ୍ଷ୍ମ ଭାବନା ସବୁ ନିଜରି ପାଖରୁ। ସରେନି, କେବେ ଦୁଃଖରେ ଭାଙ୍ଗି ପଡିବା ତ ପୁଣି କେବେ ପ୍ରାପ୍ତିର ପୁଲକରେ ବିଭୋର ହେବା।*

*କେବେକେବେ ଆମ ଭାବନାରେ ବ୍ରେକ୍ କଷି ଆମକୁ ଚମ୍‌କାଇ ଦେଇ ପଶିଆସେ ମହାମାରୀ। ମହାମାରୀ ଆସେ ନାହିଁ ତ ଝାଡି ଦେଇ ଯାଏ ଆମ ମନ ଭିତରେ ଜମି ରହିଥିବା ପରସ୍ତ ପରସ୍ତ ଅଳନ୍ଧୁ। ମୁଖା ଖୋଲିଯାଏ ନିଜରି ମୁହଁରୁ, ଦର୍ପଣ ସାମ୍ନାରେ ଠିଆ ହେଉ ହେଉ, ବିଭତ୍ସ ଦିଶେ ନିଜରି ମୁହଁ। ବିକାର ଭାବ ଗ୍ରାସେ। ମନ କୁହେଁ, 'ଓଃ ... ଏଇ ନା ମୁଁ! ଏତେ ସ୍ୱାର୍ଥପର! ଦୁନିଆଁକୁ ଆଜି ଯାଏଁ ଦେଖାଉଥିଲି ମୁଁ ବଞ୍ଚେ ଅନ୍ୟମାନଙ୍କ ପାଇଁ, ତେବେ ସତରେ ମୁଁ କ'ଣ ବଞ୍ଚେ ଅନ୍ୟମାନଙ୍କ ପାଇଁ? ନା ତ! ବରଂ ମୁଁ ବଞ୍ଚେ ମୋ' ପାଇଁ, କେବଳ ମୋ' ପାଇଁ। ହଁ, ଆତ୍ମୀୟ ସ୍ୱଜନ ମୋ'ର ସ୍ୱାର୍ଥ ପୂରଣ ଅଭିଳାଷାରେ ସହାୟକ ହେଉଥିବା ଯାଏଁ ଆପଣାର ପରି ମନେ ହୁଅନ୍ତି ମୋତେ, ତେବେ ଦୁଃଖ ଓ ବିପତ୍ତି ଆସିଲେ ପ୍ରଥମେ ମୁଁ ମୋ' ନିଜକୁ ରଖେ। ନିଜ କଥା ଭାବେ'*

*ଏକଥା ବି ସତ, ନିଜକୁ ଭଲ ନପାଇଲେ ନିଜେ, କେଉଁ ଭଲ ପାଇ ହୁଏ ଅନ୍ୟକୁ? ଏସବୁ ଖୁବ୍ ସୂକ୍ଷ୍ମ ଅନ୍ତର୍ଚେତନାର କଥା। ବୁଝିବା ପାଇଁ ବେଶ୍ ନିରୋଳା ସମୟ ଲୋଡା। ଏ ବ୍ୟସ୍ତବହୁଳ ପ୍ରତିଦ୍ୱନ୍ଦ୍ୱିତା ଭରା ଜୀବନ ଦୌଡରେ କେଉଁ ମିଳିପାରେ ସେଭଳି ସମୟ! ତେଣୁ ହୁଏତ ଈଶ୍ୱର ରଚନ୍ତି ମହାମାରୀ। କେବେ ଦିନେ ହଇଜା, ପୁଣି କେବେ ଦିନେ କରୋନା : କୋଭିଡ୍ ନାଇନ୍‌ଟିନ୍।*

*ସତରେ ଏ ମହାମାରୀ କ'ଣ ଲେଖକଟିକୁ ନିଜ ଭିତରର ନିଜଟି ସହିତ କରେ କି ଆମ୍ନା ସାମ୍ନା? କିଛି ବ୍ୟତିକ୍ରମ ମଧ୍ୟ ଥାଏ କି ଲେଖକଟିର ଓ ସାଧାରଣ ମଣିଷଟିର ମହାମାରୀକୁ ଭୋଗିବାର ବାଟ? କ'ଣ କ'ଣ ସତରେ ଛାଡିଯାଏ ମହାମାରୀ ତା'ର ଆସିବା ଓ ଫେରିଯିବା ଭିତରେ!!*

*(ପୂର୍ବପ୍ରକାଶ ଉତ୍ତାରୁ)*

: ହେଃ ... କିଏ କହିଲା ତୁମକୁ ଏକଥା! ଆଜି ସ୍ୱାମୀ-ସ୍ତ୍ରୀ ହେଇଥିଲେ ସଂସାର ଜଞ୍ଜାଳରେ ଖୋଜି ବୁଲିଥାନ୍ତେ ପରସ୍ପରର ଦୁର୍ଗୁଣ ସବୁକୁ। ତା' ଠାରୁ ଏଇ ଆମର ସମ୍ପର୍କ ହଜାର ଗୁଣ ଅଧିକ ଭଲ। ଯେଉଁଠି ନା ଅଛି କିଛି ପାଇବାର ଆଶା ଓ ନା ହିଁ ଅଛି ହରାଇବାର ଡର। ବାସ୍ ... କେବଳ ତୁମେ ମୋ'ର ଏବଂ ମୁଁ ତୁମର। ଦୁହେଁ ଦୁହିଁଙ୍କର...।

ମୁଁ ଚାହିଁଥିଲି ତାଙ୍କ ମୁହଁକୁ ଅପଲକ ଆଖିରେ। ହସିଦେଇ କହିଲି - ଏତେ କଥା ଜଣା! ଅଥଚ ମଉନ ମୁହାଁ ଯୋଗୀ ମୋ'ର, କାହିଁକି କହନା ଯେ କିଛି?

: (ହସୁଥିଲ ତୁମେ, ତୁମର ସେଇ ମୁରୁକି ହସ) କହିଲ, ଏଇ ପରା ଏବେ କହିଲ ନିଜେ, 'ଯୋଗୀ' ବୋଲି। ଆଉ ପୁଣି ପଚାରୁଛ କ'ଣ ଯେ?

ହଁ...! ଏ ସନ୍ୟାସୀ ଯୋଗୀ ଅପେକ୍ଷା ସଂସାରୀ ଯୋଗୀ ହେବା ବେଶୀ କାଠିକର ପାଠ! ସଂସାର ଧର୍ମ ପାଳନ କରିବାକୁ ଯାଇ ଭୁଲି ଯିବାକୁ ପଡେ ନିଜ ଇଚ୍ଛା-ଅନିଚ୍ଛା ସବୁକୁ।

ତୁମେ ଯେ ଗାଳ୍ପିକା ଆମର! ତୁମକୁ ଆଉ ଅଧିକ କଣ ବୁଝାଇବି ଯେ!

: ଗାଳ୍ପିକା ନା' ଚୋପା?

ତୁମରି ଚିନ୍ତାରେ ତ ବୁଲୁଛି ପାଗଳୀଙ୍କ ପରି ...। ଆଉ ଗପ ଲେଖୁଛି ଯେ ହେବି ଗାଳ୍ପିକା!

: ହେଃ ...। ଚିନ୍ତା ଗୋଟାଏ କ'ଣ ଯେ? ତୁମ ପ୍ରେମ ପରା ଅଛି ମୋ' ସାଥିରେ ମୋର ସାହସ ହେଇ। ସାମର୍ଥ୍ୟ ହେଇ।

ପ୍ରେମ ଆଉ କ'ଣ କି? ସେ ପରା ଏକ ଶୀତଳ ଛାଇ ଯାହା ସାହାସ ଦିଏ। ଠିଆ ହୁଏ ପାଖରେ ସାମର୍ଥ୍ୟ ହେଇ। ଖୋଲିଦିଏ ନିଜକୁ ନିଜ ପାଖରେ। ଆଡୁଆଳ କରି ରଖେ ସବୁ ଆପଦ ବିପଦରେ।

ପ୍ରେମ କଣ କେବଳ ଦୁଇଟି ଶରୀରର ମିଳନ ... ଗୋଟିଏ ସାମାଜିକ ପରିଚିତି? ନା ... ସେମିତି ନୁହେଁ, ସନ୍ଧ୍ୟା! ଭୁଲ୍ ବୁଝିଛ ତୁମେ! ଏବେଠାରୁ ଢ଼େର୍ ଊର୍ଦ୍ଧ୍ୱରେ ପ୍ରେମ! ହଜାର ହଜାର କିଲୋମିଟର ଦୂରରୁ ବି ସେମାନଙ୍କର ଉପସ୍ଥିତିର ଅନୁଭବ ହିଁ ପରସ୍ପରକୁ ଜିଆଇଁ ରଖିପାରେ ସେମିତି ସତେଜ କରି, ଏ ଜୀବନ ସଂଗ୍ରାମରେ।

: ହଁ! ମୁଁ ବି ବିଶ୍ୱାସ କରେ ଏ କଥାରେ।

ତେବେ ଜାଣିଛ ନା ... ଏ ଦୁନିଆଁ ଲୋକ ହସନ୍ତି ଏଭଳି କଥାରେ। ସେମାନେ କହନ୍ତି - ବିବାହ ପରେ ପ୍ରେମ, ତା' ପୁଣି ସ୍ୱାମୀ ଭିନ୍ନ ଅନ୍ୟ ପୁରୁଷକୁ କେବଳ ପାପ ନୁହେଁ ବରଂ କ୍ଷମା ବିହୀନ ପାପ।

: ବଦଳାଇ ଦିଅ ସେମାନଙ୍କର ଏ ଚିନ୍ତାଧାରା। ତୁମେ ପାରିବ। ତୁମ ପାଖରେ ଶବ୍ଦ ଅଛି, ସାମର୍ଥ୍ୟ ଅଛି। ଅଛି ବି ମୋ'ର ପ୍ରେମ। କ'ଣ ପାରିବନି? ପାରିବ ନିଶ୍ଚେ!

ଦିଅ, ଆମ ପ୍ରେମ କାହାଣୀକୁ ଜୀବନ୍ୟାସ ଦେଇ ଅମର କରିଯାଅ ଚିରଦିନ ପାଇଁ। ଖୋଲିଦିଅ ନିଜକୁ। ଇଡ଼ିଯାଉ ଚାପି ହେଇ ରହିଥିବା ତୁମ ହୃଦୟର ଯେତେ ସବୁ ବ୍ୟଥା।



ବୁଝିବେ ଯେ ସମସ୍ତେ। ଆଜିଯାଏଁ ବୁଝି ନାହାଁନ୍ତି ସେମାନେ, କାହିଁକି ନା କେହି ବୁଝେଇନି ତାଙ୍କୁ ବୁଝି ପାରିବା ଭଳି। ତୁମେ ବୁଝାଅ, ତୁମ ଶବ୍ଦରେ ଅନୁଭବର ଅନ୍ତରଙ୍ଗ ସ୍ପର୍ଶ ଦେଇ। ତାପରେ ଦେଖିବ, ଏ ଦୁନିଆ ଲୋକ ବି କହିବେ, ଏ ସୃଷ୍ଟିରେ ଅନେକ ଚମତ୍କାରିତା ପରି ଥାଏ ବି ଏକ ଆତ୍ମିକ ଆକର୍ଷଣ, ଯାହାକୁ ଅତିକ୍ରମ କରିଯିବା ଅସମ୍ଭବ। ତାହା ହିଁ ପ୍ରକୃତ ପ୍ରେମ। ସେଇ ପ୍ରେମାସିକ୍ତ ଅନୁଭବ ଯୁଗେ ଯୁଗେ ବନ୍ଦନୀୟ। ପୂଜନୀୟ। ସେଇ ପ୍ରେମ ମିଳିଥାଏ କେବଳ ପୁଣ୍ୟ ବଳରେ। ଭାଗ୍ୟ ବଳରେ। ତା'କୁ କଣ ଅବୟସ କହି ଆଡ଼େଇ ଯାଇହୁଏ! ନା! ହୁଏନା! ତେବେ ସେ ଅନୁଭୂତି ଅବଶ୍ୟ ମିଳେନି ବି ସମସ୍ତଙ୍କୁ...!

ମୁଁ ହାଁ ... କରି ଚାହିଁଥିଲି ତାଙ୍କ ମୁହଁକୁ।

ଶେଷରେ ହସିଦେଲି ଫିକ୍ କରି। କହିଲି - ଓଃ ... ଯୋଗୀଙ୍କ ମୁହଁରେ ... ମୌନ ମୁହଁରେ ପୁଣି ଏତେ ସବୁ କଥା। ଏବେ ତ ମତେ ଲେଖିବାକୁ ହିଁ ପଡିବ। ଲେଖିବି ନିଶ୍ଚେ, 'ଅମ୍ଳାନ-ସ୍ନିଗ୍ଧା'ର ଅମର ପ୍ରେମ କାହାଣୀର ଗାଥା।

"ଉପନ୍ୟାସ - ମୌନଯୋଗୀ"

।।୮।।

ଘର କାନ୍ଥରେ ଝୁଲୁଥିବା କ୍ୟାଲେଣ୍ଡରରେ ଓଲଟୁଛି ପୃଷ୍ଠା ପରେ ପୃଷ୍ଠା। ବିତୁଛି ମାସ ପରେ ମାସ। ଏବେ ଫେସବୁକ୍ - ହ୍ୱାଟ୍ସଆପ୍ ଖୋଲିଲେ ଦିଶିଯାଏ ଚିର ପରିଚିତ ନିଜ ଲୋକଙ୍କର ମୃତାହତ ଖବର। କିଛିଦିନ ତଳେ ଭେଟିଥିବା, କଥା ହେଇଥିବା ମଣିଷଟିର ବେକରେ ଯେତେବେଳେ ଝୁଲୁଥାଏ ଫୁଲମାଳ - ତଳେ କମେଣ୍ଟ ବକ୍ସରେ ଲେଖା ହେଇଥାଏ ଶହ ଶହ ଶ୍ରଦ୍ଧାଞ୍ଜଳିର ବାର୍ତ୍ତା, ସେତେବେଳେ ଥରିଉଠେ ମୋ'ର ଛାତି।

'କାଲି ସକାଳେ ମୁରବି ଶୂନ୍ୟ ହେଇଯିବ କି ମୋ'ର ଦେଶ?'

'ବୟସ୍କ ଲୋକଙ୍କୁ କରୋନା କୁ ଡର" - କହୁଥାଏ ଟି.ଭି.। ଆରେ! ମାଆଙ୍କର, ବାପାଙ୍କର ବୟସ ହେଲାଣି! କେବେ ଆସିବ ଏ ପ୍ରତିଷେଧକ ଟୀକା।

ମୋବାଇଲ ଖୋଲୁ ଖୋଲୁ ଦିଶିଯାଏ - ଏଇ ସହରରେ ଏତେ କରୋନା ରୋଗୀ ଚିହ୍ନଟ। ଏତେ - ସଂଖ୍ୟା ଟା ଯେ ଏକକ, ଦଶକ, ଶତକରୁ ବଢ଼ି ଚାଲିଛି ହଜାର ଆଡ଼କୁ।

ମୁଁ ଭୟରେ ଜଡ଼ଜଡ଼ ହେଇଯାଏ - 'କେମିତି ଅଛ ଅମ୍ଳାନ?' ହେ, ଠାକୁର! ଘଣ୍ଟ ଘୋଡ଼ାଇ ରଖିଥାଅ ତାଙ୍କୁ। ତାଙ୍କ ଦୁଃଖ ତକ ମୋ'ର ହେଉ। ସବୁ ସୁଖ ତକ ତାଙ୍କର ହେଉ।

କରୋନା ଯୋଦ୍ଧା କହି ଦିନରାତି ଏକାକାର କରି ଲୋକଙ୍କ ସେବାରେ ମାତିଛନ୍ତି ଡାକ୍ତର ମାନେ। ଏଇ କାଲି ହିଁ ତ ଶୁଣିଲି - ନୂଆ ନୂଆ ଚାକିରି କରିଥିବା ସେଇ ଅଳ୍ପ ବୟସ୍କା ଝିଅଟି ମରିଗଲା କରୋନାରେ!

'ଆହା ...! କେତେ କଷ୍ଟ! କେମିତି ଥିବେ ଜୀବନ ନେଇ ତା' ବାପା, ମାଆ!' ହେ ପ୍ରଭୁ! ମୋ'ର ଯାହା ହେଉଛି ହେଉ, ମୋ' ଛୁଆକୁ ଆଡୁଆଳ କରି ରଖିଥାଅ ପ୍ରଭୁ!

*(କ୍ରମଶଃ)*



## ତିନୋଟି କବିତା

### ଧାନ କଟା

ପୂର୍ଣ୍ଣଚନ୍ଦ୍ର ମହାରଣା




ସରିବ ସରିବ ହଉଚି
ପୁଷମାସ
ହେଲେ ସରିନି,
ଆମର କାଲି ଠୁ
ଆରମ୍ଭ ହେଇଚି ଧାନ କଟା
ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାରେ
ବାପା ଆସନ୍ତି ବିଲକୁ
ଦାଆ ଧରି!
ମୂଳକାଟି କଟଡ଼ା ପକାନ୍ତି
ଚବିଶି ଗୁଣ୍ଠ ବିଲକୁ
ଜଣେ ମଣିଷ
ଅଗ ଖୁଣ୍ଟି ଧାନ ହଳା
ବାହିଆ ମାରି ଦିଅନ୍ତି ବାପା
ହିଡ଼ ପାଖେ
ସବୁ ବିଲ କଟା ସରିଲେ
ଖଳାକୁ ଧାନ ବୁହାହବ!
ଟିକେ ଖରା ପଡ଼ିଲେ ମୁଁ
ବିଲକୁ ଆସେ
ହଳା ବାନ୍ଧିଲାବେଳେ
ଯୋଉ ଧାନଶିଷା ସବୁ
ବିଲରେ ପଡ଼ିଥାଏ
ମୁଁ ତାକୁ ଗୋଟେ
ବାଉଁଶିଆରେ
ଗୋଟେଇ ରଖେ!
ବିଲ ମୁଣ୍ଡେ ପସରା ଧରି
ବସିଥାଏ ପାଖ ଗାଁ ଗୁଡିଆ
ରଖିଥାଏ ମୁଢ଼ି,ଉଖୁଡା
ଚୁଡ଼ାପୁଆ,ଛାଚିଖଇ,ମିଠେଇ
ରାଶିଲଡ୍ଡୁ, ନଡ଼ିଆ କୋରା
ଆଉ କେତେ କଣ!
ଯେତେବେଳେ ବାଉଁଶିଆଏ
ଗୋଟିଆ ଧାନ ହେଇଯାଏ
ମୁଁ ଗୁଡ଼ିଆ କୁ ଦେଇ ତା ?ଠୁ
ମୁଢ଼ି, ଉଖୁଡା, ଚୁଡାପୁଆ
ଆଣି ଚୋବାଏ!
ଖାଇବା ଲୋଭରେ
ସବୁ ଦିନ ମୁଁ
ଧାନ ଗୋଟେଇ ବାକୁ
ଆସେ ବିଲ କୁ,
ଆମ ପଡ଼ିଶା ଝୁଅ ସଞ୍ଜୁ ବି
ନିତି ଆସେ ମୋ ସହ
ଆମ ବିଲ ?ପାଖରେ
ତାଙ୍କ ବିଲ
ଆମେ ଦିନେ ଦିନେ ମିଶିକି
ଧାନ ଗୋଟାଉ
ବଦଳ ଧାନ ଦେଇ
ମୁଢ଼ି, ଉଖୁଡା କିଣି
ଦି'ଜଣ ସାଥି ହେଇ ଖାଉ!
ଆଜି କାଇଁ ସଞ୍ଜୁ ଆସିନି କେଜାଣି
ସକାଳେ କହୁଥିଲା ତ
ତା ମାମୁଁ ଘରକୁ ଯିବ!
ପଳେଇ ଲାକି ଆଉ,
ଧାନ କଟା ସରିଯାଇଥିଲେ
କଣ ଯାଇ ପାରି ନଥାନ୍ତା,
ମତେ କିଛି ଭଲ ଲାଗୁନି
ଯାଉଛି ଘରକୁ ପଳେଇବି!
ସଞ୍ଜୁ ତା ମାମୁଁ ଘରେ
କଣ କରୁଥିବ କେଜାଣି
ସେଠି କଣ ସେ ଯାଇଥିବ
ଧାନ ବିଲକୁ
ବଦଳ ଧାନ ଦେଇ
ସେ ସେଠି କଣ
କିଣି ଖାଉଥିବ
ମୁଢ଼ି, ଉଖୁଡା!
ମାମୁଁ ଘର ନା ଫାମୁ ଘର ବା
ସିଏ ଯାହା କରୁଛି କରୁ
ମୋର କଣ ଅଛି
ସିଏ ବଞ୍ଚୁ କି ମରୁ।

*ବାଳକାଟୀ, ଖୋର୍ଦ୍ଧା:-୭୫୨୧୦୦*

### ବଦଳି

ଡ. ଦୀପକ କୁମାର ମିଶ୍ର



ଆୟୁଷ ସରିଯାଇଥିବା ଶରୀରରୁ
ଛାଡିଗଲେ ଆତ୍ମା
ଆଶ୍ରୟ ନିଏ ଅନ୍ୟ କେଉଁ ଘଟରେ
ଯାହାକୁ ବୋଧେ
ଘଟାନ୍ତର କୁହାଯାଏ।

ମନ ଛାଡିଗଲେ, ମରିଗଲେ
ମନାନ୍ତର ହୁଏ
ଅବଶ୍ୟ ଅନ୍ୟ କେଉଁ ମନରେ
ମନ ଲାଗିପାରେ ନପାରେ
ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ଉପରେ ନିର୍ଭର କରେ।

ଚାକିରିରେ ସ୍ଥାନାନ୍ତର ଏକ ସ୍ୱାଭାବିକ ପ୍ରକ୍ରିୟା
ତଥାପି ସମ୍ପର୍କକୁ ସ୍ମାରକ କରି
ମଣିଷକୁ ମଣିଷର ବିଚ୍ଛେଦ
କାହିଁକି ଯେ ଭାରି
ଅସ୍ୱାଭାବିକ ଲାଗେ।

*ଭୁବନେଶ୍ୱର, ଦୂରଭାଷ : ୮୨୮୦୨୧୧୦୦୦*

### କବିତାର ଜନ୍ମ

ଡ. ଭାରତୀ ହୋତା



ସେଇ ମାହେନ୍ଦ୍ର ବେଳାରେ
ହଠାତ୍ ଯେ କିଛି ଗୋଟେ ଚମତ୍କାର ହୁଏ
ଜାଣି ହୁଏନି
କୁଆଡୁ ଫୁଲର ବାସନା ସାଉଁଟି ପବନ ସାଇଁ ସାଇଁ
ମାରେ
ପୃଥିବୀପୃଷ୍ଠର ସମସ୍ତ ଝରଣା ଝରି ଝରି
କବିତା ପାଲଟି
ସୁନ୍ଦର ରାଗିଣୀ ତୋଳେ।
ନିରସ ଗଦ୍ୟମୟ ଜୀବନ ଭିତରେ
ଝୋଟିପକା ଦୂର ଦିଗ୍ ବଳୟରୁ
ଅକୁହା ଆବେଗଟିଏ
ଗୁମୁରି ଗୁମୁରି କାନ୍ଦିବା ଶବ୍ଦ ଶୁଭେ
ଶାନ୍ତ ଶୀତଳ ନିଃଶବ୍ଦ ଓଠ ଫାଙ୍କରେ
କି ଅଦ୍ଭୁତ ଅନ୍ତରଙ୍ଗ ଅନୁଭବର ଆଳାପ
ଆସି ଅଭିଷିକ୍ତ ହୁଏ
ହୃଦୟ ଗହ୍ୱରର ଅଦୃଶ୍ୟ ବେଦୀରେ।
ପୁଣି ଅନ୍ୟ ଏକ ମୁହୂର୍ତ୍ତରେ
ଡେଣାଲଗା ଶବ୍ଦସବୁ
ନିସଙ୍ଗତାରେ ଭିଜି ଭିଜି
ଆଲୋଡ଼ିତ କରନ୍ତି
ଅନ୍ୟମନସ୍କତାରେ ଆକ୍ତା ମାକ୍ତା ମସ୍ତିଷ୍କକୁ।
ସବୁ ନଦୀ ଅପହଞ୍ଚ
ସବୁ ସ୍ମୃତି ଉପରେ ତୁଷାରପାତ
ଚାରିଆଡେ ଟପ୍ ଟପ୍
ଫୁଲ ଝରା ଜୀବନବାଦୀ ସଙ୍ଗୀତ
ନିଃସଙ୍ଗତା ଏକ କ୍ଷତର ରୂପନିଏ
ଥୁଣ୍ଟା ଗଛ ଡାଳରେ
ଆଖି ହୁଏ ବନ୍ୟା ପ୍ଲାବିତ।
ପବନ ଆଉଁସି ଦିଏ
ପତ୍ରକୁ ଫୁଲକୁ ଡଙ୍ଗରିଆ ଝରଣାକୁ
ଶରତ ସକାଳର ଶିଶିର ଭିଜା ଗଙ୍ଗଶିଉଳିକୁ
ତା ସହ କବିର ମଗ୍ନ ଚେତନାକୁ।
କେବେ କେବେ କେଉଁ ଅଜଣା ଦୁଃଖର ନଈ
ବହିଯାଏ କୂଳ ଖାଇ
ନିଃଶବ୍ଦରେ
ଠିକ୍ ସେତିକି ବେଳେ
କବି ଭିତରେ କବିତାର ଜନ୍ମ ହୁଏ
ଯନ୍ତ୍ରଣାର ମିଠା ମିଠା ଅନୁଭବରେ।

*ଖରିଆର ରୋଡ୍, ନୂଆପଡ଼ା*

### ହିମରାଗ

ଦେବାଶିଷ ଚକ୍ରବର୍ତ୍ତୀ



ସକାଳ
କୁହୁଡିର ଝୀନ ବସନ ସହିତ
କାକରର ରୂପା କାନର ଫୁଲ
ନାଇକରି ନୂଆ ବୋହୂଟିଏ ପରି
ମନେ କି ହୁଏନି ଶୀତ ସକାଳ?

ଝୋଟି
ଶୀତ ସକାଳରେ ଘର ଅଗଣାରେ
ପଡ଼ିଲେ କଅଁଳ ଖରାର ଝୋଟି
କୁହନି ସତରେ କାହା ପରାଣରେ
ଯାଏନି ଖୁସିର ରଙ୍ଗ ଚହଟି?

ଆଳାପ
ମଧୁର ଆଳାପ କରୁଥାଏ ଯେବେ
ଫୁଟିଲା ଫୁଲର କାନେ ଭଅଁର
ମନେ ହୁଏନିକି ହୃଦୟ ବୀଣାରେ
ତୋଳୁଅଛି କେହି ପ୍ରୀତିର ସୁର?


ଗୋଲାପ
ଦର ମୁକୁଳିତ ଗୋଲାପ କପୋଳେ
ନେସି ହୁଏ ଯେବେ ମାଈ କାକର
ଲାଗେନି କି ସତେ ନବ ପରିଣିତା
ଢାଳୁଛି ଲାଜୁଆ ଚାହାଣୀ ତା'ର?

ଖଳା
ଅଞ୍ଚ
ବନମାଟି ଆଉ ଗୋମୟରେ ଯେବେ
କୃଷାଣୀ ଦିଅଇ ଖଳାକୁ ଲିପି
ଏମିତି ରହିଛି ଚିତ୍ରକର କେ
ଛବି ଯିବ ତା'ର ଶୋଭାକୁ ଟପି?

*ମଣ୍ଡୁଆ,କେନ୍ଦୁଝର ଗଡ଼*
*ଦୂରଭାଷ: ୯୪୩୭୭୫୨୩୯୫*

## ଭଗବାନଙ୍କ ସହ

ଦେବେନ୍ଦ୍ର ନାଥ ପଣ୍ଡା



ବୟସ ପାଖାପାଖି ୭୦ ହେଇଗଲା। ହେତୁ ପାଇଲା ଦିନୁ ତ ଆଜିଯାଏ ଭଗବାନଙ୍କ ଅସ୍ତିତ୍ୱ କୁ ବିଶ୍ୱାସ କରିବାର ଅବକାଶ ପାଇଲିନି କିମ୍ୱା ତା'ର ଆବଶ୍ୟକତା ବି ଅନୁଭବ କରି ପାରିଲି ନାହିଁ। ସମସ୍ତେ ଭଗବାନ୍ ଭଗବାନ୍ ହେଉଛନ୍ତି, ତେଣୁ ମୁଁ ଭାବିଲି ମୁଁ ବି ଏଥର ତାଙ୍କ ଅବସ୍ଥିତି ଓ ଅସ୍ତିତ୍ୱକୁ ବିଶ୍ୱାସ କରିବି। ଭଗବାନଙ୍କ ଛବି ବିଭିନ୍ନ ଲୋକ ବିଭିନ୍ନ ପ୍ରକାରର ବଖାଣୁଛନ୍ତି,ବିଭିନ୍ନ ଆକୃତିର କଳ୍ପନା କରି ଛବି କିମ୍ୱା ମୂର୍ତ୍ତିରେ ରୂପ ଦେଉଛନ୍ତି। ସତରେ ଭଗବାନ୍ ଯଦି ଥାଆନ୍ତି, ସେ ଦେଖିବାକୁ କେମିତି? ତାଙ୍କୁ ଥରେ ଦେଖିବାର ସୁଯୋଗ ମିଳନ୍ତା ନି! ଆଉ କେଇଟା ଦିନ ବା ବଞ୍ଚିବି? ଏମିତି ଭାବି ଭାବି ମନଟା କିଛି ଦିନ ହେଲା ଗୋଳେଇ ଘାଣ୍ଟି ହେଉଥାଏ।

ଦିନେ ରାତିରେ ଶୋଇଛି, ହଠାତ୍ କେହିଜଣେ ମୋ ଆଗରେ ଉଭା ହୋଇଗଲେ। ଦେଖିବାକୁ ଠିକ୍ ଜଣେ ମଣିଷ ପରି। ମୁଁ ଯେହେତୁ ଗୋଟେ ମଣିଷ, ଭଗବାନଙ୍କ ଫିଗର୍ ଟା ଠିକ୍ ଗୋଟେ ମଣିଷ ଭଳି ହେଇଥିବ ବୋଲି ଆଗରୁ ମୋ କଳ୍ପନା ଭିତରେ ଥାଏ।ସେ ମୋତେ ହଲେଇ ଦେବାରୁ ମୋ ନିଦଟା ଭାଙ୍ଗିଗଲା। ଘରଟା ପୂରା ଆଲୋକିତ ହୋଇ ଯାଇଥାଏ। ମୋ ଆଗରେ ଜଣେ ସୁନ୍ଦର ଯୁବକ। ନାନାଦି ଅଳଙ୍କାରରେ ଭୂଷିତ। ମୁହଁରେ ସ୍ମିତ ହସ। ଆଶ୍ଚର୍ଯ୍ୟ ହୋଇ ତାଙ୍କୁ କିଛି ସମୟ ଚାହିଁଲା ପରେ ସେ ହସିହସି ମୋତେ କହିଲେ,

- 'ମତେ ଦେଖିବା ପାଇଁ କିଛି ଦିନ ହେଲା ଭାରି ବ୍ୟସ୍ତ ହେଉଥିଲୁ। ଏବେ ଟିକେ ସମୟ ପାଇ ମୁଁ ତୋ ପାଖକୁ ଆସିଛି। କ'ଣ କହିବାର ଅଛି କହ।'

ଏମିତି ଏକ ଆକସ୍ମିକ ପରସ୍ଥିତିରେ ଟିକେ ହଡ଼ବଡେଇ ଯାଇ ଥରଥର କଣ୍ଠରେ ପଚାରିଲି

-'ଆପଣ କିଏ?'

ସେ ଟିକିଏ ଗମ୍ଭୀର ହୋଇ କହିଲେ,

- 'ମୁଁ ପରା ଭଗବାନ୍।'

ମୁଁ ଉଠି ଦୁଇ ହାତ ଯୋଡ଼ି ତାଙ୍କୁ ନମସ୍କାର କରିବାକୁ ଚେଷ୍ଟା କରୁକରୁ ସେ କହିଲେ,

-'ଥାଉ ଥାଉ, ମତେ ନମସ୍କାର ଫମସ୍କାର ଭଲ ଲାଗେନା। ମୁଁ ବ୍ୟସ୍ତ ଲୋକ। କ'ଣ ପଚାରିବୁ ଶୀଘ୍ର ପଚାର।' ଟିକିଏ ଥତମତ ହେଇ ମୁଁ ପଚାରିଲି



- 'ଆଜ୍ଞା, ଆପଣଙ୍କୁ ପାଖରେ ପାଇ ମୁଁ ଖୁବ୍ ଖୁସି। ଆପଣ ରହନ୍ତି କୋଉଠି? ମନ୍ଦିର, ମସ୍ଜିଦ୍, ଗୀର୍ଜା ଘରେ ନା ଆଉ କୋଉଠି?' ଏଥର ଅଳ୍ପ ହସି ସେ କହିଲେ,

- 'ମୁଁ କୋଉଠି ରହେ ସେକଥା ପୁରାଣରେ ଥରେ ନାରଦକୁ ବୁଝେଇ କହିଥିଲି, ସେ ଜଣେ ବିଶିଷ୍ଟ ସାମ୍ବାଦିକ ହଲେ ମଧ ଲୋକଙ୍କୁ ଠିକ୍ ସେ ଚେତେଇ ପାରିଲେନି।ଏବେ ତତେ ଆଉଥରେ ବୁଝେଇ କହୁଛି।

ନାହଂ ତିଷ୍ଠାମି ବୈକୁଣ୍ଠେ
ମୁନୀନାଂ ହୃଦୟେ ନ ଚ
ମଦ୍ ଭକ୍ତା ଯତ୍ର ତିଷ୍ଠନ୍ତି
ତତ୍ର ତିଷ୍ଠାମି ଦେବେନ୍ଦ୍ର।

ବୁଝି ପାରିଲୁ ତ? ସଂସ୍କୃତରେ କହିଥିଲି। ବୁଝିବାକୁ ଟିକେ କଷ୍ଟ ହେଉଥିବ। କଞ୍ଚା ଓଡିଆରେ କହିଲେ, ମୁଁ ଲୋକଙ୍କ କଳ୍ପନାର ବୈକୁଣ୍ଠରେ ନଥାଏ, ଯୋଗୀ ଋଷି ମାନଙ୍କ ମନ ଭିତରେ ନଥାଏ, କୌଣସି ମନ୍ଦିର, ମସ୍ଜିଦ୍, ଗୀର୍ଜାରେ ନଥାଏ। ମୋ ଭକ୍ତମାନେ ଯୋଉଠି ଥାଆନ୍ତି, ମୁଁ ତାଙ୍କରି ପାଖେ ପାଖସେଇଠି ହିଁ ରହିଥାଏ। ମୋର ନିର୍ଦ୍ଦିଷ୍ଟ ଠିକଣା ନାହିଁ।

'ଭକତ ମୋ ପିତା ମାତା ଭକତ ମୋ ବନ୍ଧୁ
ଭକତ ନିମନ୍ତେ ମୁହିଁ କରୁଣାର ସିନ୍ଧୁ।'

ଏଥର ଟିକେ ସଳଖି ବସି ମୁଁ ପଚାରିଲି,

- 'ତେବେ, ଭକତ ଆପଣଙ୍କର ସବୁ କିଛି, ଭକତ ଆପଣଙ୍କର ବନ୍ଧୁ? ତା ହେଲେ, ଆପଣଙ୍କର ତ କୋଟି କୋଟି , ଶହ ଶହ କୋଟି ବନ୍ଧୁ ଅଛନ୍ତି। ଯୁଆଡେ ଦେଖୁଛି ସିଆଡେ ଆପଣଙ୍କର ପଲ ପଲ ଭକ୍ତ ଅର୍ଥାତ୍ ବନ୍ଧୁ। ଆପଣଙ୍କ ଗୁଣ ଗାଉଛନ୍ତି, ଗୁହାରୀ କରୁଛନ୍ତି, କେତେ ଟଙ୍କା ସୁନା, କେତେ ଧୂପଦୀପ, କେତେ ଫଳମୂଳ, ଭୋଗରାଗ ଆପଣଙ୍କୁ ଦେଉଛନ୍ତି।'

- 'ହେତ୍, ବୋକାଟା କିରେ! ସେମାନେ କାହିଁକି ମୋ ଭକତ କି ବନ୍ଧୁ ହେବେ ବା ! ସେମାନେ ଯାହାକିଛି କରୁଛନ୍ତି ସବୁ ତାଙ୍କ ସ୍ୱାର୍ଥ ପାଇଁ। ପୋଖରୀରେ ମତେ ହଜେଇ ସମୁଦ୍ରରେ ଖୋଜୁଛନ୍ତି। ଖୋଜୁ ଥାଆନ୍ତୁ।'

- 'ତେବେ ଆପଣଙ୍କର ପ୍ରକୃତ ବନ୍ଧୁ ବା ଭକ୍ତ କିଏ ଆଜ୍ଞା?'

- 'ଯିଏ ମୋତେ ମୋ କାମରେ ସାହାଯ୍ୟ କରୁଛି ସିଏ ମୋ ବନ୍ଧୁ। ତୁ କ'ଣ ଜାଣିନୁ, ଦରକାର ବେଳେ ଯେ ସାହାଯ୍ୟ କରେ ସେ ହିଁ ଅସଲ ବନ୍ଧୁ। ଏ ଫ୍ରେଣ୍ଡ୍ ଇନ୍ ନିଡ୍ ଇଜ୍ ଏ ଫ୍ରେଣ୍ଡ୍ ଇଣ୍ଡିଡ୍।'

- 'ସେକଥା ଅବଶ୍ୟ ମୁଁ ଜାଣେ।' ହେଲେ, ଆପଣଙ୍କୁ ଆପଣଙ୍କ କାମରେ କିଏ କେମିତି ସାହାଯ୍ୟ କରି ପାରିବ?, ଆପଣଙ୍କର କାମ ବା କ'ଣ?' *(କ୍ରମଶଃ)*

# ଅତିଥି ଅଧ୍ୟାପକଙ୍କ ଭରସାରେ ଚାଲିଛି ୧୭ ସରକାରୀ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର :** ରାଜ୍ୟରେ ଉଚ୍ଚ ଶିକ୍ଷାର ବିକଳ ଚିତ୍ର ସାମ୍ନାକୁ ଆସିଛି। ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଅତିଥି ଅଧ୍ୟାପକ/ଅଧ୍ୟାପିକାଙ୍କ ଭରସାରେ ଚାଲିଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଏକ ପ୍ରଶ୍ନର ଜବାବରେ ଉଚ୍ଚଶିକ୍ଷା ମନ୍ତ୍ରୀ ରଖିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ଥିବା ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ମୋଟ ୨୦୦୩ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ଅଛି। ସେଥିମଧ୍ୟରୁ ୬୯୬ଟି ପଦବୀରେ ଅଧ୍ୟାପକ/ଅଧ୍ୟାପିକା କାର୍ଯ୍ୟ କରୁଛନ୍ତି ଓ ୧୩୦୭ଟି ପଦବୀ ଖାଲି ଅଛି। ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟମାନଙ୍କରେ ଖାଲିଥିବା ବିଭିନ୍ନ ବର୍ଗର ଅଧ୍ୟାପକ ପଦବୀଗୁଡ଼ିକର ପୂରଣ ନିମନ୍ତେ ରାଜ୍ୟ ସରକାରଙ୍କ ଚିଠି ସଂ ୪୪୭୭ ତା. ୦୧.୦୨.୨୦୨୪ ଓ ଚିଠି ସଂ ୪୪୭୮ ତା. ୦୧.୦୨.୨୦୨୪ ଦ୍ୱାରା ଜାରି ଆଦେଶ ଓ ନିର୍ଦ୍ଦେଶାବଳୀ ଅନୁଯାୟୀ, ଉକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ଅତିଥି ଅଧ୍ୟାପକ ଓ ଅବସରପ୍ରାପ୍ତ ଅଧ୍ୟାପକମାନଙ୍କୁ ନିଯୁକ୍ତି ଦିଆଯାଉଛି। ଏଥିପାଇଁ ବିଶ୍ୱବିଦ୍ୟାଳୟମାନଙ୍କ ଦ୍ୱାରା ଏବେ ସୁଦ୍ଧା ୯୬୩ ଜଣ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ରାଜ୍ୟରେ ଥିବା ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ମୋଟ ୨୬୯୨ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଅଛି। ସେଥିରୁ ୭୮୨ଟି ପଦବୀରେ କର୍ମଚାରୀ କାର୍ଯ୍ୟ କରୁଛନ୍ତି ଓ ୧୯୧୦ଟି ପଦବୀ ଖାଲି ପଡ଼ିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ୪୬ଟି ପ୍ରଫେସର ପଦବୀ ଥିବା ବେଳେ ୩୬ଟି ଖାଲି ପଡ଼ିଛି। ସେହିପରି ୭୫ଟି ଆସୋସିଏଟ୍ ପ୍ରଫେସର ପଦବୀ ରହିଥିବା ବେଳେ ୪୫ଟି ଖାଲି ପଡ଼ିଛି। ୧୧୮ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୫୫ଟି ଖାଲି ପଡ଼ିଛି। ଅର୍ଥାତ୍ ଏଠାରେ ମୋଟ ୨୩୯ଟି ପଦରୁ ୧୩୬ଟି ଖାଲି ପଡ଼ିଛି। ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ମୋଟ ୨୧ଟି ଅଧ୍ୟାପକ ପଦବୀ ରହିଥିବା ବେଳେ ସବୁଗୁଡ଼ିକ ଖାଲି ପଡ଼ିଛି। ଏହି ବିଶ୍ୱବିଦ୍ୟାଳୟ ପାଇଁ ୩ଟି ପ୍ରଫେସର, ୬ଟି ଆସୋସିଏଟ୍ ପ୍ରଫେସର ଓ ୧୨ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ସୃଷ୍ଟି କରାଯାଇଥିବା ବେଳେ ସବୁଗୁଡ଼ିକ ଖାଲି ପଡ଼ିଛି। ୧୦ ଜଣ ଅତିଥି ଅଧ୍ୟାପକ (୩ ପ୍ରଫେସର ଓ ୭ ଜଣ ଆସିଷ୍ଟାଣ୍ଟ ପ୍ରଫେସର)ରେ ଏହି ବିଶ୍ୱବିଦ୍ୟାଳୟ ଚାଲିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସରକୁ ମିଶାଇ ମୋଟ ୨୬୭ଟି ପଦବୀ ରହିଥିବା ବେଳେ ସେଥିରୁ ୧୫୭ଟି ଖାଲି ପଡ଼ିଛି। ୨୯ଟି ପ୍ରଫେସର ପଦବୀରୁ ୨୦ଟି ଖାଲି ପଡ଼ିଥିବା ବେଳେ ୭୧ଟି ଆସୋସିଏଟ୍ ପ୍ରଫେସର ପଦବୀରୁ ୫୨ଟି ଓ ୧୬୭ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୮୫ଟି ଖାଲି ପଡ଼ିଛି। ଏମ୍ଏସ୍ସିବିରେ ୧୯ଟି ପ୍ରଫେସର, ୩୯ଟି ଆସୋସିଏଟ୍ ପ୍ରଫେସର ଓ ୫୭ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ଯଥାକ୍ରମେ ୧୫, ୨୬ ଓ ୨୪ଟି ଖାଲି ପଡ଼ିଛି। ଅର୍ଥାତ୍ ୧୧୫ଟି ଅଧ୍ୟାପକ ପଦବୀରୁ ୬୫ଟି ଖାଲି ପଡ଼ିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସରକୁ ମିଶାଇ ଥିବା ୧୮୨ଟି ପଦବୀରୁ ୯୩ଟି ଖାଲି ପଡ଼ିଥିବା ବେଳେ ଜିଏମ୍ ବିଶ୍ୱବିଦ୍ୟାଳୟରେ ୧୪୪ରୁ ୭୮ଟି, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୩୫ଟିରୁ ୭୧ଟି, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୧୧୭ଟିରୁ ୪୯ଟି, ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୧୧୨ଟିରୁ ୧୧୨ଟି, ଏସଜେଏସ୍ଭିରେ ୩୮ଟିରୁ ୧୯ଟି, ରମାଦେବୀ ବିଶ୍ୱବିଦ୍ୟାଳୟରେ ୧୩୭ଟିରୁ ୭୮ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୨୬ଟିରୁ ୧୦୬ଟି, ଧରଣୀଧର ବିଶ୍ୱବିଦ୍ୟାଳୟରେ ୯୭ଟିରୁ ୯୭ଟି, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୧୧୧ଣୁ ୧୧୧ଟି, ଏମ୍ଏସ୍ ଲ' ବିଶ୍ୱବିଦ୍ୟାଳୟରେ ୫୦ରୁ ୩୦ ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୧୧୨ଟିରୁ ୮୪ଟି ପଦବୀ ଖାଲି ପଡ଼ିଛି। ଏହି ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୨୮୭ଟି ପ୍ରଫେସର ପଦବୀରୁ ୨୪୨ଟି ଖାଲି ପଡ଼ିଥିବା ବେଳେ ୫୭୮ଟି ଆସୋସିଏଟ୍ ପ୍ରଫେସର ପଦବୀରୁ ୪୩୧ଟି ଖାଲି ପଡ଼ିଛି। ସେହିପରି ୧୧୩୮ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୬୩୪ଟି ଖାଲି ପଡ଼ିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ୫୯ ଜଣ ଅତିଥି ଅଧ୍ୟାପକ/ଅଧ୍ୟାପିକାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ୧୦, ରେଭେନ୍ସାରେ ୮୯, ଓଏସ୍ଓୟୁରେ ୬୩, ଏମ୍ଏସ୍ସିବିରେ ୫୦, ବ୍ରହ୍ମପୁରରେ ୩୮, ଜିଏମ୍ରେ ୬୧, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୬୪, ଫକୀର ମୋହନରେ ୧୯, ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୬୩, ଏସ୍ଜେଏସ୍ଭିରେ ୫, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୮୧, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୧୩, ଧରଣୀଧର ବିଶ୍ୱବିଦ୍ୟାଳୟରେ ୬୩, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ୭୮, ଏମ୍ଏସ୍ ଲ' ବିଶ୍ୱବିଦ୍ୟାଳୟରେ ୪୦ ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୬୭ ଜଣ ଅତିଥି ଅଧ୍ୟାପକ/ଅଧ୍ୟାପିକାଙ୍କୁ ନିଯୁକ୍ତି ଦିଆଯାଇଛି। ୧୭ଟି ଯାକ ବିଶ୍ୱବିଦ୍ୟାଳୟରେ ଏହିଭଳି ମୋଟ ୯୬୩ ଜଣ ଅତିଥି ଅଧ୍ୟାପକ/ଅଧ୍ୟାପିକାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ୫୩ ଜଣ ପ୍ରଫେସର, ୬୦ ଜଣ ଆସୋସିଏଟ୍ ପ୍ରଫେସର ଓ ୮୫୦ ଜଣ ଆସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଋଣବୋଝ ...

୨୦୨୫-୨୬ ଆର୍ଥିକ ବର୍ଷ ବଜେଟର ଋଣ ଏକ ଚତୁର୍ଥାଂଶ ଋଣ ଦ୍ୱାରା ପାଣ୍ଠି ସଂଗ୍ରହ କରାଯିବ। ବିତ୍ତୀୟ ପରିଚାଳନା ଆଇନ ମୁତାବକ, କେନ୍ଦ୍ର ସରକାର ଅଭିବୃଦ୍ଧିର ୬୦ ପ୍ରତିଶତ ଭିତରେ ଋଣକୁ ସୀମିତ ରଖିବା କଥା। ଏହି ସୀମା ଅତିକ୍ରମ କରିଥିଲେ ବି କେନ୍ଦ୍ର ସରକାର ଜାଣିଶୁଣି ତଥ୍ୟ ଲୁଚାଇଛନ୍ତି। ବଡ଼ କଥା ହେଉଛି, ଋଣ ସହିତ କେନ୍ଦ୍ର ସରକାରଙ୍କ ରାଜସ୍ୱ ନିଅଣ୍ଟ ମଧ୍ୟ ହୋଇଛି। ଯାହାକି ଦେଶ ପାଇଁ ଆଦୌ ଶୁଭଙ୍କର ନୁହେଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଓଡ଼ିଶା ବି ଧୀରେ ଧୀରେ ରାଜସ୍ୱ ନିଅଣ୍ଟିଆ ସ୍ଥିତିକୁ ମୁହାଁଉଛି। କାରଣ ନିକଟରେ ଷଷ୍ଠ ଅର୍ଥ କମିଶନଙ୍କ ଗସ୍ତବେଳେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଟିକସରୁ ଓଡ଼ିଶା ପାଇଁ ରାଜଭାଗ ନ ବଢ଼ିଲେ ହସ୍ତାନ୍ତର ପୂର୍ବ ରାଜସ୍ୱ ନିଅଣ୍ଟ ୯ ଲକ୍ଷ ୮୮ ହଜାର ୪୨୨ କୋଟି ହେବ ବୋଲି ଦର୍ଶାଇଛନ୍ତି। ଏହାର ଅର୍ଥ ରାଜ୍ୟ ଏବେଠୁ ରାଜସ୍ୱ ନିଅଣ୍ଟିଆ ସ୍ଥିତି ଦେଖିଲାଣି ବୋଲି ଅଭିଯୋଗ ହୋଇଛି। ଦେଶର ଅର୍ଥନୀତି ଏତେ ଟ୍ରିଲିୟନ୍ ସେତେ ଟ୍ରିଲିୟନ୍ ଛୁଇଁବ ବୋଲି କୁହାଯାଉଛି। ଗୋଟିଏ କଥା ସତ, ଋଣ ବୋଝ ବଢ଼ି ବଢ଼ିଚାଲିଛି। ରୋଜଗାର ସଙ୍କୁଚିତ ହେଉଥିବା ବେଳେ, ସବୁ ଜିନିଷର ଦରଦାମ ମଧ୍ୟ ଅହେତୁକ ଭାବେ ବଢ଼ିଚାଲିଛି।

### ଜନତାଙ୍କ ...

ସାଧାରଣ ଲୋକର କ୍ରୟଶକ୍ତି ବୃଦ୍ଧି କରିବାକୁ କି ପ୍ରକାର ମଜୁରୀ ଓ ମୁଦ୍ରା ନୀତି ଗ୍ରହଣ କରିବ ଏସବୁ ସଂପର୍କରେ କୌଣସି ସ୍ପଷ୍ଟ ଘୋଷଣା ଜାରି କରିନାହିଁ। ଅଧିକନ୍ତୁ, ଗତ ଦିଲ୍ଲୀ ନିର୍ବାଚନରେ ଦଳ ତରଫରୁ ପ୍ରକାଶ ପାଇଥିବା ଇସ୍ତାହାର ମୌଳିକ ଭାବେ ବିଜେପି ଓ ଆପ୍ ଇସ୍ତାହାରଠାରୁ ସ୍ୱତନ୍ତ୍ର ନଥିଲା ବୋଲି ଲୋକେ ବୁଝିଗଲେ। ତା'ଛଡ଼ା କଂଗ୍ରେସ ନେତୃତ୍ୱ କେବଳ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମାଲୋଚନା କରିବା ଓ ମୋଦିଙ୍କ ଅର୍ଥନୀତି, ଶିଳ୍ପନୀତି, ବଜାରନୀତି, କୃଷିନୀତି ଆଦିର ବିକଳ୍ପ ନଦେବା ଲୋକଙ୍କ ମଧ୍ୟରେ ଏହି ଦଳର ଗ୍ରହଣୀୟତା ବୃଦ୍ଧି କରିପାରି ନାହିଁ। ଏହି କାରଣରୁ ହୁଏତ କଂଗ୍ରେସଠାରୁ ଲୋକେ ପୁଣି ଦୂରେଇବାରେ ଲାଗିଲେଣି। ଏହି ସର୍ବେକ୍ଷଣ ଅନୁସାରେ ୨୦୨୪ ଲୋକସଭା ନିର୍ବାଚନରେ ଏନଡିଏ ମୋଟ ଉପରେ ୨୯୨ ଆସନ ପାଇଥିଲା। ଏଥିରୁ ବିଜେପି ଭାଗରେ ଥିଲା ୨୪୦ ଆସନ। ଏବେ ନିର୍ବାଚନ ହେଲେ ଏନଡିଏର ଆସନ ସଂଖ୍ୟା ୩୪୩ ଓ ବିଜେପିର ଆସନ ସଂଖ୍ୟା ୨୮୧ ଛୁଇଁବାର ସମ୍ଭାବନା ଅଛି ବୋଲି ସର୍ବେକ୍ଷଣରେ ଆକଳନ କରାଯାଇଛି। ସେହିପରି ଏହି ମେଣ୍ଟର ଭୋଟ ହାର ମଧ୍ୟ ୩ ପ୍ରତିଶତ ବୃଦ୍ଧି ପାଇ ୪୭ ପ୍ରତିଶତରେ ପହଂଚିବ ବୋଲି ଆକଳନ କରାଯାଇଛି। ବିଜେପିର ଭୋଟ ହାର ମଧ୍ୟ ୩ ପ୍ରତିଶତ ବୃଦ୍ଧି ପାଇ ୪୧ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ କଂଗ୍ରେସର ଆସନ ସଂଖ୍ୟା ୯୯ରୁ ୭୮କୁ ଏବଂ ଇଣ୍ଡିଆ ମେଣ୍ଟର ଆସନ ସଂଖ୍ୟା ୨୩୨ରୁ ୧୮୮କୁ ଖସି ଆସିବ ବୋଲି ଏହି ସର୍ବେକ୍ଷଣ ରିପୋର୍ଟରେ କୁହାଯାଇଛି। ସର୍ବେକ୍ଷଣ ଅନୁସାରେ ଇଣ୍ଡିଆ ମେଣ୍ଟର ଭୋଟ ହାର ୧ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ଅଛି। ମାତ୍ର କଂଗ୍ରେସର ଭୋଟ ହାର ୨୦ ପ୍ରତିଶତକୁ ଖସି ଆସିବ ବୋଲି କୁହାଯାଉଛି। ୨୦୨୪ ଲୋକସଭା ନିର୍ବାଚନରେ ଭାରତବର୍ଷର ରାଜନୀତିକ ସ୍ଥିତି ଯାହା ଥିଲା ଏହି ୮ ମାସ ମଧ୍ୟରେ ସେଥିରେ ଅନେକ ପରିବର୍ତ୍ତନ ଘଟିଛି। ଏହି ସମୟ ମଧ୍ୟରେ ଅନୁଷ୍ଠିତ ହୋଇଥିବା ମହାରାଷ୍ଟ୍ର, ହରିଆଣା ଓ ଦିଲ୍ଲୀ ନିର୍ବାଚନରେ ବିଜେପିର ବିଜୟ ଘଟିଛି ଓ କଂଗ୍ରେସ ପରାସ୍ତ ହୋଇଛି। ଏହି ପରାଜୟ ଓ ପରିସ୍ଥିତିର ସମୀକ୍ଷା କରି କଂଗ୍ରେସ ଏହାର ମୌଳିକ ପନ୍ଥା ଓ ରଣନୀତିରେ ସଂଶୋଧନ ନକଲେ ୨୦୨୯ ନିର୍ବାଚନ ବେଳକୁ ଏହାର ସ୍ଥିତି ସଂକଟରେ ପଡ଼ିପାରେ ବୋଲି ଆଶଙ୍କା ରହିଛି।

### ଭୟଭୀତ ...

ଆଲୋଚନାକୁ ଖୋରାକ ଯୋଗାଇଛି। ଏମିତିକି କଟକରେ କିଛି ବିଜେଡି ନେତା ଏକାଠି ହୋଇଥିବା ବେଳେ ସେଭଳି ମେଳି ନ କରିବାକୁ ନବୀନ ଫୋନ୍ କରି ତାଗିଦ କରିଥିଲେ ବୋଲି ଖବର ଆସିଥିଲା। ଆଉ ଆଜି ସର୍ବସମ୍ମୁଖରେ ବରିଷ୍ଠ ବିଧାୟକ ସନାତନ ମହାକୁଡ଼ଙ୍କୁ ସେ ବିଜେପି ଆଡ଼କୁ ଯାଉଛନ୍ତି କି ବୋଲି ପଚାରିବା ପରେ ଆଲୋଚନା ହେଉଛନ୍ତି ଯେ ନବୀନ ଭୟଭୀତ ଅଛନ୍ତି କି ? ଦଳ ଭାଙ୍ଗି ଯିବ ବୋଲି ସେ ମଧ୍ୟ ଆଶଙ୍କା କରୁଛନ୍ତି କି ? କେବଳ ବୈଠକରେ ସନାତନ ମହାକୁଡ଼ ଯୋଗ ନଦେବାରୁ ନବୀନ ତାଙ୍କ ଉପରେ ସନ୍ଦେହ କରୁଛନ୍ତି, ନା ଆଉ କିଛି କଥା ଅଛି ? ସନାତନ ଭିତରେ ଭିତରେ ସେମିତି କିଛି ଯୋଜନା କରୁଥିବା ନବୀନଙ୍କ କାନରେ ପଡ଼ିଛି କି ? ଅନେକ ଦିନ ତଳେ ଚମ୍ପୁଆରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସନାତନ ମହାକୁଡ଼ଙ୍କ ଗାଲରେ କେକ୍ ଲଗାଇବା ତଥା ସନାତନ ମୁଖ୍ୟମନ୍ତ୍ରୀଙ୍କୁ କେକ୍ ଖୁଆଇବା ଘଟଣାକୁ ନେଇ ତାଙ୍କ ଉପରେ ସନ୍ଦେହ କରୁଛନ୍ତି ନବୀନ ? ନହେଲେ ସେ ସନାତନ ମହାକୁଡ଼ଙ୍କୁ ଏମିତି ଏକ ପ୍ରଶ୍ନ ପଚାରିବାର ଉଦ୍ଦେଶ୍ୟ କ'ଣ ? ଅନ୍ୟପକ୍ଷରେ ସନାତନ ମହାକୁଡ଼ କହିଛନ୍ତି ଯେ ସେ ବିଜେଡି ସହିତ ଅଛନ୍ତି ଓ ରହିବେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସନାତନ ମହାକୁଡ଼ କହିଛନ୍ତି, ମୁଁ ଦଳ ଠାରୁ ଦୂରେଇ ଯାଇନି। ମୁଁ ଦଳ ସହିତ ରହିଛି ଓ ରହିବି। ଜିଲ୍ଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଉଛୁ ଓ ଆଲୋଚନା କରୁଛୁ। ସେ ପୂରା ରାଜ୍ୟର ମୁଖ୍ୟମନ୍ତ୍ରୀ। ସେ କେବଳ ବିଜେପିର ମୁଖ୍ୟମନ୍ତ୍ରୀ ନୁହନ୍ତି। କାହିଁକି ଦଳୀୟ ବୈଠକକୁ ଆସିଲେନି ବୋଲି ନବୀନ ପଟ୍ଟନାୟକ ପଚାରିଥିଲେ। ଅସୁସ୍ଥତା ହେତୁ ଯୋଗ ଦେଇପାରିଲିନି ବୋଲି କହିଥିଲି। ବିଜେପିକୁ ଯାଉଛନ୍ତି କି ବୋଲି ସେ ପଚାରି ନାହାନ୍ତି। ସେ ଦଳର ମୁରବୀ। ପଚାରିବାର ଅଧିକାର ତାଙ୍କର ଅଛି। ଏହି ଘଟଣାକୁ ନେଇ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, କାଲେ ସବୁ ବିଜେପି ପଳାଇବେ ସେ କଥା ଭାବି ନବୀନ ଭୟଭୀତ ହୋଇଗଲେଣି। ଯେଉଁଦିନ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଚାହିଁବେ, ସେହିଦିନ ବିଜେଡି ଖଣ୍ଡ ଖଣ୍ଡ ହୋଇଯିବ। ମୁଁ ଆଗରୁ ବି କହିଥିଲି, ହୁଇସିଲ୍ ଫୁଙ୍କିଲେ ବିଜେଡି ଭାଙ୍ଗିଯିବ। ଏତେବର୍ଷ ଧରି ସେ (ନବୀନ ପଟ୍ଟନାୟକ) କିଛି ବୁଝୁ ନଥିଲେ। କିନ୍ତୁ ରାଜୁତି କରୁଥିଲେ। ତାର ଫଳ ଇଏ।

### ଅଷ୍ଟମ ପିଲା ...

୨୦୨୪ରେ ଏହା ବଢ଼ି ୪୫.୮ ପ୍ରତିଶତ ହୋଇଛି। ମନ୍ତ୍ରୀଙ୍କ ଉତ୍ତରରେ ଆଉ ଏକ ଉଦବେଗଜନକ ତଥ୍ୟ ସାମ୍ନାକୁ ଆସିଛି। ଏବେ ରାଜ୍ୟର ୧୨ ହଜାର ୪ଶହ ୮୪ଟି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନଥିବା ସୂଚନା ଦେଇଛନ୍ତି ଗଣଶିକ୍ଷାମନ୍ତ୍ରୀ। ଏଥିପାଇଁ ଶାସକ ଦଳ ପୂର୍ବ ସରକାରର ଅପାରଗତାକୁ ସିଧାସିଧା ଦାୟୀ କରିଥିବା ବେଳେ ବିଜେଡି କହିଛି ଚାଲିନଜାଣି ବାଟର ଦୋଷ ଦେଉଛି ସରକାରୀ ଦଳ। କଂଗ୍ରେସ ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଇଁ ପୂର୍ବ ଓ ବର୍ତ୍ତମାନର ସରକାରକୁ କରିଛି ଦାୟୀ। ଓଡ଼ିଶା ହେଉଛି ଏକ ବୌଦ୍ଧିକ ଜାତି। ଶିକ୍ଷା ହେଉଛି ଆମ ଜାତିର ମେରୁଦଣ୍ଡ। ଆଉ ଏହି ମେରୁଦଣ୍ଡ ଗତ ୨୫ ବର୍ଷର ବିଜେଡି ଶାସନରେ ଦୁର୍ବଳ ହୋଇଯାଇଛି। ନବୀନ ସରକାରରେ ଗୁଣାତ୍ମକ ଶିକ୍ଷା କେବଳ ସ୍ଲୋଗାନରେ ଥିଲା ସୀମିତ। ପ୍ରତି ପିଲା ପାଖରେ ସ୍କୁଲ ଓ ଉନ୍ନତ ଶିକ୍ଷା ପହଞ୍ଚାଇବା ସଂକଳ୍ପ କେବଳ ପ୍ରଚାରରେ ସୀମିତ ଥିଲା। ହେଲେ ସ୍କୁଲରେ ଭିତ୍ତିଭୂମି, ଶୌଚାଳୟ ଓ ଶିକ୍ଷକଙ୍କ ଘୋର ଅଭାବ ଥିଲା। ଯେଉଁଥିପାଇଁ ଆଜି ସରକାରୀ ସ୍କୁଲରେ ବିଦ୍ୟାର୍ଥୀଙ୍କ ଶିକ୍ଷାର ମାନ ଏହିପରି। ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ବିଜେପି ସରକାର ଆଣିଛନ୍ତି ନିପୁଣ ଓଡିଶା ଯୋଜନା। ଏହା ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସହାୟକ ହେବ ବୋଲି ମନ୍ତ୍ରୀ ଆଶାବାଦୀ। ସେହିପରି ରାଜ୍ୟର ସ୍କୁଲଗୁଡ଼ିକରେ ଶୌଚାଳୟର ସ୍ଥିତି ନେଇ ଆସିଛି ଉଦବେଗଜନକ ଚିତ୍ର। ୪୧୨ଟି ପ୍ରାଥମିକ ସ୍କୁଲ, ୧୧୫ ଉଚ୍ଚ ପ୍ରାଥମିକ ସ୍କୁଲ ଓ ୨୫ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଶୌଚାଳୟ ନଥିବା ସୂଚନା ଦେଇଛନ୍ତି ମନ୍ତ୍ରୀ। ୨୦୨୪-୨୫ ଆର୍ଥିକ ବର୍ଷରେ ୭୨୪ କୋଟି ବାଳିକା ଶୌଚାଳୟ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଥିବା ଗୃହରେ ଲିଖିତ ଉତ୍ତରରେ କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ତେଣୁ ଏବେ ବିଜେପି ସରକାରଙ୍କ ପାଇଁ ଚ୍ୟାଲେଞ୍ଜ କିପରି ସ୍କୁଲରେ ଭିତ୍ତିଭୂମିକୁ ମଜଭୁତ କରିବା ସହ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ପାରିବ। କାରଣ ଶିକ୍ଷା ବ୍ୟବସ୍ଥା ଠିକ୍ ହେଲେ ହିଁ ଜାତିର ମେରୁଦଣ୍ଡ ଦୃଢ଼ ହୋଇପାରିବ।

### ଉପକୃତ ...

ପ୍ରଦାନ କରିବାର ବ୍ୟବସ୍ଥା ରହିଥିଲା। କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ବାବଦକୁ ଚତୁର୍ଥ ବର୍ଷରେ ୨୫ ପ୍ରତିଶତ, ପଞ୍ଚମ ବର୍ଷରେ ୫୦ ପ୍ରତିଶତ ଏବଂ ପଞ୍ଚମ ବର୍ଷ ପରେ ସମୁଦାୟ ୧୦୦ ପ୍ରତିଶତ ପାଣ୍ଠି ପଞ୍ଚାୟତସ୍ତରୀୟ ସଂଘମାନେ ନିର୍ଦ୍ଦେଶାବଳୀ ଅନୁଯାୟୀ ବହନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏହା ପରିଲକ୍ଷିତ ହେଉଅଛି ଯେ, ବିଗତ ସରକାରଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁ ଜିପିଏଲଏଫମାନେ ସ୍ୱୟଂ ସମ୍ପୂର୍ଣ୍ଣ ହୋଇ ପାରି ନାହାନ୍ତି। ତେଣୁ, କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ଦଶ ମାସ ଧରି ପାରିଶ୍ରମିକ ପାଇ ପାରିନାହାନ୍ତି। ଆମ ସରକାର ମା'ମାନଙ୍କର ସମସ୍ୟା ପ୍ରତି ସମ୍ବେଦନଶୀଳ ଅଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କର ଆର୍ଥିକ ଅଭିବୃଦ୍ଧି କରାଇବା ଲକ୍ଷ୍ୟ ନେଇ "ଲକ୍ଷପତି ଦିଦି ଯୋଜନା" କାର୍ଯ୍ୟକାରୀ ହେଉଅଛି। ଏହି ଯୋଜନାରେ ଅଧିକରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାଙ୍କୁ ବାର୍ଷିକ ଏକ ଲକ୍ଷ ଟଙ୍କାର ରୋଜଗାରକ୍ଷମ କରାଇବା ପାଇଁ ପ୍ରୟାସ କରାଯାଉଅଛି। ରାଜ୍ୟ ସରକାର ୨୦୨୭ ମସିହା ସୁଦ୍ଧା ୨୫ ଲକ୍ଷ "ଲକ୍ଷପତି ଦିଦି" ସୃଷ୍ଟି କରିବାପାଇଁ ଲକ୍ଷ୍ୟ ରଖିଛନ୍ତି। ଏତଦ୍ ବ୍ୟତୀତ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରି ସମୃଦ୍ଧ ଓଡିଶା ଗଢ଼ିବା ଆମ ସରକାରଙ୍କ ଉଦ୍ଦେଶ୍ୟ। ଏଥିପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫ ମା' ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ, ସେମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ, ଆମ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। "ଲକ୍ଷପତି ଦିଦି ସହାୟିକା ଯୋଜନା" ନାମକ ଏକ ନୂତନ ଯୋଜନା ମୁଁ ଘୋଷଣା କରୁଛି। ଏହି ଯୋଜନା ମାଧ୍ୟମରେ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ବାବଦ ଅର୍ଥ ବର୍ତ୍ତମାନ ପାଇଁ ସରକାର ବହନ କରିବେ ଏବଂ ଏଥିପାଇଁ ଜିପିଏଲଏଫମାନଙ୍କୁ ଅନୁଦାନ ପ୍ରଦାନ କରିବେ। ଏହି ନିଷ୍ପତ୍ତି ଦ୍ୱାରା ୬୨ ହଜାରରୁ ଊର୍ଦ୍ଧ୍ୱ କମ୍ୟୁନିଟି ସପୋର୍ଟ ଷ୍ଟାଫ ଲାଭବାନ ହେବେ ଏବଂ ସେମାନେ ଏପ୍ରିଲ ୨୦୨୪ ଠାରୁ ତାଙ୍କର ପାରିଶ୍ରମିକ ପାଇବେ।

### ଭକ୍ତଙ୍କ ...

ଦିଶାହୀନ ଅବସ୍ଥାରେ ଗତି କରୁଛି। ଦଳ କ୍ଷମତାରୁ ଯିବାପରେ ତୀବ୍ର ଗୋଷ୍ଠୀକନ୍ଦଳ ଓ ନେତୃତ୍ୱ ସଙ୍କଟ(ନବୀନ ପଟ୍ଟନାୟକ ନା ଭିକେ ପାଣ୍ଡିଆନଙ୍କ ମଧ୍ୟରୁ ବସ୍ କିଏ)ର ସମ୍ମୁଖୀନ ହୋଇଛି। ଦଳରେ ଥିବା ନେତାମାନେ ଏବେ ଅଣନିଶ୍ୱାସୀ ହେବାରେ ମଧ୍ୟ ଲାଗିଛନ୍ତି। ଏପଟେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ୮ମାସ ପୁରିଥିଲେ ମଧ୍ୟ ବିଜେଡିର ୨୪ବର୍ଷ ଶାସନର କୌଣସି ଗୋଟିଏ କଳାକାରନାମାକୁ ମଧ୍ୟ ଆଗକୁ ଆଣିବାରେ ସକ୍ଷମ ହୋଇନି। ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ ସବୁ ନିୟମକାନୁନକୁ ଏଡ଼ାଇ ରାଜ୍ୟ ଶାସନକୁ ମନମର୍ଜିରେ ଚଳାଇଥିଲେ। କୋଟିକୋଟି ଟଙ୍କାର ଅନିୟମିତତା ସହ ବହୁ ଦୁର୍ନୀତି ଅଭିଯୋଗ ମଧ୍ୟ ତତକାଳୀନ ବିଜେଡି ସରକାର ବିରୁଦ୍ଧରେ ବିଜେପି ଖୋଦ୍ ବିରୋଧୀ ଦଳ ଭାବେ ଆଣିଥିଲା। ଏବେ ବିଜେପି ରାଜ୍ୟରେ କ୍ଷମତାକୁ ଆସିଥିଲେ ମଧ୍ୟ କୌଣସି ଦୁର୍ନୀତି କିମ୍ବା ଅନିୟମିତତାର ମାଷ୍ଟରମାଇଣ୍ଡକୁ ଧରିବା ତ ଦୂରର କଥା ବରଂ ବିଜେଡି ଶାସନରେ ଯାହାସବୁ ବେଆଇନ କାର୍ଯ୍ୟ ହୋଇଛି ତାକୁ ଆଇନସିଦ୍ଧ କରିବା ପାଇଁ ପରୋକ୍ଷରେ କାର୍ଯ୍ୟ କରୁଥିବା ଦୀର୍ଘ ୮ମାସର ଶାସନ ଶୈଳୀରୁ ପରୋକ୍ଷରେ ପ୍ରମାଣିତ ହେବାରେ ଲାଗିଛି।

### '୫ ବର୍ଷରେ ...

ସମର୍ପିତ ବୋଲି ରାଜ୍ୟପାଳ କହିଛନ୍ତି। ଏହାସହିତ ରାଜ୍ୟରେ ୮ମାସ ଧରି ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ମିଳିଥିବା ସଫଳତାକୁ ମଧ୍ୟ ରାଜ୍ୟପାଳ ନିଜ ଅଭିଭାଷଣରେ ସ୍ଥାନିତ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ପ୍ରତିକ୍ରିୟା ରଖି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ରାଜ୍ୟପାଳ ଚିରାଚରିତ ଅଭିଭାଷଣ ରଖିଛନ୍ତି ଓ ଏଥିରେ କିଛି ନୂତନତ୍ୱ ନଥିଲା। ରାଜ୍ୟବାସୀଙ୍କ ସ୍ୱାର୍ଥ ସମ୍ବଳିତ କିଛି ନଥିଲା। ଯେଉଁ ସଫଳତା କଥା କହିଛନ୍ତି ତାହା ନବୀନ ପଟ୍ଟନାୟକ ସରକାର ସମୟରେ ହୋଇଥିଲା। ସେହିପରି ବିଜେଡି ବିଧାୟକ ଅରୁଣ ସାହୁ ରାଜ୍ୟପାଳଙ୍କ ଅଭିଭାଷଣରେ କେବଳ ଭାଷାରେ ଅଳଙ୍କାର ଦିଆଯାଇଛି। ଓଡ଼ିଶାର ସାଧାରଣ ଲୋକଙ୍କ ସ୍ୱାର୍ଥ ଉଦ୍ଦିଷ୍ଟ କଥା କହିନାହାନ୍ତି। ବ୍ଲେମ ଗେମ୍ ପୁନରାବୃତ୍ତି ହୋଇଛି। ପୁରୁଣା ଯୋଜନାର ନୂଆ ନାଁ କେବଳ ପଢ଼ିଲେ। ଲୋକଙ୍କ ସମସ୍ୟା ଯେପରି ଦରବୃଦ୍ଧି, ଧାନ କଟନୀଛଟନୀ, ପୋଲାଭରମ, ମହାନଦୀ, ଓଡ଼ିଆ ଅସ୍ମିତା, ଆଇନଶୃଙ୍ଖଳା ଭୁଶୁଡ଼ିବା ଉପରେ ରାଜ୍ୟପାଳ କିଛି କହିଲେ ନାହିଁ। ସରକାର ସବୁବେଳେ ରାଜ୍ୟପାଳଙ୍କ ମୁହଁରେ ମିଛ କୁହାନ୍ତି ବୋଲି ଶ୍ରୀ ସାହୁ କହିଥିଲେ। ସେହିପରି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ରାଜ୍ୟପାଳଙ୍କ ଅଭିଭାଷଣକୁ ସମାଲୋଚନା କରିଥିଲେ। ଖାଲି ଶଗଡ଼କୁ ଦଉଡ଼େଇ ଦଉଡ଼େଇ ନେଉଛନ୍ତି। ଚାଷୀ, ଯୁବକଙ୍କ ପାଇଁ କିଛି ନାହିଁ। ପୋଲାଭରମ-ମହାନଦୀ-କୋଟିଆ, ଖଣି ଚୋରାଲାଣ କଥା କିଛି କହିଲେନି। ସରକାର ଯାହା ଲେଖିଛନ୍ତି ରାଜ୍ୟପାଳ ତାହା ପଢ଼ିଛନ୍ତି ଓ ଏହା ନିନ୍ଦନୀୟ କଥା ବୋଲି ଶ୍ରୀ ବାହିନୀପତି କହିଛନ୍ତି।

### ଲୋକପ୍ରିୟତାରେ ...

ସୋ ଲୋକପ୍ରିୟତାର ପଞ୍ଚମ ସ୍ଥାନରେ ଅଛନ୍ତି। ସର୍ଭେରେ ବାକି ମୁଖ୍ୟମନ୍ତ୍ରୀମାନଙ୍କୁ ମଧ୍ୟ ଜନ ସମର୍ଥନ ମିଳିଛି। ଫଳରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରମୈୟାଙ୍କୁ ୩.୫ ପ୍ରତିଶତ ଭୋଟ ମିଳିଥିବା ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତା ବିଶ୍ୱା ଶର୍ମା ଓ ବିହାର ମୁଖ୍ୟମନ୍ତ୍ରୀ ନିତିଶ କୁମାରଙ୍କୁ ୩.୪ ପ୍ରତିଶତ ଭୋଟ ମିଳିଛି। ତେବେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ୨.୨ ପ୍ରତିଶତ ଭୋଟ ମିଳିଛି। ଏହି ସର୍ଭେର ଫଳାଫଳରୁ ଏହା ସ୍ପଷ୍ଟ ହୋଇଛି ଯେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଶର ୧ ନମ୍ବର ମୁଖ୍ୟମନ୍ତ୍ରୀ। ଆଦିତ୍ୟନାଥ ଜନତାଙ୍କ ପ୍ରଥମ ପସନ୍ଦ ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ମମତା ବାନାର୍ଜୀ ଲୋକପ୍ରିୟତାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏମ.କେ.ଷ୍ଟାଲିନ, ଚନ୍ଦ୍ରବାବୁ ଓ ଦେବେନ୍ଦ୍ର ଫଡନବୀଶ ମଧ୍ୟ ଶୀର୍ଷ ୫ ମୁଖ୍ୟମନ୍ତ୍ରୀଙ୍କ ତାଲିକାରେ ଅଛନ୍ତି। ଏହି ରିପୋର୍ଟରୁ ରାଜ୍ୟମାନଙ୍କ ରାଜନୈତିକ ପରିଦୃଶ୍ୟର ଗୁରୁତ୍ୱପୂର୍ଣ୍ଣ ସଙ୍କେତ ମିଳୁଛି।

## ପୁଲୱାମା ବିସ୍ଫୋରଣରେ ସହିଦ୍ ଯବାନଙ୍କୁ ମନେ ପକାଇ ରାଲି

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକରେ ଥିବା ଗୁରୁକୃପା ପବ୍ଲିକ୍ ସ୍କୁଲ ୨୦୧୯ରେ ହୋଇଥିବା ଜାମ୍ମୁ କାଶ୍ମୀରର ପୁଲୱାମା ବିସ୍ଫୋରଣରେ ଶହୀଦ ଯବାନ ମାନଙ୍କୁ ମନେ ପକାଇ ଏକ ରାଲିର ଆୟୋଜନ ହୋଇଯାଇଛି। ଏହି ରାଲିରେ ବିଦ୍ୟାଳୟର କୁନି କୁନି ପିଲାମାନେ ପୁଲୱାମାରେ ଶହୀଦ ହୋଇଥିବା ଶହୀଦଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ହାତରେ କିଛି ପୋଷ୍ଟର ଧରି ପାପଡାହାଣ୍ଡି ଗ୍ରାମ ପରିକ୍ରମା କରିଥିଲେ। ଏହି ରାଲିରେ ବିଦ୍ୟାଳୟର ଶିକ୍ଷୟତ୍ରୀ ମନୀଷା ପାଇକ, ରଶ୍ମିତା ଭୋଇ, ଲକ୍ଷ୍ମୀ ନାୟକ ପିଲାମାନଙ୍କୁ ଧାଡି କରି ରାସ୍ତାର ବାମ ପଟେ ବହୁତ ସୁନ୍ଦର ଭାବରେ ଶାନ୍ତି ଶୃଙ୍ଖଳାର ସହ ନେଉଥିଲେ। କୁନି କୁନି ପିଲାମାନଙ୍କୁ ବ୍ଲକ ଉନ୍ନୟନ ଅଧିକାରୀ କପିଳ ଦେବ ସାହୁ, ବି ପି ସି ଶଶିକାନ୍ତ ଦାସ, ଜିପିଓ ଅକ୍ଷୟ କୁମାର ପଟ୍ଟନାୟକ ଓ ବ୍ଲକ କର୍ମଚାରୀ ବସଷ୍ଟାଣ୍ଡ ଠାରେ ସ୍ୱାଗତ କରିଥିଲେ ଏବଂ ଶିଶୁଙ୍କୁ ଚକଲେଟ ମଧ୍ୟ ଦେଇଥିଲେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଆଜକୁ ୬ବର୍ଷ ବିତିଗଲା ପରେ ମଧ୍ୟ କିଛି ମାଆ ସେମାନଙ୍କ ପୁଅକୁ, କିଛି ସ୍ତ୍ରୀ ସେମାନଙ୍କ ସ୍ୱାମୀକୁ ଓ କିଛି ଶିଶୁ ସେମାନଙ୍କ ବାପାକୁ ହରାଇ ସେହି ସ୍ମୃତିକୁ ଭୁଲି ପାରୁନାହାନ୍ତି। ଫେବୃଆରୀ ୧୪ କୁ ଭେଲେଣ୍ଟାଇନ ଡେ ଭାବେ ପାଳନ କରାଯାଉଛି, କିନ୍ତୁ ୨୦୧୯ ମସିହାରୁ ଫେବୃଆରୀ ୧୪ ତାରିଖକୁ ଭାରତୀୟ ରାଷ୍ଟ୍ରୀୟ ବଳିଦାନ ସମ୍ମାନ ସମାରୋହ ବା କଳା ଦିବସ ଭାବେ ମଧ୍ୟ ପାଳନ କରାଯାଉଛି।

## ଲୋକକଳା ମହୋତ୍ସବ ଉଦ୍‌ଘାଟିତ

**କୋଣାର୍କ :** ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟ ଦୀପ ପକ୍ଷରୁ ଆୟୋଜିତ ଷଷ୍ଠ ଲୋକ କଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ସାଂସ୍କୃତିକ ସଂଧ୍ୟାର କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲାର ବିଜେପି ସଭାପତି ଦେବେନ୍ଦ୍ର ନାଥ ଶର୍ମା, ନାବାର୍ଡର ଆଞ୍ଚଳିକ ମହା ପ୍ରବନ୍ଧକ ବାଉରିବନ୍ଧୁ ଗୋଛାୟତ, ନାଟ୍ୟ ଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ, ସମାଜସେବୀ ମନୋଜ କୁମାର ନାୟକ, ସମାଜସେବୀ ପ୍ରଫୁଲ୍ଲ କୁମାର ପାତ୍ର, ଗବେଷକ ସଞ୍ଜୟ ବରାଳ ଓ ସମାଜସେବୀ ସୁରେନ କୁମର ପାଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । କଟକର ଲୋକଶାସ୍ତ୍ର କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କୋଣାର୍କର ନାଟ୍ୟ ଦୀପ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୁରୁ ପ୍ରିୟଙ୍କା ଦାଶ ଓ ସାଥିମାନଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ। ଏହି ଅବସରରେ ଲୋକକଳା ମହୋତ୍ସବ ପୂର୍ବରୁ କୋଣାର୍କ ନିକଟସ୍ଥ ରାଉଳପାଟଣାର କୋଣାର୍କ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରି ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନାଟ୍ୟ ଦୀପ ସାଂସ୍କୃତିକ ଅନୁଷ୍ଠାନର ନିର୍ଦ୍ଦେଶକ କାଳନ୍ଦୀ ସ୍ୱାଇଁ, ସହ ନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣା, ମାନସ ବିଶ୍ୱାଳଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ପୁଲୱାମା ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି



**ସମ୍ବଲପୁର :** ଏବିସିଡି ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ କୋଚରୀ ଛକସ୍ଥିତ ସହିତ ସ୍ତମ୍ଭ ଠାରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ପୁଲୱାମା ସହିଦ୍ ମାନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଏଥିରେ ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ଶତନାମୀ ଉପଦେଷ୍ଟା କାର୍ତିକ ପ୍ରସାଦ ବହିଦାର, ଅଧ୍ୟପକ ବିଶ୍ୱଜିତ ମହାନ୍ତି ଶିକ୍ଷକ, ସୁନୀଲ ସାଗର, ମାସୁଦ ଆଲାମ ମୁକେଶ ମେହେର, ଶିବାଶିଷ ନନ୍ଦ, ଅଜୟ କୁମାର ସାହୁ ଉପସ୍ଥିତ ରହିଥିଲେ।

## ଭତ୍ତା ହଡ଼ପ,ବ୍ଲକ ଉପାଧ୍ୟକ୍ଷଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପାଟି ଗ୍ରାମ ପଞ୍ଚାୟତର ସମିତିସଭ୍ୟ ତଥା ଅସ୍ତରଙ୍ଗ ବ୍ଲକ ଉପାଧ୍ୟକ୍ଷ ନିଜର କ୍ଷମତାକୁ ଅପ ବ୍ୟବହାର କରି ନିଜ ସୁସ୍ଥ ପତ୍ନୀ ଓ ସୁସ୍ଥ ପୁତ୍ରଙ୍କ ନାମରେ ଅର୍ଡର ନଂ (୬୭୫୧) ୮/୮/୨୦୨୩ ରେ ଭିନ୍ନକ୍ଷମ ଭତ୍ତା କରାଇବା ସହିତ ବ୍ଲକର କେତେକ ପଞ୍ଚାୟତ ରେ ସୁସ୍ଥ ଲୋକମାନଙ୍କୁ ଭିନ୍ନକ୍ଷମ ଭତ୍ତା କରାଇଥିବା ଗୁରୁତର ଅଭିଯୋଗ କରିଛନ୍ତି, କେନ୍ଦ୍ରାପାଟି ଗ୍ରାମର ସୂଚନା ଅଧିକାର କର୍ମୀ ଅକ୍ଷୟ କୁମାର ଦାସ। ପୁରୀ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀରେ ଶ୍ରୀ ଦାସ ଜଣାଇବା ପରେ ଘଟଣାର ତଦନ୍ତ କରିବା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ସସକ୍ତୀକରଣ ବିଭାଗ ଅଧିକାରୀ (ଡିଏସ୍ଏସ୍ଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାଟି ଅସ୍ତରଙ୍ଗ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଅଗ୍ନିକାଣ୍ଡରେ ଜଳିଗଲା ଗାଡି ଗ୍ୟାରେଜ



**ଅସ୍ତରଙ୍ଗ :** ଅସ୍ତରଙ୍ଗ ବଜାର ନୂତନ ଥାନା ଛକ ନିକଟରେ ଥିବା ଏକ ଗାଡି ଗ୍ୟାରେଜରେ ଅଗ୍ନିକାଣ୍ଡ ଘଟି ଗ୍ୟାରେଜ ଭିତରେ ଥିବା ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ସୂଚନା ମୁତାବକ ଉକ୍ତ ଗ୍ୟାରେଜ ମାଲିକ ଅସ୍ତରଙ୍ଗ ଖଣ୍ଡିବେଲାରୀ ଗ୍ରାମର ପ୍ରଦୀପ୍ତ ପଢ଼ିଆରୀ ଯେତେବେଳେ ଉକ୍ତ ଗ୍ୟାରେଜରେ ନିଆଁ ଲାଗିଲା ହଠାତ ବଜାର ସମ୍ପୂର୍ଣ୍ଣ ଧୂଆଁ ମୟ ହୋଇଥିଲା। ଆଉ ଲୋକ ମାନେ ଦେଖିଲା ବେଳକୁ ଦୋକାନଟି ହୁତୁ ହୁତୁ ହୋଇ ଜଳୁଛି। ଏହାପରେ ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ମାତ୍ର ସଫଳ ନେହେବାରୁ ସ୍ଥାନୀୟ ଦମକଳ କେନ୍ଦ୍ରକୁ ଯୋଗାଯୋଗ କରିଥିଲେ। ଦମକଳ ବାହିନୀ ପହଞ୍ଚି ଉକ୍ତ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଉକ୍ତ ବ୍ୟବସାୟୀଙ୍କୁ କ୍ଷତିପୂରଣ ଦେବା ପାଇଁ ସାଧାରଣରେ ଦାବୀ କରାଯାଇଛି।

## ଡାବୁଗାଁରେ ମାଘ ମଣ୍ଡେଇ ପାଳିତ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମା ଠାରେ ଆଦିବାସୀ ମାନଙ୍କ ପାରମ୍ପାରିକ ମାଘ ମଣ୍ଡେଇ ଗୁରୁବାର ପାଳିତ ହୋଇଯାଇଛି। ତୁରୀ, ବାଦ୍ୟ, ଢୋଲ, ମାଦଳ ବାଦ୍ୟର ତାଳେତାଳେ ଶେଷ ହୋଇଛି ଏହି ପାରମ୍ପାରିକ ମାଘ ମଣ୍ଡେଇ ଉତ୍ସବ। ଏଥିରେ ଡାବୁଗାଁ ବ୍ଲକ ସମେତ ଆଖପାଖ ୧୫୦ଟି ଗ୍ରାମରୁ ଲାଠି, କୁର୍ଚି ଓ ପାଲିଙ୍କି ଭୈରବ ମନ୍ଦିରରେ ପୂଜାର୍ଚ୍ଚନ ହୋଇଥିଲା। ପରେ ଅପରାହ୍ନରେ ସମସ୍ତ ଲାଠି, କୁର୍ଚି ନଗର ପରିକ୍ରମା କରି ଭୈରବ ମନ୍ଦିରରେ ଏକତ୍ରିତ ହୋଇଥିଲେ। ପୂଜାରୀ, ଶିରା ଓ ଦିଶାରିମାନେ ସାଜସଜା ହୋଇ ଖଣ୍ଡା ଧରି ନୃତ୍ୟ ପରିବେଷଣ କରିଥିଲେ। ଲାଠି, କୁର୍ଚି, ଶିରା, ଦିଶାରି ମାନେ ବାଦ୍ୟର ତାଳେ ତାଳେ ନୃତ୍ୟ କରି ବଜାର ପରିକ୍ରମା କରି ମନ୍ଦିର ଠାରେ ପହଞ୍ଚିଥିଲେ। ଶୁକ୍ରବାର ଲାଠି, କୁର୍ଚି ଓ ଶିରା ପୂଜାରୀ ମାନଙ୍କୁ ନୂତନ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ବିଦାୟ ଦିଆଯିବ। ଏହି ମଣ୍ଡେଇ ପାଳନରେ ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ ରାତ୍ରିରେ ଦେଶୀଆ ନାଟ ଯଥା :- ମାଲକାନଗିରି ଜିଲ୍ଲା ଗଲିଆଗୁଡା ଗ୍ରାମର କର୍ଣ୍ଣ ଗୁରୁ ଙ୍କ ନିର୍ଦ୍ଦେଶିତ "କେଉଁ ଭୁଲ ପାଇଁ ଦୁଃଖ ପାଉଛି" ଓ ଡାବୁଗାଁ ବ୍ଲକ ଅଧୀନ ପୂଜାରିଗୁଡା ଗ୍ରାମର ଦାମ ଗୁରୁଙ୍କ ନିର୍ଦ୍ଦେଶିତ "ଏମିତି ପ୍ରେମ କାହିଁକି କଲି" ୨ ଟି ଆଦିବାସୀ ନାଟକ ପରିବେଷଣ କରାଯାଇଛି। ଏଥିରେ ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲ୍ଲାପରିଷଦ ସଭ୍ୟ ଗୁପ୍ତ ବିଶୋଇ, ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ବାବି ଜେନା ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ଭାବେ ବିନୋଦ ସୌରା, ଉପସଭାପତି ସତ୍ୟରଞ୍ଜନ ପାତ୍ର, ସମ୍ପାଦକ ସୁରେନ୍ଦ୍ର ରେଲି, ରାମକୁମାର ଗଣ୍ଡ, ବିଶ୍ୱରଞ୍ଜନ ରାୟପାତ୍ର, କୁନୁ ପାତ୍ର, ଶାନ୍ତି ସୁନା, ତରଣୀ ରେଲୀ, ଜିତୁ ରେଲୀ, ମନୁ ରେଲୀ, ଟୁନା ଭାଟ, ବୁନୁ ଜାନୀ, ଭୈରବ ରାଓ ଓ ଅନ୍ୟ ମାନେ ପରିଚାଳନା କରିଥିଲେ।





# ଫଗୁଣରେ ଫଗୁଣ...

ପ୍ରେମାନନ୍ଦ ପାଣିଗ୍ରାହୀ

ସକଳ ସୃଷ୍ଟିର ଆଧାର ସୂର୍ଯ୍ୟ ବର୍ଷକୁ ଦୁଇଟି ଯାତ୍ରା କରନ୍ତି । ଗୋଟିଏ ଦକ୍ଷିଣାୟନ ଯାତ୍ରା ଓ ଅନ୍ୟଟି ଉତ୍ତରାୟଣ ଯାତ୍ରା। ବର୍ଷା କାଳରେ ସୂର୍ଯ୍ୟ ଦକ୍ଷିଣାୟନ ଯାତ୍ରା କରୁଥିବା ବେଳେ ମାଘ ସଂକ୍ରାନ୍ତି ଯାହାକୁକି ମକର ସଂକ୍ରାନ୍ତି କୁହାଯାଏ, ସେଦିନ ଠାରୁ ସୂର୍ଯ୍ୟ ଉତ୍ତରାୟଣ ଗମନ କରନ୍ତି । ମାଘ ପରେ ଆସେ ଫାଲଗୁନ। ରାଶି ଗଣନାନୁଯାୟୀ ଫାଲଗୁନ କୁମ୍ଭ ମାସ। ଆଦିମ କାଳରେ ଭାରତର ନରନାରୀ ଚନ୍ଦ୍ରକୁ ଦେଖି ମାସ ଗଣନା କରୁଥିଲେ । ଭାରତର ଯେକୌଣସି ହିନ୍ଦୁ ଚାନ୍ଦ୍ର ମାସ ନକ୍ଷତ୍ରକୁ କେନ୍ଦ୍ର କରି ଗଢି ଉଠିଛି। ମୋଟ ୨୭ଟି ନକ୍ଷତ୍ର ମଧ୍ୟରୁ ଫାଲଗୁନ ମାସରେ ଫାଲଗୁନୀ ନକ୍ଷତ୍ର ଅବସ୍ଥାନ କରନ୍ତି। ଫାଲଗୁନୀ ନକ୍ଷତ୍ର ପୁଣି ଉତ୍ତରା ଫାଲଗୁନୀ ଓ ପୂର୍ବ ଫାଲଗୁନୀ ଦୁଇ ନାମ ବିଶିଷ୍ଟ। ପ୍ରତ୍ୟେକ ଦୁଇ ଦୁଇଟି ତାରା ସହ ସଂଯୁକ୍ତ ହୋଇ ଆକାଶରେ ଅବସ୍ଥାନ କରନ୍ତି। ତେଣୁ ସୂର୍ଯ୍ୟଙ୍କର ଉତ୍ତରାୟନ ଯାତ୍ରା ବସନ୍ତ ଋତୁରେ ହେଉଥିବାରୁ ଏହା ଏକ





ଶୁଭ ସମୟ । ଫାଲଗୁନକୁ ସୁବର୍ଣ୍ଣ ମାସ ମଧ୍ୟ କୁହାଯାଏ। ଧରାପୃଷ୍ଠକୁ କ୍ରମାନ୍ୱୟରେ ଛଅଟି ଋତୁର ଆଗମନ ପ୍ରକୃତିର ଏକ ଶୃଙ୍ଖଳିତ ପ୍ରକ୍ରିୟା। ଯୁଗଯୁଗ ଧରି ଏହି ଧରାବନ୍ଧା ନିୟମ ଆପଣାଛାଏଁ ଚାଲି ଆସିଛି । ମଣିଷର ଜୀବନଶୈଳୀ ସହିତ ଋତୁମାନଙ୍କର ପରିକ୍ରମା ଓ ପ୍ରକୃତିର ସୁଷମା ଅଙ୍ଗାଙ୍ଗୀ ଭାବେ ଜଡିତ। ପ୍ରତ୍ୟେକ ଋତୁର ଆଗମନ ଧରାପୃଷ୍ଠରେ ଆଣିଥାଏ ସ୍ୱତନ୍ତ୍ର ମାଧୁର୍ଯ୍ୟ। ଶୀତରେ ସନ୍ତାପିତ ପ୍ରକୃତି ଯେପରି ନୂଆଜୀବନ ପାଇଥାଏ। ଶୀତ ଓ ଗ୍ରୀଷ୍ମର ସନ୍ଧିକାଳରେ ବସନ୍ତ ଋତୁ ଋତୁରାଜ ବସନ୍ତର କାଉଁରୀ ସ୍ପର୍ଶରେ ନବେଯୌବନା ପ୍ରକୃତି। ପରମ ଶାସ୍ତ୍ର ଶ୍ରୀମଦ୍ ଭଗବତଗୀତାରେ କୁହାଯାଇଛି-ମାସାନାଂ ମାର୍ଗଶୀର୍ଷୋହଂ ଋତୁଣାଂ କୁସୁମାକରଃ। ଅର୍ଥାତ ଭଗବାନ ଶ୍ରୀକୃଷ୍ଣ ମାର୍ଗଶୀର ମାସକୁ ଶ୍ରେଷ୍ଠ ମାସ ଏବଂ ଫାଲଗୁନ ଓ ଚୈତ୍ର ମାସକୁ ଉନ୍ମେଷ ବା ଉଲ୍ଲାସକାରୀ ମାସ ଭାବରେ ବର୍ଣ୍ଣନା କରିଛନ୍ତି । ଫଗୁଣରେ ଜଡ ଠାରୁ ଆରମ୍ଭ କରି ଚେତନ ପର୍ଯ୍ୟନ୍ତ ସମଗ୍ର ପ୍ରକୃତି ଉପରେ ସୃଷ୍ଟି ହୁଏ ନବ ଜୀବନର ଏକ ଶିହରଣ। ପ୍ରକୃତିର ଏହି ମଧୁର ସ୍ପର୍ଶ ମନୁଷ୍ୟ, ପଶୁପକ୍ଷୀ ସମସ୍ତଙ୍କ ମନରେ



ସେହିପରି ଆଣିଥାଏ ନାତିଶୀତୋଷ୍ଣ ବାତାବରଣ। ଦିନରେ ସାମାନ୍ୟ ଗରମ ଓ ରାତିରେ ମହୁଲିଆ ଶୀତ ଅନୁଭୂତ ହୁଏ। ଧୂସର ଶୀତକୁ ଆଡେଇ ଧରାରେ ପାଦ ଥାପିଛି ରଙ୍ଗମୟ ବସନ୍ତ। ମଳୟ ପବନ, ନବକିଶଳୟ ଯୁକ୍ତ ପ୍ରକୃତିର ରଙ୍ଗରୂପ ସହିତ ବିଭିନ୍ନ ଫୁଲର ସୌନ୍ଦର୍ଯ୍ୟ ଓ ସୁଗନ୍ଧ ମନକୁ ମୋହି ନେଇଥାଏ। ରାସ୍ତା କଡ ପଳାଶ ଗଛରେ ଉଙ୍କି ମାରୁଛି ନାଲି ଟହଟହ ହସର ଜୁଆର। ଏହାକୁ ଆହୁରି ସରସସୁନ୍ଦର କରେ ଆମ୍ର କାନନରେ ଲୁଚି ରହି କୁହୁକୁହୁ ତାନରେ ପ୍ରକୃତିକୁ ଉଲ୍ଲସିତ କରୁଥିବା କୋକିଳର କୁହୁତାନ। ପାଦପମାନେ ବସନ୍ତ ଋତୁରେ ଶ୍ୟାମଳ ବର୍ଣ୍ଣ ଧାରଣ କରି ନିଜର ଶୋଭାବର୍ଦ୍ଧନ କରନ୍ତି । ଶୀତର ପ୍ରକୋପରେ ନଷ୍ଟ ହୋଇଯାଇଥିବା ପଦ୍ମ ପୁଷ୍କରିଣୀ ପୁଣି ଥରେ ପୁଷ୍ପବାନ ହୁଏ। ବସନ୍ତ ଋତୁ ହେଉଛି ଶାନ୍ତି,ଆନନ୍ଦ ଓ ଆକର୍ଷଣର ଋତୁ। ଫାଲଗୁନ ଓ ଚୈତ୍ର ମାସରେ ପ୍ରକୃତି ବସନ୍ତ ଋତୁର ସୌନ୍ଦର୍ଯ୍ୟରେ ଭରପୁର ହୋଇଯାଏ । ତେଣୁ ଏହାକୁ ଋତୁରାଜ କୁହାଯାଏ। ଭରିଦିଏ ଅଫୁରନ୍ତ ଆନନ୍ଦ। ଋତୁରାଜ ବସନ୍ତର ଅନ୍ୟ ନାମ ମଧୁକାଳ। ଏ ଋତୁରେ ବୃକ୍ଷରେ ମଧୁ ପୁଣି ଫୁଲରେ ବି ମଧୁ । ଭାବରେ ମଧୁ ପୁଣି ଭାଷାରେ ବି ମଧୁ। ମଧୁ କାଳରେ ବାୟୁ ମଧୁର ହୁଏ, ନଦୀ ମଧୁର ଜଳ ପ୍ରଦାନ କରେ । ବୃକ୍ଷଲତା ମଧୁର ଶସ୍ୟ,ଫଳ ବିତରଣ କରନ୍ତି। ମଧୁରତା ଦ୍ୱାରା ତିକ୍ତ ପଦାର୍ଥ ମଧ୍ୟ ମଧୁର ହୁଏ। ମଧୁକ୍ଷରା ମଧୁ ମାସରେ ବସନ୍ତର ସଞ୍ଜିବନୀ ସ୍ପର୍ଶରେ ଉଦ୍‌ଜିବୀତ ହୋଇଉଠେ ବହୁ ସ୍ମୃତି । ମନୁଷ୍ୟର ସମସ୍ତ ତିକ୍ତତା ଆଉ ରିକ୍ତତା ମଧୁମୟ ବାତାବରଣରେ ଲୁଚିଯାଏ। ବସନ୍ତ ଋତୁ ସଂଯୋଗର ଋତୁ,ସମ୍ଭୋଗର ଋତୁ ଓ ସୃଜନଶୀଳତାର ଋତୁ। ବସନ୍ତ ଆସିଲେ ମନରେ ଭରିଯଏ ଉନ୍ମାଦନା। ସବୁ ଦୁଃଖକଷ୍ଟ ଭୁଲି ଜୀବନକୁ ଉପଭୋଗ କରିବାକୁ ସୁଯୋଗ ଦିଏ ଏହି ଋତୁ । ଅମର କବି ଜୟଦେବ ଏହି ଅନିର୍ବଚନୀୟ ଶୋଭାକୁ ରୂପ ଦେବାକୁ ଯାଇ ଲେଖିଛନ୍ତି-ଲଳିତ-ଲବଙ୍ଗଲତା-ପରିଶୀଳନ କୋମଳ ମଳୟ ସମୀରେ। ମଧୁକର ନିକର କରମିତ କୋକିଳ କୂଜିତ କୁଞ୍ଜ କୁଟୀରେ। ଫଗୁଣର ମହକରେ କବି, ଲେଖକ, ଭାବୁକଙ୍କ ଲେଖନୀ ଚଳଚଞ୍ଚଳ



ହୋଉଠେ। ଫାଲଗୁନ ମାସରେ ଭଗବାନ ବିଷ୍ଣୁ ଶ୍ରୀ ଗୋବିନ୍ଦ ରୂପରେ ଆରାଧିତ ହୋଇଥାନ୍ତି। ଏହି ମାସର ଅଧିପତି ସ୍ୱୟଂ ଗୋବିନ୍ଦ। ତେଣୁ ଏହା ଦୋଳଗୋବିନ୍ଦଙ୍କ ମାସ। ଫାଲଗୁନ ମାସରେ ଭଗବାନ ଶ୍ରୀକୃଷ୍ଣଙ୍କର ପୂଜାଉପାସନା ବିଶେଷ ଫଳପ୍ରଦ ହୋଇଥାଏ । ଏହି ମାସରେ କୃଷ୍ଣଙ୍କର ବାଲ୍ୟ,ଯୁବା ଓ ଗୁରୁ ଏହି ତିନୋଟି ସ୍ୱରୂପକୁ ଉପାସନା କରିବାର ପରମ୍ପରା ରହିଛି। ଏହି ଫଗୁଣ ମନରେ ଭରି ଦିଏ କୃଷ୍ଣ ଚେତନାର ଅଫୁରନ୍ତ ପୁଲକ ।

ଫାଲଗୁନ ମାସରେ ବସନ୍ତର ରଙ୍ଗରେ ଦିଅଁବି ମତୁଆଲା ହୁଅନ୍ତି। ମାନବୀୟ ଲୀଳାରେ ତଲ୍ଲୀନ ହେବାକୁ ଦେଉଳ ଛାଡି ସେ ଆସନ୍ତି ମେଳନ ପଡିଆକୁ । ଭାରତୀୟ ପରମ୍ପରାରେ ଦୋଳ ପୂର୍ଣ୍ଣିମାକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ। ଯାହା ରାଜ ଦୋଳ ଓ ପଞ୍ଚୁ ଦୋଳ । ଫାଲଗୁନ ଶୁକ୍ଳ ଦଶମୀ ଠାରୁ ଅନୁଷ୍ଠିତ ହୋଇ ପୂର୍ଣ୍ଣିମା ଦିନ ସମାପ୍ତ ଦୋଳକୁ ରାଜ ଦୋଳ କୁହାଯାଉଥିବା ବେଳେ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ କୃଷ୍ଣ ପଞ୍ଚମୀ ପର୍ଯ୍ୟନ୍ତ ପାଳିତ ଦୋଳକୁ ପଞ୍ଚୁଦୋଳ କୁହାଯାଇଥାଏ। ଏମିତିରେ ତ୍ରିଦୋଳ, ପଞ୍ଚୁ ଦୋଳ, ସାତ ଦୋଳ, ଦଶ ଦୋଳ ଭଳି ମେଳନର ବିଧି ଅଛି। ଫାଲଗୁନ ଶୁକ୍ଳ ଦଶମୀ ତିଥି ଠାରୁ ଦୋଳଯାତ୍ରା ସାଧରଣତଃ ଆରମ୍ଭ ହୋଇଥାଏ । ରାଧାକୃଷ୍ଣ ମନ୍ଦିରଗୁଡିକ ଏହି ଦିନ ଠାରୁ ଉତ୍ସବମୁଖର ହୋଇଉଠେ। ଫଗୁ ଦଶମୀ ଠାରୁ ଠାକୁର ସିଂହାସନ ଛାଡି ଭକ୍ତର ଦ୍ୱାରରୁ ଦ୍ୱାରକୁ ଯାଆନ୍ତି। ଭକ୍ତ ନିକଟକୁ ଯାଇ ତାର ଭକ୍ତି ନୈବେଦ୍ୟ ଗ୍ରହଣ କରନ୍ତି । ଭକ୍ତ ଓ ଭଗବାନ ଏକ ଓ ଅଭିନ୍ନ ହୋଇଯାଆନ୍ତି । ଭକ୍ତମାନଙ୍କ ପକ୍ଷରୁ ଭଗବାନଙ୍କୁ ଅର୍ପଣ କରାଯାଉଥିବା ଭୋଗକୁ ଦ୍ୱାରୀ ଭୋଗ କୁହାଯାଏ । ଭଗବାନ ସର୍ବଦା ଭକ୍ତଙ୍କର, ଏହାକୁ ପ୍ରତିପାଦିତ କରିବା ପାଇଁ ବୋଧହୁଏ ଦ୍ୱାରୀ ଭୋଗର ପରିକଳ୍ପନା। ଭକ୍ତମାନେ ସବୁବେଳେଠାକୁରଙ୍କୁ ଦର୍ଶନ କରୁଥିଲେ ମନ୍ଦିରରେ। ନୈବେଦ୍ୟ ଅର୍ପଣ କରୁଥିଲେ ଠାକୁରଙ୍କ ପୀଠସ୍ଥଳୀରେ । ଦୋଳ ବିମାନରେ ଭକ୍ତ ଭଗବାନଙ୍କୁ ଦର୍ଶନ କରେ ନିଜ ପାଖରେ। ପଦ୍ମ ପୁରାଣ ଅନୁସାରେ ବିମାନରେ ଭଗବାନ ଶ୍ରୀକୃଷ୍ଣଙ୍କର ଏହି ରୂପକୁ ଦର୍ଶନ କଲେ ସର୍ବ ପାପରୁ







ମୁକ୍ତି ମିଳେ। ତେଣୁ କୁହାଯାଇଛି-ଦୋଳେ ଚ ଦୋଳଗୋବିନ୍ଦଂ, ଚାପେ ଚ ମଧୁସୂଦନଂ । ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନବିଦ୍ୟତେ। ଅର୍ଥାତ ଦୋଳଯାତରେ ବିମାନରେ ଗୋବିନ୍ଦ,ଚାପ ଖେଳରେ ମଧୁସୂଦନ ଓ ରଥରେ ପ୍ରଭୁ ଜଗନ୍ନାଥଙ୍କୁ ଦେଖିଲେ ଭକ୍ତର ସମସ୍ତ ପାପ କ୍ଷୟ ହୁଏ ଓ ମୋକ୍ଷ ପ୍ରାପ୍ତ ହୁଏ ।

ଫଗୁଣ ଆସିଲେ ଧରାପୃଷ୍ଠ ରଙ୍ଗବେରଙ୍ଗର ଫଗୁରେ ରଙ୍ଗାୟିତ ହୋଇଉଠେ। ସତେଯେପରି ଇନ୍ଦ୍ରଧନୁର ସପ୍ତରଙ୍ଗର ଓଢଣୀକୁ ଧରାପରଷ୍ଠକୁ ଟାଣି ଆଣିଛି ଫଗୁଣ । ଦେବ-ଦାନବ ସବୁରି ଦେହରେ ରଙ୍ଗର ତରଙ୍ଗ । ପ୍ରକୃତି ମଧ୍ୟ ରଙ୍ଗମୟ ହୋଇଉଠେ । ଦୋଳ ମେଳନର ସବୁଠୁ ବଡ ଆକର୍ଷଣ ହେଉଛି ରାଧାକୃଷ୍ଣଙ୍କ ଫଗୁ ଖେଳ । ହୋଲି ପର୍ବ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀରାଧାଙ୍କ ପବିତ୍ର ପ୍ରେମର ନିଦର୍ଶନ । ବଡଠାକୁରଙ୍କ ଠାରୁ ଆରମ୍ଭ କରି ସାରା ଦେଶବାସୀ ପରସ୍ପର ଉପରେ ରଂଗ ଓ ଅବିର ବୋଳି ଖୁସି ମନାଇଥାନ୍ତି। ଚାରିଆଡେ ରଙ୍ଗର ପସରା ସହ ନାଲି ,ନୀଳ,ଗୋଲାପି,ସବୁଜ ରଙ୍ଗରେ ରଙ୍ଗୀନ ପରିବେଶ । ଏହି ରଙ୍ଗର ପର୍ବରେ ନଥାଏ ପରଆପଣାର ଭେଦଭାବ। ଫଗୁ,ଅବିରକୁ ସୁଖ,ସୌଭାଗ୍ୟର ପ୍ରତୀକ ଭାବରେ ବିବେଚନା କରାଯାଏ। ଫଗୁଣର ସ୍ମୃତି ରହିଯାଏ ପୁଣି ଗୋଟିଏ ବରଷକୁ।

*ଭୁଷଳ,ଭୁବନ, ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*

ବସନ୍ତ ଆସିଲେ ମନରେ ଭରିଯଏ ଉନ୍ମାଦନା। ସବୁ ଦୁଃଖକଷ୍ଟ ଭୁଲି ଜୀବନକୁ ଉପଭୋଗ କରିବାକୁ ସୁଯୋଗ ଦିଏ ଏହି ଋତୁ । ଅମର କବି ଜୟଦେବ ଏହି ଅନିର୍ବଚନୀୟ ଶୋଭାକୁ ରୂପ ଦେବାକୁ ଯାଇ ଲେଖିଛନ୍ତି-ଲଳିତ-ଲବଙ୍ଗଲତା-ପରିଶୀଳନ କୋମଳ ମଳୟ ସମୀରେ । ମଧୁକର ନିକର କରମିତ କୋକିଳ କୂଜିତ କୁଞ୍ଜ କୁଟୀରେ। ଫଗୁଣର ମହକରେ କବି, ଲେଖକ, ଭାବୁକଙ୍କ ଲେଖନୀ ଚଳଚଞ୍ଚଳ ହୋଉଠେ। ଫାଲଗୁନ ମାସରେ ଭଗବାନ ବିଷ୍ଣୁ ଶ୍ରୀ ଗୋବିନ୍ଦ ରୂପରେ ଆରାଧିତ ହୋଇଥାନ୍ତି। ଏହି ମାସର ଅଧିପତି ସ୍ୱୟଂ ଗୋବିନ୍ଦ। ତେଣୁ ଏହା ଦୋଳଗୋବିନ୍ଦଙ୍କ ମାସ। ଫାଲଗୁନ ମାସରେ ଭଗବାନ ଶ୍ରୀକୃଷ୍ଣଙ୍କର ପୂଜାଉପାସନା ବିଶେଷ ଫଳପ୍ରଦ ହୋଇଥାଏ । ଏହି ମାସରେ କୃଷ୍ଣଙ୍କର ବାଲ୍ୟ,ଯୁବା ଓ ଗୁରୁ ଏହି ତିନୋଟି ସ୍ୱରୂପକୁ ଉପାସନା କରିବାର ପରମ୍ପରା ରହିଛି। ଏହି ଫଗୁଣ ମନରେ ଭରି ଦିଏ କୃଷ୍ଣ ଚେତନାର ଅଫୁରନ୍ତ ପୁଲକ ।



# ରାଜ୍ୟରେ ମନରେଗା ଲକ୍ଷ୍ୟଚ୍ୟୁତ



**ଭୁବନେଶ୍ୱର:** ସ୍ୱଳ୍ପ ମଜୁରୀ ଓ ପର୍ଯ୍ୟାପ୍ତ କର୍ମନିଯୋଜନରେ ଅଭାବ ରାଜ୍ୟରେ ମହାତ୍ମା ଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା)କୁ ଲକ୍ଷ୍ୟଚ୍ୟୁତ କରିଛି। ଏହାର ପ୍ରଭାବ ପରୋକ୍ଷରେ ରାଜ୍ୟରେ ଦାଦନ ସମସ୍ୟା ବଢ଼ାଇବାରେ ସହାୟକ ହେଉଛି। ଅନ୍ୟ ରାଜ୍ୟର ମନରେଗା ଶ୍ରମିକଙ୍କ ତୁଳନାର ଓଡ଼ିଶାର ଶ୍ରମିକ କମ୍ ମଜୁରୀ ପାଉଛନ୍ତି। ତଥାପି ସେମାନଙ୍କୁ ସରକାର କାମ ଯୋଗାଇବାକୁ ସମର୍ଥ ହୋଇ ପାରିନାହାନ୍ତି। ଗତବର୍ଷ ମନରେଗାରେ ରାଜ୍ୟରେ ୧୭.୬୧ କୋଟି ଶ୍ରମଦିବସ ସୃଷ୍ଟି ହୋଇଥିବାବେଳେ ଚଳିତ ବର୍ଷ ଏହା ୧୦କୋଟି ବି ଅତିକ୍ରମ କରିପାରି ନାହିଁ। ସେହିପରି ଗତବର୍ଷ ରାଜ୍ୟର ୩.୩୯ ଲକ୍ଷ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଥିବାବେଳେ ଚଳିତ ବର୍ଷ ୧.୪୯ ଲକ୍ଷ ପରିବାର ପାଇଛନ୍ତି ୧୦୦ ଦିନର କାମ। ଯାହା ଫଳରେ ଲୋକମାନେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି; ସର୍ଦ୍ଦାର ଓ ନିଯୁକ୍ତିଦାତାଙ୍କ ନିର୍ଯାତନା ସହି ନପାରି ପ୍ରାଣ ହରାଉଛନ୍ତି। ପ୍ରତିଦିନ ଓଡ଼ିଶାକୁ ଅନ୍ୟ ରାଜ୍ୟରୁ ଦାଦନଙ୍କ ପୁଟୁଳିବନ୍ଧା ଶବ ଗାଁକୁ ଫେରୁଥିବା ଦେଖାଯାଉଛି। ଦାଦନ ଚାଲାଣ ରୋକିବା ଦିଗରେ ସବୁଠାରୁ ବଡ଼ ମାଧ୍ୟମ କୁହାଯାଉ ଥିବା ମନରେଗାର କାର୍ଯ୍ୟାନ୍ୱୟନରେ ସରକାର ବିଫଳତା ଚିନ୍ତାର କାରଣ ସାଜିଛି। ଦାଦନ ଚାଲାଣ ରୋକିବା ପାଇଁ ନୂଆ ସରକାର ଟାସ୍କ ଫୋର୍ସ ଗଠନ କରିଥିବା ବେଳେ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ କମିଟି ଗଠନ ଉପରେ ଗୁରୁତ୍ୱ ଦେଉଛନ୍ତି; କିନ୍ତୁ ଗରିବ ଲୋକଙ୍କୁ କିପରି କର୍ମନିଯୋଜନ ପ୍ରଦାନ କରିବେ ତାହା ଉପରେ ସରକାର ଗୁରୁତ୍ୱ ନ ଥିବା ଅଭିଯୋଗ ହୋଇଛି। ମନରେଗା ଶ୍ରମିକଙ୍କୁ ପଞ୍ଜାବରେ ୩୨୨ ଟଙ୍କା, ଆନ୍ଧ୍ରରେ ୩୦୦ ଟଙ୍କା, କର୍ଣ୍ଣାଟକରେ ୩୪୯ ଟଙ୍କା, କେରଳରେ ୩୪୬ ଟଙ୍କା, ଗୋଆରେ ୩୫୬ ଟଙ୍କା, ତାମିଲନାଡୁରେ ୩୧୯ ଟଙ୍କା, ତେଲେଙ୍ଗାନାରେ ୩୦୦ ଟଙ୍କା, ନିକୋବାରରେ ୩୪୭ ଟଙ୍କା, ହରିଆନାରେ ୩୭୪ ଟଙ୍କା, ମହାରାଷ୍ଟ୍ରରେ ୨୯୭ ଟଙ୍କା, ସିକ୍କିମ୍ରେ ୩୭୪ ଟଙ୍କା ମଜୁରୀ ମିଳୁଛି। ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ରାଜ୍ୟରେ ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ୩୫୧କୁ ବୃଦ୍ଧି କରିଥିଲେ ସୁଦ୍ଧା ଏବେ ବି ମନରେଗା ଶ୍ରମିକଙ୍କୁ ମାତ୍ର ୨୫୪ ଟଙ୍କା ମଜୁରୀ ପ୍ରଦାନ କରାଯାଉଛି। ମନରେଗାରେ ଓଡିଶାର ଶ୍ରମିକମାନଙ୍କୁ ଦୈନିକ ୩୦୦ ଦିନ ପର୍ଯ୍ୟନ୍ତ କାମ ଯୋଗାଇ ଦେବା ପାଇଁ ସରକାରୀସ୍ତରରେ ହୋଇଥିବା ନିଷ୍ପତ୍ତି ଫାଇଲ ଭିତରେ ଅଟକି ଯାଇଛି। ଯେଉଁଠି ମୋଟ ପଞ୍ଜୀକୃତ ଶ୍ରମିକଙ୍କ ମଧ୍ୟରୁ ୫%ଙ୍କୁ ୧୦୦ ଦିନ କାମ ଯୋଗାଇ ଦିଆଯାଇ ପାରୁନାହିଁ, ସେଠାରେ ୩୦୦ ଦିନ କାମ ଯୋଗାଣ ତ ସ୍ୱପ୍ନ। ଅପରପକ୍ଷେ ଦଲାଲ ଏବଂ ଅଫିସରଙ୍କ ମଧୁଚନ୍ଦ୍ରିକା ଶ୍ରମିକମାନଙ୍କ ଉପରେ ବୋଝକୁ ଆହୁରି ବଢ଼ାଇ ଦେଇଛି। ଗତ ନଭେମ୍ବର ମାସରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଦାଦନପ୍ରବଣ ଅଞ୍ଚଳରେ ଲୋକଙ୍କୁ କ'ଣ କାମ ଦିଆଯିବ ତାହାର ନିଷ୍ପତ୍ତି ଜିଲ୍ଲା ପ୍ରଶାସନ ଉପରେ ଛାଡ଼ି ଦିଆଯାଇଥିଲା। ହେଲେ ଆଜି ଯାଏଁ ଜିଲ୍ଲା ସ୍ତରରୁ କ'ଣ ପ୍ରସ୍ତାବ ଆସିଲା ତାହାର ଉତ୍ତର କାହା ପାଖରେ ନାହିଁ।

### ଆସିବ ନୂଆ ଅବକାରୀ ନୀତି

## ବିଷାକ୍ତ ମଦ କାରବାର ରୋକିବାକୁ ଗୁରୁତ୍ୱ



**ଭୁବନେଶ୍ୱର :** ରାଜ୍ୟରେ ନୂଆ ଅବକାରୀ ନୀତି ୨୦୨୫-୨୬ ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ। ଏନେଇ ଫର୍ଚ୍ୟୁନ୍ ଟାୱାରସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ କିମ୍ବା ଅସୁସ୍ଥତାକୁ ସରକାର କୌଣସି ପରିସ୍ଥିତିରେ ଗ୍ରହଣ କରି ପାରିବେ ନାହିଁ। ଏହିଭଳି ବେଆଇନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିସମୂହଙ୍କୁ କଡ଼ା ଦଣ୍ଡବିଧାନ ଲାଗି ରାଜ୍ୟ ସରକାର ପ୍ରାଥମିକତା ଦେଉଥିବା ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ଅନ୍ତର୍ଜାତୀୟ ସ୍ପିରିଟ୍ ଆଣ୍ଡ୍ ୱାଇନ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆର ପ୍ରତିନିଧି ମଣ୍ଡଳି, ମଦ ପ୍ରସ୍ତୁତି ସଂଘର ସିଇଓ, ବିଦେଶୀ ମଦ ବିକ୍ରୟ ସଂଘ ପ୍ରତିନିଧି, ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘ କର୍ମକର୍ତ୍ତା, ଦେଶୀ ମଦ ଦୋକାନୀସମୂହ, ଇଥାନଲ ଓ ମିଥାନଲ୍ ପ୍ରସ୍ତୁତକାରୀଙ୍କ ସମେତ ପଞ୍ଚାୟତିରାଜ, ଶିଳ୍ପ, ପର୍ଯ୍ୟଟନ, ଉଦ୍ୟାନ କୃଷି ଏ ବଂ ଅର୍ଥ ବିଭାଗର ନୋଡ଼ାଲ ଅଧିକାରୀଙ୍କୁ ନେଇ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏକ ସଶକ୍ତ ଇକୋସିଷ୍ଟମ୍ ବିକଶିତ କରି ଦାୟିତ୍ୱପୂର୍ଣ୍ଣ ମଦ୍ୟ ପାନକୁ ଗୁରୁତ୍ୱ ଦିଆଯିବାସହ ସମସ୍ତଙ୍କ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ, ରାଜସ୍ୱ ହାନି ହ୍ରାସ ନେଇ ବୈଠକରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏଥିସହିତ ଦେଶୀ ଓ ବିଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି, ମୂଲ୍ୟ ନିର୍ଦ୍ଧାରଣ, ଟିକସ ଢାଞ୍ଚାର ନବୀକରଣ, ବିଭିନ୍ନ ବିଭାଗ ସହ ସମନ୍ୱୟ, ସଡ଼କ ସୁରକ୍ଷା, ହୋଟେଲ ଶିଳ୍ପ, ବେଆଇନ ମଦ କାରବାର ରୋକିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଅବକାରୀ କମିଶନର ନରସିଂହ ଭୋଳ, ଓଏସ୍ପିସି ଏମ୍ଡି ଅମ୍ବର କର, ସିଜିଏମ୍ ମାନସ ସ୍ୱାଇଁ, ଜିଏମ୍ ସଞ୍ଜୟ ରାଉତଙ୍କ ସମେତ ବିଭିନ୍ନ ବିଭାଗର ନୋଡାଲ ଅଧିକାରୀ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଭିକାରିମୁକ୍ତ ହେବ ଓଡ଼ିଶା : ମନ୍ତ୍ରୀ




**ଭୁବନେଶ୍ୱର :** ରାଜ୍ୟରେ ଏବେ ୫୨୮୪ଜଣ ଭିକାରି ଅଛନ୍ତି ଓ ସେଥିମଧ୍ୟରୁ କଟକରେ ସର୍ବାଧିକ ୧୦୬୦ ଭିକାରି ଅଛନ୍ତି। ଏନେଇ ବିଧାନସଭାରେ ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ, ରାଜ୍ୟରେ ଏବେ ପାଖାପାଖି ୫ହଜାରୁ ଅଧିକ ଭିକାରି ଅଛନ୍ତି। କଟକରେ ସର୍ବାଧିକ ୧୦୬୦ ଭିକାରି ଥିବା ବେଳେ ବରଗଡ଼ରେ ୫୯୫, ଗଞ୍ଜାମରେ ୫୪୫, ବଲାଙ୍ଗୀରରେ ୪୮୨, ସୁନ୍ଦରଗଡ଼ରେ ୪୧୭ ଓ ପୁରୀରେ ୩୫୦ ଭିକାରି ଅଛନ୍ତି। ରାଜ୍ୟକୁ ଭିକାରିମୁକ୍ତ କରିବାକୁ ସରକାର ଚଳାଇଛନ୍ତି ଅଭିଯାନ। ରାଜ୍ୟକୁ ଭିକାରିମୁକ୍ତ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ପୁରୀଠାରେ ନୀଳାଦ୍ରି ନିଳୟ, ଭୁବନେଶ୍ୱରରେ ଏକାମ୍ର ନିଳୟ ଅଭିଯାନ ଜାରି ରହିଛି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ପ୍ରଶ୍ନରେ ଲିଖିତ ଉତ୍ତର ରଖି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ତଥ୍ୟ ଦେଇଛନ୍ତି।

## ୫୫୨ ସରକାରୀ ସ୍କୁଲରେ ଛାତ୍ରୀଙ୍କ ପାଇଁ ନାହିଁ ପୃଥକ ଶୌଚାଳୟ



**ଭୁବନେଶ୍ୱର :** ଓଡ଼ିଶାର ମୋଟ ୫୫୨ଟି ସରକାରୀ ସ୍କୁଲରେ ଛାତ୍ରୀଙ୍କ ପାଇଁ ପୃଥକ ଶୌଚାଳୟ ସୁବିଧା ନାହିଁ। ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ୪୧୨ଟି ପ୍ରାଥମିକ ବିଦ୍ୟାଳୟ, ୧୧୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୨୫ଟି ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ପୃଥକ ଶୌଚାଳୟ ସୁବିଧା ନାହିଁ। ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରି ଗଣ୍ଡ କହିଛନ୍ତି ଯେ ପ୍ରତିବର୍ଷ, ସମଗ୍ର ଶିକ୍ଷା ଅଭିଯାନ (ଏସ୍ଏସ୍ଏ) ଅଧୀନରେ କେନ୍ଦ୍ର ସରକାରଙ୍କୁ ପ୍ରକଳ୍ପ ଅନୁମୋଦନ ବୋର୍ଡ (ପିଏବି) ମାଧ୍ୟମରେ ବାଳିକାମାନଙ୍କ ପାଇଁ ପୃଥକ ଶୌଚାଳୟ ନିର୍ମାଣ ପାଇଁ ପ୍ରସ୍ତାବ ପଠାଯାଏ। ମଞ୍ଜୁର ହେବା ପରେ, କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଥାଏ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ, ବାଳିକାମାନଙ୍କ ପାଇଁ ୭୨୪ଟି ଶୌଚାଳୟ ନିର୍ମାଣ ପାଇଁ ୩୫୪୦.୩୬ ଲକ୍ଷ ଟଙ୍କାର ବଜେଟ୍ ଆବଣ୍ଟିତ ହୋଇଛି। ମନ୍ତ୍ରୀ କହିଛନ୍ତି ଯେ ଏହି ଶୌଚାଳୟ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି। ଏହା ସହିତ, ସରକାର ସ୍କୁଲଗୁଡ଼ିକୁ ଏସ୍ଏସ୍ଏ ଅଧୀନରେ ପ୍ରଦାନ କରାଯାଇଥିବା କମ୍ପୋଜିଟ୍ ଅନୁଦାନକୁ ବ୍ୟବହାର କରି ବିଦ୍ୟମାନ ଶୌଚାଳୟ ଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଏହାର ପୂର୍ଣ୍ଣ ବ୍ୟବହାର ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ।

PLOT FOR SALE
MOUZA:BHOLA




N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

## ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ଭୋକିଲା ପେଟକୁ ଦାନା' କାର୍ଯ୍ୟକ୍ରମ



**କେନ୍ଦ୍ରାପଡା :** ସାରା ଓଡିଶାରେ ପ୍ରତି ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି। ଏହା କୁନି କୁନି ପିଲା ମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହ ପାଇଁ ସୁନ୍ଦର ବ୍ୟବସ୍ଥା। ଛୋଟ ଛୋଟ ପିଲା ମାନେ ଖାଦ୍ୟ ଖାଇବା ପରେ ବଳକା ଖାଦ୍ୟକୁ ଏଣେ ତେଣେ ଫିଙ୍ଗି ଦେଇଥାନ୍ତି। ଏହି ବଳକା ଖାଦ୍ୟକୁ ଏକତ୍ର କରାଇବା ଓ ପରିବେଶକୁ ସଫା ରଖିବା ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ନୂତନ କାର୍ଯ୍ୟକ୍ରମ 'ଭୋକିଲା ପେଟକୁ ଦାନା'। ଏହି କାର୍ଯ୍ୟକ୍ରମ କେନ୍ଦ୍ରାପଡା ଜିଲ୍ଲାର ଚକଡ଼ା ପଞ୍ଚାୟତର ମାଗୁରଗଣ୍ଡ ପାଟଣା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏକ ସିମେଣ୍ଟ କୁଣ୍ଡ ତିଆରି କରି ତା ମଧ୍ୟରେ ବଳକା ଖାଦ୍ୟ ପକାଇବାକୁ ପିଲା ମାନଙ୍କୁ ଶିକ୍ଷା ଦିଆଯାଇଥିଲା। ଏହି ବଳକା ଖାଦ୍ୟକୁ ପକ୍ଷୀ, ପଶୁ, ପୋକ, ମାଛି ପରି ଅନେକ ଜୀବ ଖାଦ୍ୟ ଅଭାବରୁ ବଞ୍ଚି ପାରିବେ। ଏହା ଦ୍ୱାରା କୁନି କୁନି ପିଲା ମାନେ କିଛି ସଂସ୍କାର ଶିଖିବା ଶହ ପରିବେଶର ହିତ ସାଧନରେ ସହଯୋଗରେ ଆସିବେ ବୋଲି ପ୍ରଧାନ ଶିକ୍ଷକ ଭିକାରୀ ଚରଣ ଦାସ ମତ ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ପରିକଳ୍ପନା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଗଛସାରେ ଅନ୍ତର୍ଯ୍ୟାମୀ ସାହୁ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ତପନ କୁମାର ନାଥ, ଭାବଗ୍ରାହୀ ସାହୁ, ନିଗମ ସାହୁ, ବିକ୍ରମ ସାହୁ, ଶୈଳବାଳା ସାମଲ, ଦୁର୍ଗା ମାଧବ ସେଠୀ, ଚିତ୍ରଶିଳ୍ପୀ ଦିନେଶ କୁମାର ବାରିକ୍ ଏବଂ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ଭାତୃତ୍ୱର ନିଆରା ପରମ୍ପରା ୬ଷ୍ଠ ଅର୍ନ୍ତଜାତୀୟ ଧଉଳି କଳା ଉତ୍ସବ

*ରବୀନ୍ଦ୍ର କୁମାର ମହାରଣା*







ଧଉଳି ଚାରୁକଳା ମହାବିଦ୍ୟାଳୟ ଓଡିଶାର ଅନନ୍ୟ ଚିତ୍ରକଳା ଶିକ୍ଷା ଅନୁଷ୍ଠାନ। ଧଉଳି ପାହାଡ଼ର ଶାନ୍ତ ପରିବେଶ ମଧ୍ୟରେ ଅବସ୍ଥିତ ଶାନ୍ତି ସ୍ତୁପର ପାଦ ଦେଶରେ ମୁଣ୍ଡ ଟେକି ଛିଡ଼ା ହୋଇଛି କଳା ଓ କଳାକାରଙ୍କୁ ସମ୍ପର୍କର ଡୋରିରେ ବାନ୍ଧି ରଖିଥିବା ତିନି ଦଶନ୍ଧିର କଳା ଅନୁଷ୍ଠାନ ଧଉଳି ଚାରୁକଳା ମହାବିଦ୍ୟାଳୟ। ଶହ ଶହ କଳାକାର ସୃଷ୍ଟି କରି ଓଡ଼ିଶାର କଳା ଓ ସଂସ୍କୃତିର ବିକାଶ, ପ୍ରଚାର ଓ ପ୍ରସାର ପାଇଁ ସଦା ଚେଷ୍ଟିତ ଏହି ଅନୁଷ୍ଠାନ। ଏହାକୁ ଦୃଷ୍ଟିରେ ରଖି ଅନୁଷ୍ଠାନର ପ୍ରତ୍ୟେକ ଅଧ୍ୟାପକ, କର୍ମଚାରୀ ତଥା ଅଧ୍ୟକ୍ଷ ଡଃ ପଞ୍ଚାନନ ସାମଲ ମହୋଦୟ ରାଜ୍ୟ ନୁହେଁ, ଦେଶ ନୁହେଁ ଅର୍ନ୍ତଜାତୀୟ ସ୍ତରରେ ଓଡିଶାର କଳା ଓ କଳାକାରଙ୍କୁ ସୁପରିଚିତ କରିବାର ପ୍ରୟାସ ହିଁ ୬ଷ୍ଠ ଅର୍ନ୍ତଜାତୀୟ ମହୋତ୍ସବର ବିଶେଷତ୍ୱ। ଆମ ଦେଶର ବିଭିନ୍ନ ବର୍ଗର ଚିତ୍ରଶିଳ୍ପୀଙ୍କ ଚିତ୍ରକଳାକୁ ଅନ୍ୟ ଦେଶର ଚିତ୍ରଶିଳ୍ପୀମାନଙ୍କ ମଧ୍ୟରେ ଅନୁପ୍ରାଣିତ କରିବା ନିମନ୍ତେ ଶିଶୁ ଚିତ୍ରକଳା ପ୍ରଦର୍ଶନୀ, ପଟ୍ଟଚିତ୍ର କର୍ମଶାଳା, କାଗଜ ମୁଖା, ମାଟି ଓ ଗୋବର କଣ୍ଢେଇ , ଟେରାକୋଟା ପରି ଅନେକ ପାରମ୍ପରିକ ହସ୍ତକଳାର ତାଲିମ ସହ ସମସାମୟିକ ଓ ଆଧୁନିକ କଳା,ସ୍ଥାପତ୍ୟ କଳାର ପ୍ରସ୍ତୁତ ଶୈଳୀର ପ୍ରଶିକ୍ଷଣ ଦ୍ୱାରା ଭାତୃତ୍ୱର ଆଦାନ ପ୍ରଦାନ ସମ୍ଭବ ହୋଇଯାଏ। ଏତଦ୍ ବ୍ୟତୀତ ପୂଜ୍ୟ ପୂଜାର ପରମ୍ପରା ସ୍ୱରୂପ ବହୁ ପ୍ରତିଭାବାନ ଶିଶୁ, ଯୁବ, କିଶୋର ଏବଂ ବୟୋଜ୍ୟେଷ୍ଠ ପାରମ୍ପାରିକ ଓ ସମସାମୟିକ ଶିଳ୍ପୀ ମାନଙ୍କ ସୃଜନାତ୍ମକ କର୍ମକୌଶଳର ପରାକାଷ୍ଠାକୁ ସମ୍ମାନ ପ୍ରଦାନ ପରିପେକ୍ଷରେ ପ୍ରତି ବର୍ଷ ଅଙ୍ଗ ବସ୍ତ୍ର, ପୁଷ୍ପଗୁଚ୍ଛ, ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଉଛି। ସୁନାମଧନ୍ୟ, ବୟୋଜ୍ୟେଷ୍ଠ ଏବଂ ସ୍ୱର୍ଗତ ଶିଳ୍ପୀ ମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଭାବାନ ତଥା ସୁଦକ୍ଷ ଶିଳ୍ପୀ ମାନଙ୍କୁ ଶରତ ଚନ୍ଦ୍ର ରଥ ସ୍ମୃତି ସମ୍ମାନ ସହ ବିଭିନ୍ନ ସ୍ମୃତି ସମ୍ମାନ ପ୍ରଦାନ କରିବାର ପରମ୍ପରା ସୃଷ୍ଟି କରିଛି ଧଉଳି ଚାରୁକଳା ମହାବିଦ୍ୟାଳୟ। ବିଗତ ୨୦୧୯ ମସିହାରେ ମହାବିଦ୍ୟାଳୟ ପରିସରରେ ଆରମ୍ଭ କରାଯାଇଥିବା ୧ମ ଅର୍ନ୍ତଜାତୀୟ କଳା ଉତ୍ସବର ପୂର୍ଣ୍ଣ ସଫଳତା ପରେ ପ୍ରତି ବର୍ଷ ପରି ଚଳିତବର୍ଷ ମଧ୍ୟ ୬ଷ୍ଠ ଅର୍ନ୍ତଜାତୀୟ କଳା ମହୋତ୍ସବ ଚଳିତ ମାସ ୨୩ ଓ ୨୪ ତାରିଖରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି। ଅନ୍ତର୍ଜାତୀୟ ଧଉଳି କଳା ଉତ୍ସବ ପାଳନର ପ୍ରଥମ ଦିବସରେ ଉଦ୍ଘାଟନ ଉତ୍ସବ ଅବସରରେ ସକାଳ ୮ ଘ. ୩୦ ମି. ସମୟରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ 'ଭାରତ ବିଶ୍ୱଗୁରୁ ଶୀର୍ଷକ' ଏକ ଚିତ୍ରକଳା ପ୍ରତିଯୋଗିତା, ଅନ୍ତର୍ଜାତୀୟ ଶିଳ୍ପୀ ମାନଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଓ ଚିତ୍ରକଳା ଶିବିର ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ବିଦେଶରୁ ଯଥା ଅଷ୍ଟ୍ରେଲିଆ, ଆମେରିକା, ନେପାଳ, ବାଂଲାଦେଶ, କୋରିଆ ଓ କାନାଡ଼ା ଆଦିରୁ ସୁଦକ୍ଷ ଚିତ୍ରଶିଳ୍ପୀ ମାନେ ଯୋଗଦେବା ସହିତ ଭାରତର ବିଭିନ୍ନ ରାଜ୍ୟରୁ ଚିତ୍ରଶିଳ୍ପୀ ମାନେ ଅଂଶଗ୍ରହଣ କରି ସମସାମୟିକ ଚିତ୍ର ଅଙ୍କନ କରିବେ। କଳା ଉତ୍ସବ ପାଳନ ଅବସରରେ ଓଡ଼ିଶାର ପାରମ୍ପାରିକ ପଟ୍ଟଚିତ୍ର କର୍ମଶାଳା,କାଗଜ ମୁଖା ପ୍ରସ୍ତୁତି,ଆଦିବାସୀ ଚିତ୍ରକଳା ପ୍ରସ୍ତୁତି,ମୁଖା କୃତି ଅଙ୍କନ ପ୍ରଭୃତି ନିପୁଣ ଚିତ୍ରଶିଳ୍ପୀ ମାନଙ୍କ ଦ୍ୱାରା ଶିକ୍ଷା ଦିଆଯିବା ସହ ଚିତ୍ରକଳା ସମ୍ବନ୍ଧୀୟ ଆଲୋଚନା ଚକ୍ର ବରିଷ୍ଠ ଚିତ୍ରଶିଳ୍ପୀ, କଳାଗବେଷକ, ଚାରୁକଳା ଓ କାରୁକଳା ପ୍ରତି ଅନୁରକ୍ତ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଏତଦ୍ ବ୍ୟତୀତ ସାନ୍ଧ୍ୟ ଅଧିବେଶନରେ ଦିବ୍ୟଂଗତ ଓ ସୁପ୍ରତିଷ୍ଠିତ ଚିତ୍ରଶିଳ୍ପୀଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ଏହି ଶୁଭ ଅବସରରେ ବିଭିନ୍ନ ରାଜ୍ୟ ତଥା ବିଦେଶର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୪୦୦ ଶିଶୁ ଚିତ୍ରଶିଳ୍ପୀଙ୍କ ଯୋଗ୍ୟ ବିବେଚିତ ଚିତ୍ରକଳାକୁ ନେଇ ଏକ ଅର୍ନ୍ତଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହେଉଥିବାର ସୂଚନା ମହାବିଦ୍ୟାଳୟ ତରଫରୁ ଦିଆଯାଇଛି। ବିଚାରକ ମଣ୍ଡଳୀ ମାନଙ୍କ ଦ୍ୱାରା ଚୟନ ଉତ୍କୃଷ୍ଟ କଳାକୃତି ପାଇଁ ଶ୍ରେଷ୍ଠ ଶିଶୁ ଚିତ୍ରଶିଳ୍ପୀ ସମ୍ମାନ,ବିଦ୍ୟାଳୟ ତଥା ଚିତ୍ରକଳା ଅନୁଷ୍ଠାନ ମାନଙ୍କ କଳାତ୍ମକ କାର୍ଯ୍ୟ ଦକ୍ଷତା ପାଇଁ ଶ୍ରେଷ୍ଠ ଅନୁଷ୍ଠାନ ଏବଂ କଳା ପ୍ରତି ସମର୍ପିତ କଳା ଶିକ୍ଷକ ମାନଙ୍କୁ ମାନପତ୍ର, ସ୍ମୃତି ଫଳକ ଓ ଉପଢୌକନ ପ୍ରଦାନ ପୂର୍ବକ ନିମନ୍ତ୍ରିତ ବରିଷ୍ଠ ଚିତ୍ରଶିଳ୍ପୀ ମାନଙ୍କ ଦ୍ୱାରା କଳା ଆଚାର୍ଯ୍ୟ ସମ୍ମାନରେ ସମ୍ମାନିତ କରାଯିବା ସହ ଶିଶୁ କଳାକାର ମାନଙ୍କ ଦ୍ୱାରା ସନ୍ଧ୍ୟା ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଗାମୀ ବର୍ଷ ମାନଙ୍କରେ ଧଉଳି ଚାରୁକଳା ମହାବିଦ୍ୟାଳୟର ପ୍ରୟାସ ବିଶ୍ୱ ବିଦିତ ଲାଭ କରୁ ଏହା ହିଁ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ପଦାରବିନ୍ଦରେ କୋଟି କୋଟି ପ୍ରଣାମ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**